
ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 • ISSUE-136 • WEDNESDAY • 12 NOVEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୧୩୬ • ବୁଧବାର • ୧୨ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦



୨୦୨୬ ଫିଫା ବିଶ୍ୱକପ୍ ପରେ ଅବସର ନେବେ ରୋନାଲ୍ଡୋ

▸ପୃଷ୍ଠା ୧୨ ଦେଖନ୍ତୁ...


# ପୁଣ୍ୟ ସ୍ମୃତିରେ...



## ଓଡ଼ିଶାର ମସଲା ସମ୍ରାଟ

# ଡ଼. ଶରତ କୁମାର ସାହୁ

## ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍

୧୪.୦୬.୧୯୫୦ - ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ ।
ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର
ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।

RUCHI FOODLINE | CELEBRATING 50 YEARS | 50 Saal Aapke Sehat Ke Saath ...
FROZIT "Time Ki Bachat, Eat Fresh Fatafat"
FarrmB Family of Master Artisans
RUCHI Tea Dum Hardam
RUCHI PRATIVA FOUNDATION CUTTACK
RAYS FOUNDATION

# ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ବିସ୍ଫୋରଣ ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା। ଏଥିରେ ଆମୋନିୟମ ନାଇଟ୍ରେଟ ଫୁଏଲ ଅଏଲ (ଏଏନଏଫଓ) ଏବଂ ଡିଟୋନେଟର୍ସ ବ୍ୟବହାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି। ଘଟଣାସ୍ଥଳରୁ ଆମୋନିୟମ ନାଇଟ୍ରେଟ (ଏଏନ) ମିଳିଛି। ଏହି ବିସ୍ଫୋରକ ଆଇଇଡିଠାରୁ ଭୟଙ୍କର ହୋଇଥିଲେ ବି ସହଜରେ ମିଳି ଯାଇଥାଏ। କମ୍ ଖର୍ଚ୍ଚରେ ଏହା ଅଧିକ କ୍ଷୟକ୍ଷତି ଘଟାଇ ଥାଏ। ଏଥିପାଇଁ ଆତଙ୍କବାଦୀ ମାନେ ଏହାକୁ ବ୍ୟବହାର କରୁଛନ୍ତି। ତେବେ ଫରେନସିକ ରିପୋର୍ଟ ଆସିବା ପରେ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

ଗତ ସପ୍ତାହରେ ପର୍ଦ୍ଦାଫାସ ହୋଇଥିବା ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲୋର ସଦସ୍ୟ ଡ. ମହମ୍ମଦ ଉମର ଏହି ଆତ୍ମଘାତୀ ବିସ୍ଫୋରଣ କରିଥିବା କୁହାଯାଉଛି। ସେ ନିଜ ଦୁଇ ସହଯୋଗୀଙ୍କ ସହ ମିଶି ଏହି ଯୋଜନା କରିଥିଲା। ଏଥିରେ ବ୍ୟବହୃତ ଏଏନଏଫଓ ଅଧିକ ଜ୍ୱଳନଶୀଳ ପଦାର୍ଥ। ବିଶେଷ କରି ଉଦ୍ୟୋଗିକ ବିସ୍ଫୋରଣ ଲାଗି ଏହାକୁ ବ୍ୟବହାର କରାଯାଇଥାଏ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିପୁଳ ବିସ୍ଫୋରକ ସହ ସହଯୋଗୀ ଡ. ମୁଜାମିଲ ସକିଲ ଗିରଫ ହେବା ପରେ ଡ. ଉମର ଭୟଭୀତ ହୋଇ ଯାଇଥିଲା। ପରେ ସେ ଦୁଇ ସହଯୋଗୀଙ୍କ ସହାୟତାରେ ଏକ କାର୍‌ରେ ଡେଟୋନିଟର ସହିତ ଅନ୍ୟ ବିସ୍ଫୋରକ ନେଇ ଲାଲକିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା। ଏହି ବିସ୍ଫୋରକ କେଉଁଠୁ ଆସିଥିଲା ଏବଂ କିଏ ଆଣିଥିଲା ଏବେ ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଏହି ଏଏନ ପ୍ରସ୍ତୁତ କରିବାକୁ ଆମୋନିଆ ଏବଂ ନାଇଟ୍ରିକ ଏସିଡର ରାସାୟନକି ପ୍ରତିକ୍ରିୟା କରାଯାଇଥାଏ। କିନ୍ତୁ ଏଏନ ବିସ୍ଫୋରକ ହୋଇ ନଥାଏ। ଡିଜେଲ କିମ୍ବା ଅନ୍ୟ କୌଣସି ଇନ୍ଧନ ସହ ମିଶାଇ ଦେଲେ ଏହା ବିପଜ୍ଜନକ ବୋମା ପାଲଟି ଯାଇଥାଏ। ଏହି ବିସ୍ଫୋରଣର ବେଗ ଘଣ୍ଟାପ୍ରତି ୧୪ ହଜାର କିମି ରହିଥାଏ। ଏହା ଦ୍ୱାରା ଯେଉଁ ତରଙ୍ଗ ସୃଷ୍ଟି ହୋଇଥାଏ ତାହା ଶବ୍ଦଠାରୁ ୫ ଗୁଣ ଅଧିକ। ଅନ୍ୟପଟେ ଏହି ବିସ୍ଫୋରଣ ଭେଇକିଲ-ବର୍ଣ୍ଣ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋଜିଭ ଡିଭାଇସ (ଭିବିଆଇଡି) ଥିବା କୁହାଯାଉଛି। କାରଣ ପୂର୍ବରୁ ଆତଙ୍କବାଦୀ ଏହାର ବ୍ୟବହାର କରିଛନ୍ତି। ଏକ ଗାଡ଼ିରେ ବିସ୍ଫୋରକ ନେଇ ତାହାକୁ ଉଡ଼ାଇ ଦିଅନ୍ତି। ଏହି ପ୍ରକ୍ରିୟାକୁ ଠାବ କରିବା ଅତ୍ୟନ୍ତ କଷ୍ଟସାଧ ହୋଇଥାଏ। ଆତଙ୍କବାଦୀଙ୍କୁ ଚିହ୍ନଟ କରି ଜେରା କରିବା ମଧ୍ୟ କାଠିକର ହୋଇଥାଏ।

## ଦିଲ୍ଲୀ ନୁହେଁ; ଉତ୍ତର ପ୍ରଦେଶରେ ହେବାର ଥିଲା ବିସ୍ଫୋରଣ



ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଯେଉଁ ବିସ୍ଫୋରଣ ହୋଇଥିଲା ତାହାକୁ ୪୬୦ କିମି ଦୂର ଉତ୍ତର ପ୍ରଦେଶ (ୟୁପି) ରେ କରାଇବାକୁ ଯୋଜନା କରାଯାଇଥିଲା। ଜମ୍ମୁ-କଶ୍ମୀର ପୁଲିସ ଏବଂ ଗୁଜରାଟ ଏଟିଏସ ପକ୍ଷରୁ ଦିଆଯାଇଥିବା ଏହି ସୂଚନା ୟୁପି ସୁରକ୍ଷା ଏଜେନ୍ସି ଗୁଡିକର ହୋସ୍ ଉଡ଼ାଇ ଦେଇଛି। ୟୁପିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଏହି ସୂଚନା ମିଳିବା ପରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ଆତଙ୍କବାଦୀଙ୍କ ନିଶାଣରେ ଲକ୍ଷ୍ନୌ, କାଶୀ, ମଥୁରା, ଅଯୋଧ୍ୟା ଭଳି ବଡ଼ ସହର ଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ୟୁପିରେ ଦୁଇଟି ଅଲଗା ଅଲଗା ଆତଙ୍କବାଦୀ ମଡ୍ୟୁଲୋ ସାମ୍ନାକୁ ଆସିଥିଲା। ଗୋଟିଏକୁ ଗୁଜରାଟ ପୁଲିସ ଏବଂ ଅନ୍ୟଟିକୁ ଜମ୍ମୁ-କଶ୍ମୀର ପୁଲିସ ବିଫଳ କରିଦେଇଛି। ଏଥିପାଇଁ ଆତଙ୍କବାଦୀ ଅନ୍ୟ ଯୋଜନା କରୁଛନ୍ତି।

# ଫରିଦାବାଦରୁ ବାହାରିଲା, ଲାଲକିଲ୍ଲାରେ ଅଟକିଲା

ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। କଳା ରଙ୍ଗର ମାସ୍କ ପିନ୍ଧିଥିବା ଜଣେ ଯୁବକ ପାର୍କିଂରୁ କାର୍ ଧରି ବାହାରୁ ଥିବା ଦେଖାଯାଉଛି। ସୂଚନା ଅନୁଯାୟୀ କାର୍‌ରେ ବସିଥିବା ସନ୍ଦିଗ୍ଧ ବ୍ୟକ୍ତିର ମୁହଁ ଡ. ମହମ୍ମଦ ଉମର ନବି ସହ ମେଳ ଖାଉଛି। ସେ ପୁଲୱାମାର ବାସିନ୍ଦା। ସେ ଫରିଦାବାଦର ଅଲ ଫଲାହ ୟୁନିଭର୍ସିଟିରେ ପ୍ରାଧ୍ୟାପକ ଥିଲା। ସେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ସହ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେ ହରିୟାଣାର ଫରିଦାବାଦ ଆତଙ୍କୀ ମଡ୍ୟୁଲୋରେ ସାମିଲ ଥିବା ସୁରକ୍ଷା ବାହିନୀ ଗୁଡ଼ିକ ସନ୍ଦେହ କରୁଛନ୍ତି। ଦିଲ୍ଲୀରେ ବିସ୍ଫୋରଣ ହେବାର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀର ପୁଲିସ ଫରିଦାବାଦରୁ ଏକ ଆତଙ୍କବାଦୀ ମଡ୍ୟୁଲୋରେ ସାମିଲ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୯୦୦ କେଜି ବିସ୍ଫୋରକ, ଏକ ଆସଲ୍ଟ ଏବଂ ଏକେ-୪୭ ରାଇଫଲ ଜବତ କରାଯାଇଥିଲା। ଜୈସ ସହ ସଂଶ୍ଳିଷ୍ଟ ଥିବା ୪ ଡାକ୍ତରଙ୍କୁ ପୁଲିସ ଖୋଜୁଥିଲା। ଏଥିରେ ଡ.ଉମର ମଧ୍ୟ ସାମିଲ ଥିଲା। ଏହି ତିନି ଜଣ ଡାକ୍ତର ଗିରଫ ହେବା ପରେ ଉମର ଦିଲ୍ଲୀରେ ଆତ୍ମଘାତୀ ଆକ୍ରମଣ କରିଥିଲା ବୋଲି କୁହାଯାଉଛି।

ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ପୂର୍ବରୁ ଆଇ-୨୦ କାର୍ ଏକ ପାର୍କିଂ ନିକଟରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହୋଇଥିଲା। ଏହି କାର୍‌ରେ ଆତଙ୍କବାଦୀ ଉମର ତିନି ଘଣ୍ଟା ପର୍ଯ୍ୟନ୍ତ ବସିଥିଲା। ସେ କିଛି ସେକେଣ୍ଡ ପାଇଁ ବି କାର୍‌ରୁ ବାହାରି ନ ଥିଲା। ଏଠାରେ ସେ କାହାକୁ ଅପେକ୍ଷା କରି ବସିଥିଲା କିମ୍ବା କାହାର ନିର୍ଦ୍ଦେଶକୁ ଚାହିଁ ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୫୨ରେ ଏହି କାର୍ ମନ୍ଥର ଗତିରେ ଆସି ଲାଲକିଲ୍ଲା ନିକଟସ୍ଥ ମେଟ୍ରୋ ଷ୍ଟେସନର ଟ୍ରାଫିକ ସିଗ୍ନାଲ ନିକଟରେ ପହଞ୍ଚି ଥିଲା। ଏଠାରେ ବିସ୍ଫୋରଣ ହୋଇଥିଲା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଉଥିବା କୁହାଯାଉଛି। କିନ୍ତୁ ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା କି ନାହିଁ ତାହା ଜଣାପଡ଼ି ନାହିଁ। ଡିଏନ୍ଏ ଯାଞ୍ଚ ପାଇଁ ଉମରର ମାଆଙ୍କ ନମୁନା ସଂଗ୍ରହ କରାଯାଇଛି। ଅନ୍ୟପଟେ ବିସ୍ଫୋରଣର ଦୁଇ ସପ୍ତାହ ପୂର୍ବରୁ ଗତ ୨୯ ତାରିଖରେ ଏହି କାର୍‌ର ପ୍ରଦୂଷଣ ପରୀକ୍ଷା ହେଉଥିବାର ଭିଡିଓ ସାମନାକୁ ଆସିଛି। ଏହା ମଧ୍ୟରେ ଡ.ଉମର ନବିର ଭାଉଜ ମୁଜମିଲା କହିଛନ୍ତି ଯେ ପୁଲିସ ମୋ ସ୍ୱାମୀ, ଦିଅର ଏବଂ ଶାଶୁଙ୍କୁ ଉଠାଇ ନେଇଛି। ଉମର ଦିଲ୍ଲୀରେ ଥିବା କହିବାରୁ ଜେରା ପାଇଁ ସମସ୍ତଙ୍କୁ ନେଇ ଯାଇଥିଲେ। ଗତ ଶୁକ୍ରବାର ଶେଷ ଥର ପାଇଁ ଉମର ଘରଲୋକଙ୍କ ସହ କଥା ହୋଇଥିଲା। ତାର ନିର୍ବନ୍ଧ ହୋଇ ସାରିଥିଲା। ସେ ଗତ ଦୁଇ ମାସ ହେଲା ଘରକୁ ଆସି ନ ଥିଲା।



ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ପ୍ରଶ୍ନ ଉଠାଯାଉଛି। ଏହା ଆତଙ୍କବାଦୀ, ଅପରାଧି, ଯୌନ ଉତ୍ପୀଡ଼ନର ସୁରକ୍ଷିତ ପ୍ଲାଟଫର୍ମ ପାଲଟି ଥିବା ଅଭିଯୋଗ ହେଉଛି। କାରଣ ଏହାର ମେସେଜ ଆପେ ଆପେ ଡିଲିଟ ହୋଇଯାଉଛି।

## ୭ ଥର କିଣାବିକା ହୋଇଥିଲା କାର୍

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ସୋମବାର ଲାଲ୍‌କିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ସନ୍ଧ୍ୟା ୬.୫୨ ମିନିଟ୍‌ରେ ଏକ ହୁଣ୍ଡାଇ ଆଇ୨୦ କାର୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ଏହି କାର୍ ୭ ଥର ବିକାକିଣା ହୋଇଥିଲା। ରୟାଲ କାର ଜୋନ୍‌ର ମାଲିକ ସୋନୁଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ହରିୟାଣା ପୁଲିସ ତାଙ୍କୁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛି। ଶେଷଥର ପାଇଁ ସୋନୁ ହିଁ ଏହି କାର୍ ବିକ୍ରି କରିଥିଲେ। ୪ ଦିନ ତଳେ ଓଏଲ୍‌ଏକ୍ସ ଜରିଆରେ ସେ ଏହି କାର୍‌କୁ ବିକିଥିଲେ। କିନ୍ତୁ ଏହାପୂର୍ବରୁ ଏହି ହୁଣ୍ଡାଇ କାର ୬ଥର କିଣାବିକା ହୋଇଥିଲା। ଏବେ ଏହି କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ୩ ଜଣ ଲୋକ ବସିଥିବାର ଦେଖାଯାଇଛି। ଏହି ଫୁଟେଜ ଦିଲ୍ଲୀ-ମୁମ୍ବଇ- ଭଦୋଦରା ଏକ୍ସପ୍ରେସୱେର ସର୍ଭିସ ଲାଇନ୍‌ରେ ଥିବା ପେଟ୍ରୋଲ ପମ୍ପ ନିକଟର ବୋଲି ଜଣାଯାଇଛି। କାର୍‌ରେ ଲମ୍ବା ଦାଢ଼ି ରଖିଥିବା ତାରିକ ନାମକ ବ୍ୟକ୍ତି ବସିଥିବାର ଦେଖାଯାଇଛି। ଅକ୍ଟୋବର ୨୯ରେ ସନ୍ଧ୍ୟା ୪ଟା ୨୦ରେ କାର୍‌ର ପଲ୍ୟୁସନ ସାର୍ଟିଫିକେଟ୍ ବାହାର କରାଯାଇଥିଲା। ଏହି କାର ଗୁରୁଗ୍ରାମ ଆରଟିଓରେ ମହମ୍ମଦ ସଲମାନ ନାମରେ ପଞ୍ଜିକୃତ ହୋଇଛି।

## ଭାଇ ଗିରଫ, ମାଆ ଅଟକ

ଶ୍ରୀନଗର, ୧୧।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ୨୦ ଘଣ୍ଟା ପରେ ମାମଲାର ତଦନ୍ତ ଦାୟିତ୍ୱ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ପାଖକୁ ଯାଇଛି। ଆଜି ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ମେଟ୍ରୋ ଷ୍ଟେସନ ପାର୍କିଂରୁ ବାହାରୁ ଥିବା ଏହି କାର୍‌ରେ କଳା ମାସ୍କ ପିନ୍ଧି ଜଣେ ବ୍ୟକ୍ତି ବସିଥିବା ଦେଖାଯାଉଛି। ପୁଲିସ ସୂଚନା ଅନୁଯାୟୀ, ଏହି ବ୍ୟକ୍ତିର ନାମ ଡ. ମହମ୍ମଦ ଉମର ନବି। ସେ ପୁଲୱାମାର ବାସିନ୍ଦା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା କୁହାଯାଉଛି। ଡିଏନଏ ଟେଷ୍ଟ କରିବା ପାଇଁ ଜମ୍ମୁ-କଶ୍ମୀର ପୁଲିସ ପୁଲୱାମାରୁ ତାହାର ମାଆ ଏବଂ ଦୁଇ ଭାଇଙ୍କୁ ହେପାଜତକୁ ନେଇଛି। ନବିର ସାଙ୍ଗ ଡ. ସଜ୍ଜାଦକୁ ମଧ୍ୟ ଗିରଫ କରାଯାଇଛି। ଦିନେ ତଳେ ସେ ବିବାହ କରିଥିଲା। ଅନ୍ୟପକ୍ଷରେ ହରିୟାଣାର ଫରିଦାବାଦରୁ ଅନ୍ୟ ଜଣେ ମହିଳା ଡ. ସାହିନ ସାହିଦକୁ ଗିରଫ କରାଯାଇଛି। ସେ ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖା 'ଜମାତ-ଉଲ-ମୋମିନତ'ର ମୁଖ୍ୟ ଥିଲା। ପାକିସ୍ତାନରେ ଥିବା ଆତଙ୍କବାଦୀ ଅଜହର ମସୁଦର ଭଉଣୀ ଏହି ମହିଳା ଶାଖାର ମୁଖ୍ୟ ରହିଛି।

## ଆତଙ୍କବାଦୀର ପ୍ରେମିକା ଓ ଭାଇ ଘରେ ଚଢ଼ଉ

ଲକ୍ଷ୍ନୌ: ଦିଲ୍ଲୀ ବିସ୍ଫୋରଣକୁ ନେଇ ଉତ୍ତର ପ୍ରଦେଶ (ୟୁପି) ଏଟିଏସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଏଟିଏସ ଟିମ୍ ସହିତ ଜମ୍ମୁ-କଶ୍ମୀର ପୁଲିସ ମଙ୍ଗଳବାର ଦ୍ୱିପହରେ ଡ. ସାହିନ ସାହିଦର ଘରେ ପହଞ୍ଚିଛି। ତାର ଘର ଲକ୍ଷ୍ନୌର ଲାଲବାଗ ଅଞ୍ଚଳ ସ୍ଥିତ ଖନ୍ଦାରୀ ବଜାରରେ ରହିଛି। ଏହି ଟିମ୍ ସମ୍ପୂର୍ଣ୍ଣ ଘରର ତଲାସୀ ନେଇଛି। ଆଖପାଖର ପଡୋଶୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ସାହିନକୁ ଫରିଦାବାଦରୁ ସୋମବାର ଗିରଫ କରାଯାଇଥିଲା। ସେ ଗିରଫ ଡ.ମୁଜମ୍ମିଲ ସକିଲର ପ୍ରେମିକା। ଜମ୍ମୁ-କଶ୍ମୀର ପୁଲିସ ତା କାର୍‌ରୁ ଏକେ-୪୭, ପିସ୍ତଲ ଏବଂ କ୍ୟାଟ୍ରିଜ ଜବତ କରିଥିଲା। ଏହା ପୂର୍ବରୁ ପୁଲିସ ଟିମ୍ ମଡିୟାଁଓ ଥାନା ଅଧିନସ୍ଥ ସାହିନର ଭାଇ ଡ.ପରଭେଜ ଅନ୍‌ସାରୀର ଘରେ ତିନି ଘଣ୍ଟା ପର୍ଯ୍ୟନ୍ତ ଚଢ଼ଉ କରିଥିଲା। ଫାଟକରେ ତାଲା ପଡ଼ିଥିବାରୁ ଏହାକ ଭାଙ୍ଗି ପୁଲିସ ତଲାସୀ ନେଇଥିଲା। ଏହି ଘରେ କେହି ନ ଥିବା ଜଣା ପଡ଼ିଥିଲା। ପଡ଼ୋଶୀ କହିଥିଲେ ଯେ ବୃଦ୍ଧ ପିତା ସୈୟଦ ଅନ୍‌ସାରୀ ସହ ପରଭେଜ ଅନସାରୀ ଏହି ଘରେ ରହୁଛି। ସେ ଲୋକଙ୍କ ସହ ବେଶୀ ମିଳାମିଶା କରେନି। ସାହରନପୁରର ଡେରାଡୁନ ଛକରେ ପରଭେଜର କ୍ଲିନିକ ରହିଛି। ଏଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଡିଜିଟାଲ ଡିଭାଇସ, କାର୍ ଏବଂ ବାଇକ ମିଳିଛି। ଏହି ମାମଲାର ଯାଞ୍ଚ ଜାରି ରହିଛି। ଘର ବାହାରେ ଥିବା କାର୍‌ରେ ଇଣ୍ଟିଗ୍ରାଲ ୟୁନିଭର୍ସିଟିର ପାସ୍ ଲାଗିଛି। ଏହି କାର୍‌କୁ ସହାରନପୁରରୁ କ୍ରୟ କରାଯାଇଥିଲା।

## ପ୍ରାଧ୍ୟାପିକା ସାହିନ ଥିଲା ଆତଙ୍କବାଦୀର ସହଯୋଗୀ



କାନପୁର: ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାର ଅଭିଯୁକ୍ତ ଡ.ମୁଜାମିଲ ସକିଲକୁ ଗିରଫ କରିବା ପରେ ତାର ସହଯୋଗୀ ତଥା ପ୍ରେମିକା ଡ. ସାହିନକୁ ଧରାଯାଇଛି। ସେ ପୂର୍ବରୁ କାନପୁରର ଗଣେଶ ଶଙ୍କର ବିଦ୍ୟାର୍ଥୀ ମେଡିକାଲ କଲେଜ (ଜିଏସଭିଏମ)ରେ କାର୍ଯ୍ୟରତ ଥିଲା। ସେ ୨୦୦୬ରେ ଜିଏସଭିଏମରେ ଫାର୍ମାକୋଲଜିଷ୍ଟ ଡିପାର୍ଟମେଣ୍ଟର ସହାୟକ ପ୍ରାଧ୍ୟାପିକା ଭାବେ ସାମିଲ ହୋଇଥିଲା। ସେ ଏଠାରେ ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହା ପରେ ବିନା ସୂଚନାରେ କୁଆଡେ ଗାଏବ ହୋଇଯାଇଥିଲା। ସୂଚନାଅନୁଯାୟୀ ଡ. ସାହିନ ସୈୟଦ ପ୍ରୟାଗରାଜରୁ ଏମ୍‌ବିବିଏସ କରିଥିଲା। ତାର ସ୍ୱାମୀ ଡ.ଜାଫର ସୈୟଦ ଚକ୍ଷୁ ଡାକ୍ତର ଥିଲା।

ଜାଫରଠୁ ଛାଡ଼ପତ୍ର ନେବା ପରେ ସାହିନ ଆତଙ୍କବାଦୀ ଡ. ମୁଜାମ୍ମିଲର ପ୍ରେମିକା ପାଲଟି ଯାଇଥିଲା। ତେବେ ସାହିନକୁ ମୁଜାମିଲ କେଉଁଠି ଭେଟିଥିଲା, ଏହି ବିସ୍ଫୋରଣରେ ତାର କି ସମ୍ପର୍କ ରହିଛି ତାହା ସାମ୍ନାକୁ ଆସିନାହିଁ। ସାହିନ ଭାରତରେ ଆତଙ୍କବାଦୀ ସଂଗଠନ ଜୈସର ମହିଳା ଶାଖା ମୁଖ୍ୟ ଥିଲା। ସେ ଭାରତରେ ମହିଳାଙ୍କୁ ଆତଙ୍କବାଦରେ ସାମିଲ କରାଉ ଥିଲା। ଜୈସର ଜମାତ-ଉଲ-ମୋମନତ ସଂଗଠନ ସହ ସାହିନ ଜଡ଼ିତ ଥିଲା। କଲେଜ ସୂତ୍ରରୁ ଜଣାପଡ଼ିଛି ଯେ ଡ. ସାହିନ ସାହିଦ ୟୁପିପିଏସସିରୁ ଚୟନ ହୋଇ ପ୍ରାଧ୍ୟାପିକା ହୋଇଥିଲା। ୨୦୦୯ରେ ୬ ମାସ ପାଇଁ ତାଙ୍କ ବଦଳି କନୌଜ ମେଡିକାଲ କଲେଜକୁ ହୋଇଥିଲା। ଏହା ପରେ ୨୦୧୦ରେ ପୁଣି ସେ କାନପୁର ଆସି ଯାଇଥିଲା। ତେବେ ୨୦୧୩ରେ ସେ କାହାକୁ ନ ଜଣାଇ ଗାଏବ ହୋଇ ଯାଇଥିଲା। ଅନେକ ନୋଟିସ ପଠାଇବା ପରେ ବି ସେ କୌଣସି ଜବାବ ଦେଇ ନ ଥିଲା। କଲେଜ ପକ୍ଷରୁ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ ୨୦୨୧ରେ କଲେଜ ତାକୁ ବରଖାସ୍ତ କରିଦେଇଥିଲା। ମେଡିକାଲ କଲେଜର ଡାକ୍ତରଙ୍କ ଅନୁଯାୟୀ ସାହିନର ବ୍ୟକ୍ତିଗତ ଜୀବନ ମଧ୍ୟ ବିବାଦରେ ଥିଲା। ସେ ୨୦୧୫ରେ ଜାଫର ଠାରୁ ଛାଡ଼ପତ୍ର ନେଇଥିଲା। ଏହା ପରେ ଲକ୍ଷ୍ନୌରେ ରହୁଥିଲା।

## ସନ୍ଦେହରେ ଆଉ ତିନି ଡାକ୍ତର

ଫରିଦାବାଦ୍, ୧୧।୧୧(ଏଜେନ୍ସି): ଫରିଦାବାଦ୍‌ରେ ୨୯୦୦ କେଜି ବିସ୍ଫୋରକ ମିଳିବା ପରେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ପୁଲିସ ଚଢ଼ଉ କରିଛି। ଯାଞ୍ଚ୍ ପାଇଁ ସେଠାରେ ଏନ୍‌ଆଇଏ ଟିମ୍ ପହଞ୍ଚିଛି। ଦେଢ଼ ଘଣ୍ଟା ରେଡ୍ କରିବା ପରେ ଟିମ୍ ସେଠାରୁ ଫେରିଆସିଛି। କିନ୍ତୁ ପୁଲିସ ଏବେ ମଧ୍ୟ ସେଠାରେ ରହିଛି। ପୁଲିସ ବିଶ୍ୱବିଦ୍ୟାଳୟର ଲାବୋରାଟୋରୀରେ କାର୍ଯ୍ୟ କରୁଥିବା ୩ ଜଣ ଲୋକଙ୍କୁ ପଚରାଉଚରା କରିବା ପାଇଁ ଗିରଫ କରିଛି। ତେବେ ଏହି ୩ ଜଣ ବିଶ୍ୱବିଦ୍ୟାଳୟ ଛାତ୍ର କିମ୍ବା କର୍ମଚାରୀ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହାପରେ ପୁଲିସ ଫରିଦାବାଦ୍‌ର ଫତେପୁର ତଗା ଗାଁରେ ଥିବା ମସଜିଦ୍‌ରେ ଯାଞ୍ଚ୍ କରୁଛି। ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ସକିଲ୍ ତଗା ମସଜିଦକୁ ନମାଜ ପଢ଼ିବା ପାଇଁ ଯାଇଥାଏ। ସେଠାରେ ଥିବା ଅନ୍ୟ ଧାର୍ମିକ ଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି ଓ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ହ୍ୱାଟ୍ସଆପ୍ ଚାଟ ଡିଲିଟ୍ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଦିଲ୍ଲୀ ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଉମର ନବୀ ଏହି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିଲା। ସୋମବାର ବିସ୍ଫୋରଣ ଦିନ ଉମର ଏହି ବିଶ୍ୱବିଦ୍ୟାଳୟରୁ ଆଇ୨୦ ଗାଡି ନେଇ ବାହରିଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ପୁଲିସ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟ ସହିତ ଜଡିତ ୩ ଜଣ ଡାକ୍ତର ଆଦିଲ ଅହମ୍ମଦ ରାଠର, ମୁଜାମିଲ ଅହମ୍ମଦ ଗନାଇ ଉରଫ ମୁଜାମିଲ ସକିଲ ଏବଂ ମହିଳା ଡାକ୍ତର ଶାହିନ ଶାହିଦଙ୍କୁ ଗିରଫ କରିଥିଲା। ମଧ୍ୟପ୍ରାଚ୍ୟ ତଥା ଗଲ୍ ଦେଶଗୁଡିକର ପାଣ୍ଠିରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ବୋଲି କୁହାଯାଉଛି।

# ଉଜୁଡ଼ିଗଲା ଡିଟିସି କଣ୍ଡକ୍ଟର, ଟ୍ୟାକ୍ସି ଡ୍ରାଇଭରଙ୍କ ସଂସାର

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଗତକାଲି ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ସାମିଲ ଅଛନ୍ତି। ନିହତ ୧୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କର ଚିହ୍ନଟ ଲାଗି ଡିଏନଏ ପରୀକ୍ଷା କରାଯାଉଛି। ଏଥିପାଇଁ ମୃତକଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ଅପେକ୍ଷା କରି ରହିଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତି ଜାଣିନଥିଲେ ଯେ ମୃତ୍ୟୁ ଏମିତି ଆସିବ ଏବଂ ସେମାନଙ୍କର ସଂସାରକୁ ଉଜାଡ଼ିଦେବ।

ଚିହ୍ନଟ ହୋଇଥିବା ମୃତ ବ୍ୟକ୍ତି ହେଲେ ଅମର କଟାରିଆ, ନୋମାନ ଅନସାରୀ, ମୋହସିନ, ମହମ୍ମଦ ଜୁମ୍ମନ, ପଙ୍କଜ ସାହିନୀ , ଅଶୋକ କୁମାର ଏବଂ ଲୋକେଶ ଅଗ୍ରୱାଲ।

ଏହି ବିସ୍ଫୋରଣରେ ଅନେକ ଲୋକ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତର ପ୍ରଦେଶ ସାମଲି ଜିଲ୍ଲା ଝିନ୍ଝନ ସହରର ବାସିନ୍ଦା ନୋମାନ ଅନସାରୀ। ସେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ଘରେ ଉପରେ ଏବେ ଚଡ଼କ ପଡ଼ିଯାଇଛି। ସେହିପରି ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସାମିଲ ଜିଲ୍ଲାର ନୋମାନ ପ୍ରାଣ ହରାଇଛନ୍ତି। ସେ ବ୍ୟବସାୟ ପାଇଁ ସାମଗ୍ରୀ ଆଣିବାକୁ ସମ୍ପର୍କୀୟ ଭାଇ ଅମାନଙ୍କ ସହ ଦିଲ୍ଲୀ ଯାଇଥିଲେ। କିଣାବିକା ସାରିବା ପରେ ନୋମାନ ଆଉ କିଛି ଜିନିଷ ଆଣିବାକୁ ଚାନ୍ଦିନ ଚୌକ ଯିବାକୁ ବାହାରି ଥିଲେ। ମାତ୍ର ଏହାର କିଛି ମିନିଟ ମଧ୍ୟରେ ବିସ୍ଫୋରଣ ଘଟି ନୋମାନ ପ୍ରାଣ ହରାଇ ଥିଲେ। ତେବେ ଅମାନ ଅଳ୍ପକେ ବର୍ତ୍ତି ଯାଇ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ମୃତକଙ୍କ ମଧ୍ୟରେ ଡିଟିସି କଣ୍ଡକ୍ଟର ଅଶୋକ କୁମାର (୩୪) ସାମିଲ ଅଛନ୍ତି। ସେ ତାଙ୍କ ବନ୍ଧୁ ଲୋକେଶ ଅଗ୍ରୱାଲଙ୍କ ସହିତ ବାଇକରେ ଯାଉଥିଲେ। ସେମାନେ ଯେଉଁ କାର ପଛେ ଯାଉଥିଲେ, ତାହା ବିସ୍ଫୋରଣ ହୋଇଥିଲା। ଦୁହେଁ ପ୍ରାଣ ହରାଇଛନ୍ତି। ସେମା ।ନେ ଅମରୋହା ଜିଲ୍ଲାର ବାସିନ୍ଦା। ଟ୍ୟାକ୍ସି ଚଳାଉଥିବା ସେହିଭଳି ପଙ୍କଜ ସାହିନୀ (୨୨) ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ତିନି ବର୍ଷ ହେଲା ସେ ଦିଲ୍ଲୀରେ ଟ୍ୟାକ୍ସି ଚଳାଉ ଥିଲେ। ବିହାର ସମସ୍ତିପୁରର ସାହିନୀ ନିଜ ସମ୍ପର୍କୀୟଙ୍କୁ ଛାଡ଼ିବା ପାଇଁ ପୁରୁଣା ଦିଲ୍ଲୀ ରେଳ ଷ୍ଟେସନକୁ ଯାଇଥିଲେ। ବିସ୍ଫୋରଣ ପରଠୁ ତାଙ୍କ ଫୋନ୍ ସ୍ୱିଚ୍‌ଅଫ ହୋଇଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏବେ ମୃତଦେହ ନେବା ପାଇଁ ତାଙ୍କ ପରିବାର ସଦସ୍ୟ ହସ୍ପିଟାଲ ବାହାରେ ଅପେକ୍ଷା କରି ରହିଛନ୍ତି। ଇ-ରିକ୍ସା ଡ୍ରାଇଭର ମୋହସିନ ଗତକାଲି ସନ୍ଧ୍ୟାରେ ଯାତ୍ରୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ତେବେ ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଦୁଇ ବର୍ଷ ତଳେ ସେ ଦିଲ୍ଲୀ ଆସିଥିଲେ ଏବଂ ଘରର ଏକମାତ୍ର ରୋଜିଗାରିଆ ବ୍ୟକ୍ତି ଥିଲେ। ଅନ୍ୟତମ ମୃତ ବ୍ୟକ୍ତି ହେଲେ ଅମର କଟାରିଆ। ସେ ଔଷଧ ବ୍ୟବସାୟ କରୁଥିଲେ। ସେହିପରି ବିସ୍ଫୋରଣ ଯୋଗୁଁ ଏକ ଧାତବ ପଦାର୍ଥ ଆସି ପେଟରେ ବାଜିବାରୁ ଅଟୋ ଡ୍ରାଇଭର ଅବଧେଶ ମଣ୍ଡଳ ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗାଡ଼ି ଚଳାଇ ଚାରି କିମି ଦୂର ହସ୍ପିଟାଲରେ ପହଞ୍ଚି ଥିଲେ। ଏହା ବ୍ୟତୀତ ୩୪ ବର୍ଷୀୟ ଆଜାଦ ଆଲମଙ୍କ ଦେହରେ ଲୁହା ଏବଂ କାଚ ଆଦି ମାଡ଼ ହୋଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ନିଜ ଭାଇକୁ ଫୋନ କରିଥିଲେ।



## ପାକିସ୍ତାନ କୋର୍ଟରେ ଆତ୍ମଘାତୀ ଆକ୍ରମଣ: ୧୨ ମୃତ

ଇସଲାମାବାଦ୍, ୧୧।୧୧(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦ୍‌ର ଡିଷ୍ଟ୍ରିକ୍ଟ କୋର୍ଟ ନିକଟରେ ମଙ୍ଗଳବାର ଅପରାହ୍ଣ ୧ଟାରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୨ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୨୭ ଜଣ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକର ରିପୋର୍ଟରୁ ଜଣାପଡ଼ିଛି। ମୃତକ ଓ ଆହତଙ୍କ ମଧ୍ୟରେ ଅଧିକାଂଶ ଓକିଲମାନେ ରହିଛି ବୋଲି କୁହାଯାଇଛି। ବିସ୍ଫୋରଣର ଶବ୍ଦ ଏତେ ତୀବ୍ରଥିଲା ଯେ ଏହା ୬ କିମି ଦୂରରେ ଥିବା ପୁଲିସ ଲାଇନ ହେଡକ୍ୱାର୍ଟର ପର୍ଯ୍ୟନ୍ତ ଏହା ଶୁଣିବାକୁ ମିଳିଥିଲା। ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଓ ସୁରକ୍ଷାବଳ ଘଟଣାସ୍ଥଳରେ ପହିଞ୍ଚି ପୂରା ଅଞ୍ଚଳକୁ ଘେରାଉ କରି ଯାଞ୍ଚ ଆରମ୍ଭ କରିଛନ୍ତି। କୋର୍ଟର ପାର୍କି ଅଞ୍ଚଳରେ ଥିବା ଗାଡ଼ିଗୁଡିକରେ ହିଁ ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣରେ ଏକାଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀର ମୁଣ୍ଡ ଘଟଣାସ୍ଥଳରୁ ହିଁ ମିଳିଛି ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ଏହାଏକ ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ବିସ୍ଫୋରଣ ପାଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଅବଶ୍ୟ ଏହି ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ତେବେ ପ୍ରଧାନମନ୍ତ୍ରୀ ସରିଫ ଏଥିପାଇଁ ଭାରତକୁ ଦାୟୀ କରିଛନ୍ତି।

## ନିଠାରୀ ହତ୍ୟା ମାମଲା: ୧୮ ବର୍ଷ ପରେ ମୁକ୍ତ ହେବ ସୁରେନ୍ଦ୍ର କୋଲି

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ବହୁଚର୍ଚ୍ଚିତ ନିଠାରୀ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲି ଖୁବ୍‌ଶୀଘ୍ର ଜେଲ୍‌ରୁ ମୁକ୍ତି ପାଇବ। ସୁପ୍ରିମକୋର୍ଟ ମଙ୍ଗଳବାର ଏହି ହତ୍ୟାକାଣ୍ଡ ସହିତ ଜଡିତ ଅନ୍ତିମ ମାମଲାରେ କୋଲିର ଦଣ୍ଡକୁ ରଦ୍ଦ କରିଛନ୍ତି। ଏଥିସହ ତାକୁ ତୁରନ୍ତ ଖଲାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ କୋଲିଙ୍କ ତରଫରୁ ଦାଏର କରାଯାଇଥିବା କ୍ୟୁରେଟିଭ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ନିଜକୁ ଦୋଷୀ ସାବ୍ୟସ୍ତ କରାଯିବା ବିରୋଧରେ ସେ ଏହି ଆବେଦନ କରିଥିଲେ। ୨୦୧୧ ଫେବୃଆରୀରେ ଏକ ୧୫ ବର୍ଷୀୟା ଝିଅର ହତ୍ୟା ମାମଲାରେ କୋଲିକୁ ଦୋଷୀ ସାବ୍ୟସ୍ତ କରାଯିବାର ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଥିଲେ। ସେହିପରି ୨୦୧୪ ଅକ୍ଟୋବର ୨୮ରେ କୋଲିରଙ୍କ ପୁନର୍ବିଚାର ଆଦେଶକୁ ଖାରଜ କରାଯାଇଥିଲା। ଏହି ଦୁଇଟି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିଛନ୍ତି। ଏଥିସହ କୋଲିଙ୍କୁ ମୁକ୍ତି କରିବାକୁ ଆଦେଶ ମଧ୍ୟ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଡିସେମ୍ବରରେ ଏହି ହତ୍ୟାକାଣ୍ଡ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନୋଏଡାର ନିଠାରୀ ଗାଁରେ ମନିନ୍ଦର ସିଂ ପନ୍ଦେଧରଙ୍କ ଘର ବାହାରେ ଏକ ନାଳରୁ ଏକାଧିକ ଛୋଟପିଲା ଓ ଯୁବତୀଙ୍କ କଙ୍କାଳ ଜବତ ହୋଇଥିଲା। ମନିନ୍ଦର ହିଁ ଏହି ଘରର ମାଲିକ ଥିଲା ବୋଲି ଯାଞ୍ଚରୁ ଜଣାପଡ଼ିଥିଲା।

## ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଗୁଜବକୁ ପରିବାର ସଦସ୍ୟଙ୍କ ନିନ୍ଦା

ମୁମ୍ବଇ, ୧୧।୧୧(ଏଜେନ୍ସି): ବଲିଉଡ୍ ବର୍ଷୀୟାନ ଅଭିନେତା ତଥା ହିମ୍ୟାନ ଧର୍ମେନ୍ଦ୍ରଙ୍କ ପରଲୋକ ନେଇ ପ୍ରକାଶିତ ଖବର ମିଥ୍ୟା ସାବ୍ୟସ୍ତ ହୋଇଛି। ମଙ୍ଗଳବାର ସକାଳେ ଗଣମାଧ୍ୟମଗୁଡିକରେ ତାଙ୍କର ପରଲୋକ ହୋଇଛି ବୋଲି ଖବର ପ୍ରକାଶିତ ହୋଇଥିଲା। ଏହି ଗୁଜବକୁ ଧର୍ମେନ୍ଦ୍ରଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ୮୯ ବର୍ଷୀୟ ଧର୍ମେନ୍ଦ୍ରଙ୍କ ଝିଅ ତଥା ଅଭିନେତ୍ରୀ ଇଶା ଦେଓଲ ସାମ୍ନାକୁ ଆସି ଏ ନେଇ ସ୍ଥିତ ସ୍ପଷ୍ଟ କରିଛନ୍ତି। 'ଗଣମାଧ୍ୟମ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଖବର ପ୍ରସାରଣ କରୁଛି। ପିତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଏଥିରେ ଧିରେ ଧିରେ ସୁଧାର ହେଉଛି। ଆମ ପରିବାରର ଗୋପନୀୟତାଙ୍କୁ ସମ୍ମାନ ଦେବାକୁ ସମସ୍ତଙ୍କୁ ନିବେଦନ କରୁଛି। ପିତାଙ୍କ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି' ବୋଲି ଇଶା କହିଛନ୍ତି। ଧର୍ମେନ୍ଦ୍ରଙ୍କ ପତ୍ନୀ ହେମାମାଳିନୀ ମଧ୍ୟ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମଗୁଡିକରେ ମିଥ୍ୟା ଖବର ପରିବେଷଣ କରାଯାଉଛି ଓ ଏହା କ୍ଷମାର ଯୋଗ୍ୟନୁହଁ ବୋଲି ସେ କହିଛନ୍ତି। ଦାୟିତ୍ୱସମ୍ପର୍ଣ୍ଣ ଚ୍ୟାନେଲଗୁଡିକ କିପର ଏଭଳି ଭିତ୍ତିହୀନ ତଥା ଅମୂଳକ ଖବର ପ୍ରଚାର କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ତୁର୍କୀ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୨୦ ମୃତ

ଅଙ୍କାରା, ୧୧।୧୧ (ଏଜେନ୍ସି): ତୁର୍କୀ ବାୟୁସେନାର ସି-୧୩୦ ହର୍‌କ୍ୟୁଲସ ମିଲିଟାରୀ କାର୍ଗୋ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଜର୍ଜିଆ-ଅଜରବୈଜାନ ସୀମାରେ ଖସିପଡ଼ିଛି। ଏଥିରେ ବିମାନର କ୍ରୁ ସଦସ୍ୟଙ୍କ ସମେତ ୨୦ ସୈନିକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅଜରବୈଜାନ ଏବଂ ଜର୍ଜିଆ ଅଧିକାରୀଙ୍କ ସହ ମିଶି ତୁର୍କୀ ଉଦ୍ଧାରକାର୍ଯ୍ୟ ଚଳାଇଛି। ବିମାନ ଖସୁଥିବାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଜର୍ଜିଆ ଅଧିକାରୀଙ୍କ ଅନୁଯାୟୀ ଦେଶର ବାୟୁସୀମାରେ ପ୍ରବେଶ କରିବା ପରେ ରାଡାର ସହ ଏହି ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ପରେ କାଖେତି କ୍ଷେତ୍ରର ସିଘନାଘି ଅଞ୍ଚଳରେ ଖସି ପଡ଼ିଥିଲା। ଚାରି ଇଞ୍ଜିନ ବିଶିଷ୍ଟ ଏହି ବିମାନକୁ ଆମେରିକାର ଲକ୍‌ହିଡ ମାର୍ଟିନ କମ୍ପାନୀ ନିର୍ମାଣ କରିଥିଲା।



ମା’ ହେବେ
ଓନସ ଜାବେଉର୍
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 43 ♦ISSUE-136 ♦WEDNESDAY ♦12 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୬ ♦ବୁଧବାର ♦୧୨ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ: ଏନ୍ଆଇଏର ତନାଘନା ଆରମ୍ଭ

# ଖୋଲୁଛି ଷଡ଼ଯନ୍ତ୍ରର ଗୁମର



- ଡାକ୍ତର ଉମର ବିସ୍ଫୋରଣର ମାଷ୍ଟରମାଇଣ୍ଡ
- ଉମରଙ୍କ ପରିବାରର କରାଗଲା ଡିଏନ୍ଏ ଟେଷ୍ଟ
- ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି, ଆଉ ୬ ଗିରଫ
- କୌଣସି ଦୋଷୀକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ
- ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି; ବଢ଼ିବା ଆଶଙ୍କା



■ **ନୂଆଦିଲ୍ଲୀ, ୧୧।୧୧ (ଏଜେନ୍ସି):** ଗତକାଲି ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣର ତନାଘନା ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ। ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାଖ ମିଳିଛି। ଯେଉଁ ଆଇ-୨୦ କାର ବିସ୍ଫୋରଣ ହୋଇଛି, ତାହାକୁ ଚଳାଉଥିବା ସନ୍ଦିଗ୍ଧ ବ୍ୟକ୍ତି ଚିହ୍ନଟ ହେଉଛି। ସେ ହେଉଛି ଡାକ୍ତର ଉମର-ଉନ-ନବି। ସମଗ୍ର ବିସ୍ଫୋରଣ ଷଡ଼ଯନ୍ତ୍ରରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଉଛି। ତା ଘର ହେଉଛି ଜମ୍ମୁ-କଶ୍ମୀରର ପୁଲୱାମାରେ। ସେ ହରିଆଣା ଫରିଦାବାଦର ଅଲ-ଫଲାହ ମେଡିକାଲ କଲେଜରେ ଡାକ୍ତର ଥିଲା। ସେ ନିଖୋଜ ଥିବା ବେଳେ ପୁଲିସ ତା ଘରେ ଚଢଉ କରି ପରିବାରର ତିନି ଜଣଙ୍କୁ ଅଟକ ରଖାଯିବା ସହ ଉମରର ମା’ଙ୍କର ଡିଏନ୍ଏ ଟେଷ୍ଟ କରାଯାଇଛି। ବିସ୍ଫୋରଣସ୍ଥଳରୁ ମିଳିଥିବା ଶରୀରର ଅଂଶବିଶେଷ ସହିତ ଡିଏନ୍ଏ ଟେଷ୍ଟ ରିପୋର୍ଟ ମେଳ ଖାଇଲେ ଉମର ମୃତ ବୋଲି ଘୋଷଣା କରାଯିବ।

ସେହିପରି ଏହି ବିସ୍ଫୋରଣ ସହ ସଂପୃକ୍ତ ଥିବା ସନ୍ଦେହରେ ପୁଲିସ ଅଲ-ଫଲାହ କଲେଜର ଆଉ ତିନି ଜଣ ଡାକ୍ତରଙ୍କୁ ମଧ୍ୟ ଗିରଫ କରିଛି। ଆଜି ଏହି ଘଟଣାରେ ଉତ୍ତର ପ୍ରଦେଶ ସମେତ ହରିଆଣା ଓ ଜମ୍ମୁ-କଶ୍ମୀରରେ ପୁଲିସ ଚଢ଼ଉ କରିଛି। ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନେକ ଲୋକଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ବେଳେ ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ବିସ୍ଫୋରଣରେ ସଂପୃକ୍ତ ଥିବା କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ଏବଂ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଭୁଟାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିସ୍ଫୋରଣରେ ସମ୍ପୃକ୍ତ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି। ଗତକାଲି କାର ବିସ୍ଫୋରଣ ପରେ ପୁଲିସ ଉକ୍ତ କାର ସଂପର୍କରେ ତନାଘନା ଆରମ୍ଭ କରିଥିଲା। ଗତକାଲି ଏହି କାର ଫରିଦାବାଦରୁ ଦିଲ୍ଲୀ ଆସିଥିଲା। ଏଥିରେ ତିନି ଜଣ ଥିଲେ। ଡାକ୍ତର ଉମର କାର ଚଳାଉଥିବା ବେଳେ ସେ ମାସ୍କ ପିନ୍ଧିଥିବା ▶ପୃଷ୍ଠା-୭

## ସରିଲା ବିହାର ନିର୍ବାଚନ

# ଏନ୍ଡିଏ ସପକ୍ଷରେ ବୁଥ୍ ବାହୁଡ଼ା ମତ

■ **ପାଟନା, ୧୧।୧୧ (ଏଜେନ୍ସି):** ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ପାଇଁ ନିର୍ବାଚନ ଆଜି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୬୫.୦୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରେକର୍ଡ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ।

ନିର୍ବାଚନରେ ମୁଖ୍ୟ ମୁକାବିଲା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍ଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ହେଉଛି। ତେବେ ନିର୍ବାଚନରେ ଏନଡିଏକୁ ସ୍ପଷ୍ଟ ବହୁମତ ମିଳିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତରୁ ଜଣାପଡୁଛି। ସରକାର ଗଠନ ପାଇଁ ୧୨୨ ଆସନ ଆବଶ୍ୟକ ଥିବା ବେଳେ ଏନଡିଏ ୧୩୦ରୁ ୧୬୭ ମଧ୍ୟରେ ଆସନ ହାସଲ କରିପାରେ ବୋଲି ସର୍ଭେରେ କୁହାଯାଇଛି। ସେହି ସର୍ଭେ ଅନୁଯାୟୀ ତେଜସ୍ୱୀଙ୍କ ମହାମେଣ୍ଟକୁ ଏଥର ପୁଣି ଝଟକା ଲାଗିବ। ଏହି ମେଣ୍ଟକୁ ୭୦ରୁ ୧୦୮ ମଧ୍ୟରେ ଆସନ ମିଳିପାରେ। ତେବେ ପ୍ରଶାନ୍ତ କିଶୋରଙ୍କ ଜନସୂରଜ ପାର୍ଟିକୁ ବିଶେଷ ସଫଳତା ମିଳିବ ନାହିଁ। ▶ପୃଷ୍ଠା-୭

| ଆକଳନକାରୀ ସଂସ୍ଥା | ଏନ୍ଡିଏ | ମହାମେଣ୍ଟ | ଅନ୍ୟ |
|---|---|---|---|
| ଜେଭିସି ପଲ୍ସ | ୧୩୫-୧୫୦ | ୮୮-୧୦୩ | ୩-୬ |
| ମାଟ୍ରିଜ | ୧୪୭-୧୬୭ | ୭୦-୯୦ | ୨-୧୦ |
| ପିପୁଲ୍ସ ଇନ୍ସାଇଟ୍ | ୧୩୩-୧୪୮ | ୮୭-୧୦୨ | ୩-୬ |
| ପିପୁଲ୍ସ ପଲ୍ସ | ୧୩୩-୧୫୯ | ୭୫-୧୦ | ୧୨-୧୩ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୫-୧୦ |
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୩-୫ |
| ଟାଇମ୍ସ ନାଓ | ୧୪୩ | ୯୫ | ୫ |

# ନୂଆପଡ଼ାରେ ୮୧.୪୫% ମତଦାନ

■ **ନୂଆପଡ଼ା/ ଭୁବନେଶ୍ୱର, ୧୧।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଶେଷ ହୋଇଛି ମତଦାନ। ମତଦାନ ଶେଷ ସହ ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଥିବା ବେଳେ ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳ ପ୍ରକାଶ ପାଇବ। ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୭ଟା ପର ସୁଦ୍ଧା ମୋଟ ୮୧.୪୫ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଅପରପକ୍ଷେ କର୍ତ୍ତବ୍ୟରେ ଅବହେଳା ଓ ମତଦାତାଙ୍କ ଗୋପନୀୟତା ଉଲ୍ଲଂଘନ କରିଥିବା ହେତୁ କୁଳିଆବନ୍ଧ ପିଏସ୍-୩୬ର ପ୍ରିଜାଇଡିଂ ଅଫିସର ଏବଂ ବୁଥ ନମ୍ବର ୪୬ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ଅପରପକ୍ଷେ ଭୋଟଗ୍ରହଣ ସମୟରେ ଇଭିଏମ ମାଧ୍ୟମରେ ଭୋଟଚୋରୀଠାରୁ ଆରମ୍ଭ କରି ଶାସକ ଦଳର ସମର୍ଥକମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସଂକ୍ରାନ୍ତରେ ମାଳମାଳ ଅଭିଯୋଗ ଆଣିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଏବଂ ଜାତୀୟସ୍ତରରେ ଚର୍ଚ୍ଚିତ ‘ଭୋଟ ଚୋରି’ ▶ପୃଷ୍ଠା-୭

- ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍
- ଦାୟିତ୍ୱରେ ଅବହେଳା, ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ

## ଟେଷ୍ଟିଂ ବେଳେ ଧରାପଡ଼ିଲା ଇଭିଏମ୍ ତ୍ରୁଟି

# ‘ହାତ’ରେ ଟିପିଲେ ‘ପଦ୍ମ’



■ **ନୂଆପଡ଼ା/ଭୁବନେଶ୍ୱର, ୧୧।୧୧ (ସମିସ):** ଭୋଟ ଚୋରିକୁ କଂଗ୍ରେସ ସାରା ଦେଶରେ ପ୍ରସଙ୍ଗ କରିଥିବା ସମୟରେ ନୂଆପଡ଼ା ଉପନିର୍ବାଚନରେ କେତେକ ଘଟଣା ଏହାକୁ ଅଧିକ ବଳ ଯୋଗାଇଛି। ନୂଆପଡ଼ାର କିଛି ମତଦାନ କେନ୍ଦ୍ରରେ ଭୋଟରମାନେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍‌ରେ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲେ ତାହା ବିଜେପି ସପକ୍ଷରେ ଯାଇଥିବା ଅଭିଯୋଗ ହୋଇଛି।

କୋମନା ବ୍ଲକ୍ ଅନ୍ତର୍ଗତ ଭାଲୁକୋନାର ୨୫୦ ନମ୍ବର ବୁଥରେ ଏପରି ସାଂଘାତିକ ଘଟଣାର ଛବି ଦେଖିବାକୁ ମିଳିଛି। ଏଠାରେ ମତଦାତାମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ ସମୟରେ ସବୁ ଭୋଟ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ବିଜେଡି, କଂଗ୍ରେସ ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଇଭିଏମ୍‌ରେ ବଟନ୍ ଟିପିବା ସମୟରେ ତାହା ବିଜେପିକୁ ଯାଉଥିବା ଭୋଟରମାନେ ଅଭିଯୋଗ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ କିଛି ସମୟ ମତଦାନ ବନ୍ଦ ରହିଥିଲା। ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହା ଯୋଜନାବଦ୍ଧ ଭୋଟ ଚୋରି ବୋଲି ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରତ ସେକ୍ଟର ଅଫିସର ଅନ୍ୟ ଇଭିଏମ୍ ଆଣିବା ପରେ ପୁନର୍ବାର ମତଦାନ କରାଯାଇଥିଲା।

## ପୁଲିସ ଏସ୍ଆଇ ଚାକିରି ବିକ୍ରି

# ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି

■ **ଭୁବନେଶ୍ୱର,୧୧।୧୧(ସମିସ):** ଏସ୍ଆଇ ଚାକିରି ବିକ୍ରି ମାମଲାର ସିବିଆଇ ତଦନ୍ତ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ସହ ଏହାର ନକଲ ଓଡ଼ିଶା ମୁଖ୍ୟ ସଚିବ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟରେ ଅକ୍ଟୋବର ୫ ଏବଂ ୬ ତାରିଖରେ ହେବାକୁଥିବା ଏସ୍ଆଇ ପରୀକ୍ଷା ପୂର୍ବରୁ ପରୀକ୍ଷା ପରିଚାଳନା ନିମନ୍ତେ ଠିକା ନେଇଥିବା ଆଇଟିଆଇରୁ ସବ୍‌ଲେଟ ପାଇଥିବା ସିଲିକନ୍ ଟେକ୍‌ଲାବ ଓ ଏହାର ସହଯୋଗୀ ସଂସ୍ଥା ପଞ୍ଚସପ୍ଟ ପରୀକ୍ଷାର୍ଥୀଙ୍କୁ ତାଲିମ ପାଇଁ ନେବାବେଳେ ଧରାପଡ଼ିଥିଲେ। ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ଦଲାଲମାନଙ୍କୁ ଶ୍ରୀକାକୁଳମରୁ ପୁଲିସ ଗିରଫ କରିଥିଲା। ନିଯୁକ୍ତି ଆଶାୟୀଙ୍କ ଠାରୁ ୨୫ରୁ ୫୦ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଇ ଚାକିରି ଦିଆଯିବା ପ୍ରତିଶ୍ରୁତି ଦିଆଯାଇଥିବା ପୁଲିସ ସୂଚନା ଦେଇଥିଲା। ପରେ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ▶ପୃଷ୍ଠା-୭

# ଟ୍ରାକ୍ଟର୍ ମଡ଼ାଇ ଜେଜେ-ନାତିଙ୍କୁ ହତ୍ୟା

■ **ଧର୍ମଗଡ଼, ୧୧।୧୧ (ସମିସ):** ଟ୍ରାକ୍ଟର୍ ଚଢ଼ାଇ ୨ ଜଣଙ୍କୁ ମାରିଦେଲେ ଚୋର। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ମେରଘରା ଗ୍ରାମରେ ଗତ ରାତିରେ ଘଟିଥିବା ଏପରି ଏକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ହରିଶଙ୍କର ଭଇଁସାଲ ଓ ସତ୍ୟମ ଭଇଁସାଲ। ସଂପର୍କରେ ଦୁହେଁ ଜେଜେ-ନାତି। ଟ୍ରାକ୍ଟର୍ ଡାଲା ଚୋରି କରିନେଉଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଦୁହେଁ ପିଛା କରୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇଥିଲେ। ଏନେଇ ପୁଲିସ୍ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▶ପୃଷ୍ଠା-୭

- ଚୋରଙ୍କୁ ଧରିବାକୁ ଯାଇଥିଲେ
- ଶବ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ





## ହାଇକୋର୍ଟରେ ପୀତବାସ ହତ୍ୟା ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି

■ **କଟକ, ୧୧।୧୧ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମାକୁ ଯୋଡ଼ି ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ସାର୍ବଜନୀନ କରିବା ମାମଲାରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ. ଆଜି ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବ ନିର୍ଦ୍ଦେଶ ଅନୁସାରେ, ଏସ୍‌ପି ଦାଖଲ କରିଥିବା ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରିବା ସହ ଏସ୍‌ପିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ନାହିଁ ବୋଲି କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

# ଓଏନ୍‌ଜିସି ତୈଳକୂପରୁ ୧୩,୭୦୦ କୋଟିର ଗ୍ୟାସ୍ ଚୋରି

## ସିବିଆଇ ତଦନ୍ତ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ

■ **ମୁମ୍ବଇ, ୧୧।୧୧ (ଏଜେନ୍ସି):** ତୈଳ ଏବଂ ପ୍ରାକୃତିକ ଗ୍ୟାସ କର୍ପୋରେସନ (ଓଏନ୍‌ଜିସି)ର କୂପରୁ ଚୋରି ହୋଇଛି ୧.୫୫ ବିଲିୟନ ଡଲାର (ପ୍ରାୟ ୧୩,୭୦୦ କୋଟି ଟଙ୍କା) ମୂଲ୍ୟର ପ୍ରାକୃତିକ ଗ୍ୟାସ। ଏହି ଘଟଣା ଜଣା ପଡ଼ିବା ପରେ ହତବାକ ହୋଇଛି ଓଏନ୍‌ଜିସି ଓ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ। ଅନ୍ୟପକ୍ଷରେ ଏହି ଗ୍ୟାସ ଚୋରି ଘଟଣାକୁ ଆନ୍ଧ୍ରପ୍ରଦେଶର କୃଷ୍ଣା-ଗୋଦାବରୀ ଉପତ୍ୟକାରେ କଥିତ ଗ୍ୟାସ ଚୋରି ଘଟଣା ସହ ତୁଳନା କରି ଜିତେନ୍ଦ୍ର ପି. ମାରୁ ନାମକ ଜଣେ ବ୍ୟକ୍ତି ବମ୍ବେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ସେ ଅଦାଲତରେ ଆବେଦନ କରିଛନ୍ତି। ବମ୍ବେ ହାଇକୋର୍ଟର ବିଚାରପତି ଏ.ଏସ୍.ଗଡ଼କରୀ ଓ ରଣଜିତ୍ ସିଂହ ଭୋଁସଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।



ଆବେଦନକାରୀ ଜିତେନ୍ଦ୍ର ପି. ମାରୁ ଏହି ଘଟଣାରେ ଚୋରି, ଅର୍ଥ ଆତ୍ମସାତ ଏବଂ ବିଶ୍ୱାସ ଭଙ୍ଗ ଅଭିଯୋଗ ଆଣିଛନ୍ତି। ଓଏନ୍‌ଜିସିର ତୈଳକୂପ ମଧ୍ୟରେ ଅନୁପ୍ରବେଶ କରାଯାଇ ଏହି ଗ୍ୟାସ ଉତ୍ତୋଳନ କରାଯାଇଛି ଏବଂ ଏହା ଏକ ସଂଗଠିତ ଓ ଯୋଜନାବଦ୍ଧ ଠକେଇ ବୋଲି ନିଜ ଆବେଦନରେ ଦର୍ଶାଇଛନ୍ତି। ଓଏନ୍‌ଜିସିର ଅଧିକାରୀମାନେ ୨୦୧୩ରେ ଏପରି ଏକ ଘଟଣାକୁ ଧରିଥିଲେ ହେଁ ସେତେବେଳେ ସେପରି କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେଣୁ ଅନ୍ୟ କମ୍ପାନୀ ବେଆଇନ ଭାବରେ ଓଏନ୍‌ଜିସି କୂପରୁ ଗ୍ୟାସ ଉତ୍ତୋଳନ କରିବାକୁ ସାହସ ପାଇଥିଲା। ସେହିପରି ବେଆଇନ ଗ୍ୟାସ ଉତ୍ତୋଳନ କରିଥିବା କମ୍ପାନୀ ଭୁଲକ୍ରମେ ଏହି ଗ୍ୟାସ ଉତ୍ତୋଳନ ହୋଇଥିବା ସଂକ୍ରାନ୍ତରେ ପ୍ରଦାନ କରିଥିବା ତଥ୍ୟ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ମଧ୍ୟ ଆବେଦନକାରୀ ଦର୍ଶାଇଛନ୍ତି। ଅଦାଲତ ଏହି ଆବେଦନକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେବା ସହ ବିଚାର ପଦ୍ଧତିକୁ ଖୋଲା ରଖିଛନ୍ତି।

## ତଳମୁହାଁ ପାରଦ

# ୩ ଦିନରେ ଖସିବ ୩ ଡିଗ୍ରୀ

■ **ଭୁବନେଶ୍ୱର, ୧୧।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ଜାରି ରହିଛି। ତାପମାତ୍ରା ତଳମୁହାଁ ହେତୁ ଅନେକ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ଏହି କ୍ରମରେ ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ପୁଣି ପାରଦ ତଳମୁହାଁ ହୋଇଛି। ଏଠାରେ ତାପମାତ୍ରା ୧୧.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ତାପମାତ୍ରା ୧୨.୯, କେନ୍ଦୁଝର ୧୩.୪, ସମ୍ବଲପୁରରେ ୧୫.୬, ହୀରାକୁଦ ୧୫.୬, ଭୁବନେଶ୍ୱର ୧୬.୨, ବାଲେଶ୍ୱର ୧୭.୮, ପାରାଦୀପରେ ୧୮.୭, ଗୋପାଳପୁର ୧୮.୮, ଚାନ୍ଦବାଲି ୧୯.୨ ଓ ପୁରୀରେ ତାପମାତ୍ରା ୨୦.୫ ଡିଗ୍ରୀ ରେକର୍ଡ ହୋଇଛି। ପଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଡିସେମ୍ବର ୧୭ରେ ଓଟିଇଟି

■ **କଟକ, ୧୧।୧୧ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) -୨୦୨୫ ପରୀକ୍ଷା ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତାକାଲିଠାରୁ ଏଥିପାଇଁ ଅନଲାଇନ ଆବେଦନ ପାଇଁ ଲିଙ୍କ୍ ବୋର୍ଡ ୱେବସାଇଟ୍‌ରେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଫି’ ଦେୟ ଓ ଫର୍ମ ଦାଖଲ ଆସନ୍ତା ନଭେମ୍ବର ୨୬ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ କରାଯାଇପାରିବ। ସେହିଭଳି ଆସନ୍ତା ଡିସେମ୍ବର ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ। ପ୍ରକାଶଥାଉକି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଗତ ▶ପୃଷ୍ଠା-୭

## ୧୪ ଲିଟର ଚୋରା ମଦ ଜବତ

ଡେଲାଙ୍ଗ,୧୧।୧୧(ସମିସ): ଡେଲାଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲୁଥିବା ଚୋରା ମଦ କାରବାର ଓ ଧଳାଜହର ବିକ୍ରି ଉପରେ ରୋକ୍ ଲଗାଇବାକୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ପରେ ଡେଲାଙ୍ଗ ପୁଲିସ ତତ୍ପରତା ଦେଖାଇ ସୋମବାର ସନ୍ଧ୍ୟାରେ ୧୪ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଖବର ମୁତାବକ, ଡେଲାଙ୍ଗ ଥାନା ଜେନାପୁର ଗ୍ରାମର ଜଣେ ମଦ ବ୍ୟବସାୟୀ ଦୀର୍ଘଦିନ ହେବ ନିଜ ଘରେ ଚୋରା ବିଦେଶୀ ମଦ ବିକ୍ରି କରିଆସୁଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ନିଶାଡ଼ିଙ୍କ ଦୌରାତ୍ମ୍ୟ ବଢ଼ିବା ସହିତ ଉଚ୍ଚା ଦରରେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା। ଖବର ପାଇ ଡେଲାଙ୍ଗ ଥାନା ଏଏସ୍ଆଇ ବିନୋଦିନୀ ବେହେରା, ପ୍ରଭାତ ପଲେଇ ସଦଳବଳେ ଜେନାପୁରରେ ପହଞ୍ଚି ୧୪ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହିତ ବ୍ୟବସାୟୀ ଦୋଳଗୋବିନ୍ଦ ବେହେରାଙ୍କୁ ଗିରଫ କରିଥିଲେ। ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି। ସୂଚନା ଥାଉକି, ଗତ କିଛିମାସ ପୂର୍ବରୁ ଦୋଳଗୋବିନ୍ଦଙ୍କୁ ମଧ୍ୟ ପୁଲିସ ମଦ ସହିତ ଗିରଫ କରି କୋର୍ଟଚାଲାଣ କରିଥିଲା। ଜେଲରୁ ଫେରିବା ପରେ ସେ ପୁନର୍ବାର ମଦ ବ୍ୟବସାୟ ଚଳାଇଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା।

## ତରୁଣ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ସାକ୍ଷୀଗୋପାଳ,୧୧।୧୧(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ତରୁଣ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଫକୀର ମୋହନ ସାହୁ ଯୋଗଦେଇ ଭାରତ ଭଳି ଏକ କ୍ରମବର୍ଦ୍ଧମାନ ତରୁଣ ଦେଶରେ ତରୁଣବର୍ଗ ସମ୍ମୁଖୀନ ହେଉଥିବା ବିବିଧ ମାନସିକ ସମସ୍ୟା, ସେସବୁ କାରଣ ଓ ନିଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତରୁଣ ଅବସ୍ଥାରେ ନିଜକୁ ଅନନ୍ୟ ନାୟକ ଭାବିବାର ଭ୍ରମ, ପିତାମାତାଙ୍କର ସନ୍ତାନର ସ୍ୱପ୍ନକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି ତରୁଣ ଜୀବନରେ ବିପର୍ଯ୍ୟୟ ଆଣେ। ସେ ଚାପଗ୍ରସ୍ତ ହୋଇ ନକାରାତ୍ମକତାକୁ ଆବୋରିନିଏ। ତରୁଣମାନେ ନିଜ ସମ୍ଭାବନାକୁ ଆବିଷ୍କାର କରି ଆନନ୍ଦ ଚିତ୍ତରେ ସୃଜନଶୀଳ ଓ ସମ୍ବେଦନଶୀଳ ଜୀବନ ବଞ୍ଚିଲେ ଏକ ସୁସ୍ଥ ପୋଷଣକ୍ଷମ ସନ୍ତୁଳିତ ସମାଜ ଓ ସଭ୍ୟତା ରଚନା ସମ୍ଭବ ବୋଲି ପ୍ର. ସାହୁ ମତ ଦେଇଥିଲେ। ଏହି ଅବସରରେ ସଭାପତିତ୍ୱ କରି ଅନୁଷ୍ଠାନର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ସୁସ୍ଥ ମନ ସୁସ୍ଥ ଶରୀରଠାରୁ ଜୀବନରେ ଆଉ କୌଣସି ଜିନିଷ ଅଧିକ ମୂଲ୍ୟବାନ ନୁହେଁ। ତେଣୁ ତରୁଣ ଛାତ୍ରଛାତ୍ରୀ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଓ ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ତରୁଣ ତରୁଣୀମାନେ ସାମାଜିକ ଗଣମାଧ୍ୟମର ସୁବ୍ୟବହାର ନ କଲେ ତାଙ୍କର ବହୁମୂଲ୍ୟ ସମୟ ନଷ୍ଟ ହେବ ବୋଲି ସତର୍କ କରାଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ମନୋଜ ପରିଡ଼ା ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

● ସ୍କୁଲ ପରିସରରେ ପିଲାଙ୍କୁ ବାଲି ବୁହାଇଲେ ଶିକ୍ଷକ

## ମଣ୍ଡଳ ଶିକ୍ଷାଧିକାରୀ ଜଣାଇବା ପରେ ବି ଫଳ ଶୂନ୍



ବ୍ରହ୍ମଗିରି,୧୧।୧୧(ସମିସ): ରାଜ୍ୟ ସରକାରଙ୍କ ତରଫରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଗ, ଖେଳକୁଦ ସାମଗ୍ରୀ ଶିକ୍ଷାନୁଷ୍ଠାନରେ ଯୋଗାଇ ଦିଆଯାଇଛି। ହେଲେ ଖେଳ ବଦଳରେ ହାତରେ କୋଦାଳ ଧରି ଏବଂ ମୁଣ୍ଡରେ ବାଲି ବୋହିବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ନିୟୋଜିତ କରୁଛନ୍ତି। ଏହିଭଳି ଏକ ଘଟଣା ବ୍ରହ୍ମଗିରି ବ୍ଲକ୍ ଖଟପିରିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବାଲିବୁହା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଭିଡିଓ ଭାଇରାଲ୍ ହୋଇଛି। ଏହି ଘଟଣାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଟପିରିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଭିତ୍ତିଭୂମି ଠିକ୍ ନ ଥିଲେ ମଧ୍ୟ ଶିକ୍ଷା ବିଭାଗ ନିକଟରେ ଠିକ୍‌ଠାକ୍ ଅଛି ବୋଲି ଲେଖାଯାଇଛି। କାଳେ ଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ଅଧିକାରୀମାନେ ପରିଦର୍ଶନରେ ଆସିଯିବେ ସେଥିପାଇଁ ପିଲାମାନଙ୍କୁ ଲଗାଯାଇ ଭିତ୍ତିଭୂମି ସଜାଡ଼ିବା ପାଇଁ ଏହିସବୁ କାର୍ଯ୍ୟ କରୁଥିବା କିଛି ଅଭିଭାବକ କହିଛନ୍ତି। ଏନେଇ କିଛି ଅଭିଭାବକ ବ୍ରହ୍ମଗିରି ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି ଫଳ ଶୂନ୍।

ଏନେଇ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି, ବିଦ୍ୟାଳୟରେ ଏଭଳି ଘଟଣା ଘଟିଥିବା ମୋ ପାଖରେ ଖବର ଅଛି। ଆମେ ଘଟଣାର ତଦନ୍ତ କରିବା ପରେ ସତ୍ୟାସତ୍ୟ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଅନ୍ୟପକ୍ଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସେ ଗାଦି ଛାଡୁନାହାନ୍ତି। ଫଳରେ ପ୍ରଧାନଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭାପତିଙ୍କ ଜ୍ଞାତସାରରେ ବିଦ୍ୟାଳୟରେ କୁନିକୁନି ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳାଯାଇ ସେମାନଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ କରାଯାଇଛି। ସେଠାରେ ଥିବା ପ୍ରଧାନଶିକ୍ଷକ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ଜାଗାରେ ରହୁଥିବା ଜଣାପଡ଼ିଛି। କାହା ଇଙ୍ଗିତରେ ଏତେ ବର୍ଷ ଧରି ରହିଥିବା ନେଇ ଅଭିଭାବକମାନେ ତୀବ୍ର ସମାଲୋଚନା କରିଛନ୍ତି।

## ଜାତୀୟ ଶିକ୍ଷା ଦିବସ ପାଳିତ

ଡେଲାଙ୍ଗ,୧୧।୧୧(ସମିସ): ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦଙ୍କ ଜୟନ୍ତୀ ଉପଲକ୍ଷେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ଟିକେଇ ଦଳାଇ, ମାନସ ସ୍ୱାଇଁ, ଅଜୟ ପ୍ରଧାନ, ଶିକ୍ଷୟିତ୍ରୀ ପାପଲିନ ପ୍ରଧାନ, ରୋଜାଲିନ୍ ମହାରଣା ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ବିନା ଦେଶ ଓ ଜାତିର ଉନ୍ନତି ହୋଇପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସାର୍ବଜନୀନ ପ୍ରାଥମିକ ଶିକ୍ଷା ୧୪ ବର୍ଷ ବୟସ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ କରାଯାଇଥିବା ଏବଂ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ନିଜ ଜୀବନ ଗଢ଼ି ତୋଳିବାକୁ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ଶିକ୍ଷା କ୍ଷେତ୍ରରେ ମୌଲାନାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଚିନ୍ତା

## ମାଛ ଧରିବା ପାଇଁ ସମୁଦ୍ରରେ ମାଳ ମାଳ ଟ୍ରଲର



ଅସ୍ତରଙ୍ଗ,୧୧।୧୧(ସମିସ): ବିରଳ ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କ ଆଗମନ, ଅଣ୍ଡାଦାନ ପ୍ରକ୍ରିୟା ପାଇଁ ରାଜ୍ୟ ସରକାର ଅସ୍ତରଙ୍ଗ ଦେବୀ ମୁହାଁଣଠାରୁ କେଳୁଣୀ ମୁହାଁଣ ପର୍ଯ୍ୟନ୍ତ ଯନ୍ତ୍ରଚାଳିତ ଡଙ୍ଗାରେ ମାଛଧରା ଉପରେ ଲଗେଇଛନ୍ତି କଟକଣା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ନିୟମ ଅନୁଯାୟୀ, ନଭେମ୍ବର ୧ରୁ ଆସନ୍ତା ୨୦୨୬ ମେ' ୩୧ ପର୍ଯ୍ୟନ୍ତ କଟକଣା ଜାରି ହୋଇଥିଲେ ମଧ୍ୟ କଟକଣାକୁ 'ଫୁ' କରି ଅବାଧ ମାଛଧରା ଚାଲିଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗର ବେଳାଭୂମି ସଂଲଗ୍ନ ନିଷିଦ୍ଧାଞ୍ଚଳରେ ବେଧଡ଼କ ମାଛଧରାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଓଡ଼ିଶା ପରିବେଶବିତ୍‌ମାନେ। ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପାଇଁ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା, କେନ୍ଦ୍ରାପଡ଼ା ଜିଲ୍ଲାର ଗହୀରମଥା ଓ ପୁରୀ ଜିଲ୍ଲାର ଦେବୀ ନଦୀ ମୁହାଁଣ ଏବେ ବି ବିଶ୍ୱ ମାନଚିତ୍ରରେ ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଦେବୀ ନଦୀ ମୁହାଁଣରେ ସମସ୍ତ ପ୍ରକାର ଆନୁଷଙ୍ଗିକ ପ୍ରସ୍ତୁତି କରାଯାଉଥିବାବେଳେ ଏହା ନିଶ୍ଚିହ୍ନ ହେବାକୁ ବସିଲାଣି। ୧୯୯୭ରେ ଶେଷ ଥର ପାଇଁ ଏଠାରେ ଗଣ ଅଣ୍ଡାଦାନ ହୋଇଥିବାବେଳେ ଋଷିକୂଲ୍ୟା ଓ ଗହୀରମଥା ଭଳି ଦେବୀ ନଦୀ ମୁହାଁଣରେ ଗଣ ଅଣ୍ଡାଦାନ ହେଉନାହିଁ। ଯାହାର ପ୍ରମୁଖ କାରଣ ହେଉଛି ବେଆଇନ ଚିଙ୍ଗୁଡ଼ି ଘେରିର ନିର୍ଗତ ରାସାୟନିକ ପଦାର୍ଥ, ରାତ୍ରି ସମୟରେ ମାଳମାଳ ଉଜ୍ଜ୍ୱଳ ଆଲୋକ, ବେଆଇନ ମାଛଧରା। ଏଥିଯୋଗୁଁ ପ୍ରାକୃତିକ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସାଙ୍ଗକୁ ସକ୍ରିୟ ଟ୍ରଲର ଚଳାଚଳ ଦ୍ୱାରା ହଜାର ହଜାର ସଂଖ୍ୟକ କଇଁଛ ପ୍ରାଣ ହରାନ୍ତି ଓ ଅନେକ ଭୟଭୀତ ଅବସ୍ଥାରେ ଅଣ୍ଡାଦାନ ନ କରି ଅନ୍ୟତ୍ର ପଳାୟନ କରନ୍ତି। ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପାଇଁ ନଭେମ୍ବର ପହିଲାରୁ ୪୫ରୁ ୬୦ ଦିନ ଯାଏଁ ଉପକୂଳରୁ ସମୁଦ୍ର ଜଳରାଶିର ୨୦ କିଲୋମିଟର ମଧ୍ୟରେ ଏମାନେ ମିଳନ ପ୍ରକ୍ରିୟା ସାଙ୍ଗକୁ ଅଣ୍ଡାଦାନ କରନ୍ତି। ଅନୁରୂପ ଭାବରେ ସେହି ଅଞ୍ଚଳର ସୁରକ୍ଷିତ ବାତାବରଣ ଆବଶ୍ୟକ ପଡ଼ିଥାଏ, ଯାହାକୁ ନେଇ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। କିନ୍ତୁ ବେଆଇନଭାବେ ମାଛ ଧରୁଥିବା ଟ୍ରଲରକୁ ଜବତ କରିବା ପାଇଁ ବିଭାଗ ଏପର୍ଯ୍ୟନ୍ତ କୌଣସି ପାଟ୍ରୋଲିଂ ବୋଟ୍ ଯୋଗାଇ ଦିଆଯାଇ ନାହିଁ। ତେଣୁ ରାତିଦିନ ଅବାଧ ଟ୍ରଲର ଚଳାଚଳ ଯୋଗୁଁ ଆଜି ବିଶ୍ୱ ମାନଚିତ୍ରରୁ ଗୋଟିଏ ଗଣ ଅଣ୍ଡାଦାନସ୍ଥଳୀ ଲିଭିଯିବାକୁ ବସିଛି। ଏଥିସହିତ ବିଭାଗୀୟ ଅଧିକାରୀମାନେ ସୁରକ୍ଷା କଡ଼ାକଡ଼ି ପରିଚାଳନା ନ କରି ଯେଉଁ ତଥ୍ୟ ଦିଆଯାଉଛି ତା'ର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଫଳରେ ଦିନକୁ ଦିନ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପାଇଁ ଦେବୀ ନଦୀ ମୁହାଁଣରେ ଅଣ୍ଡାଦାନ ସୁରକ୍ଷିତ ମନେ ହେଉନାହିଁ। ତେଣୁ ଖୁବ୍‌ଶୀଘ୍ର ବନ ବିଭାଗକୁ ପାଟ୍ରୋଲିଂ ପାଇଁ ଅତ୍ୟାଧୁନିକ ବୋଟ୍ ଏବଂ ଆବଶ୍ୟକ କର୍ମଚାରୀ ଯୋଗେଇଦେବା ସହିତ ଆଇନ ଉଲ୍ଲଂଘନକାରୀଙ୍କୁ ଉଚିତ୍ ଦଣ୍ଡ ଦେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

> ଯୋଗାଇ ଦିଆଯାଉନି ପାଟ୍ରୋଲିଂ ବୋଟ୍
> ଉପାୟଶୂନ୍ୟ ବନ କର୍ମଚାରୀ
> ବିଶ୍ୱ ମାନଚିତ୍ରରୁ ହଜିଯିବ ଗଣ ଅଣ୍ଡାଦାନସ୍ଥଳୀ !

## ପିପିଲିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ପିପିଲି,୧୧।୧୧(ସମିସ): ପିପିଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପିପିଲି ବ୍ଲକ୍ ଦାଣ୍ଡମୁକୁନ୍ଦପୁରସ୍ଥିତ ବାଲିପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପିପିଲି ବ୍ଲକ୍ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ମଣ୍ଡଳ ଉନ୍ନୟନ ଅଧିକାରୀ ସରୋଜ ରାଉତ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ କୁମାର ବେହେରା, ଆତ୍ମା ଅଧ୍ୟକ୍ଷ ସୁବୋଧ କୁମାର ମହାନ୍ତି, ସିଡିପିଓ ମମତା ନାୟକ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଲୋକଙ୍କୁ ମତ୍ସ୍ୟ ଓ ପଶୁପାଳନ ପ୍ରତି ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ମେଳାର ମୁଖ୍ୟ ଆଭିମୁଖ୍ୟ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି ମେଳାରେ ମତ୍ସ୍ୟ ଚାଷରେ ୪ ସଫଳ ଚାଷୀ ଏବଂ ପଶୁପାଳନରେ ୪ ସଫଳ ଚାଷୀଙ୍କୁ ଫଳକ ଓ ମାନପତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହା ସହିତ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଲିପିକା ପ୍ରିୟଦର୍ଶିନୀ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିବାବେଳେ ପୁରୀର ସହକାରୀ ମତ୍ସ୍ୟ ଅଧିକାରିଣୀ ସଂଘମିତ୍ରା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପିପିଲି ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଆଲୋକ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ମେଳାରେ ୧୦ଟି ଷ୍ଟଲ୍ ପଡ଼ିଥିବାବେଳେ ପିପିଲି ବ୍ଲକ୍ କୃଷି ଅଧିକାରିଣୀ ସୁମିତ୍ରା ମହାନ୍ତି ଏବଂ ସହକାରୀ କୃଷି ଅଧିକାରିଣୀ ସସ୍ମିତା ମହାନ୍ତି ଚଳିତ ରବି ଋତୁରେ ସୂର୍ଯ୍ୟମୁଖୀ ଏବଂ ରାଶି ଚାଷ ନିମନ୍ତେ ମେଳାରେ ବ୍ଲକ୍‌ର ୨୫ଟି ଗ୍ରାମ ପଞ୍ଚାୟତ ଏବଂ ପିପିଲି ପୌରାଞ୍ଚଳର ଉପସ୍ଥିତ ଚାଷୀଙ୍କୁ ସଚେତନ କରାଉଥିଲେ।

## ଏସ୍‌ପି ଫାଉଣ୍ଡେସନ ପକ୍ଷରୁ ଶିଶୁ ମହୋତ୍ସବ

ନିମାପଡ଼ା,୧୧।୧୧(ସମିସ): ନିମାପଡ଼ାସ୍ଥିତ ଏସ୍‌ପି ଫାଉଣ୍ଡେସନ ଆନୁକୂଲ୍ୟରେ ସେଣ୍ଟ ଜାଭିୟର୍ସ ସ୍କୁଲ ସହଭାଗିତାରେ ଶିଶୁ ମହୋତ୍ସବ ଏବଂ ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଦୁଇଦିନ ଧରି ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ ଅଶୋକ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ରାଉତରାୟ, ଯୋଗଗୁରୁ ମୀନତି ଲେଙ୍କା, ଲିଟିଲ୍ ଷ୍ଟାର୍ ଶିଶୁ ବିକାଶ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣା, ଏସ୍‌ପି ଫାଉଣ୍ଡେସନର ଅଧ୍ୟକ୍ଷ ସ୍ୱେତପର୍ଣ୍ଣା ରାୟମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୬୦ଟି ସ୍କୁଲର ୧୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ହସ୍ତାକ୍ଷର, ଚିତ୍ରାଙ୍କନ, ବକ୍ତୃତା, ଗୀତ, ନାଚ ଆଦି ପ୍ରତିଯୋଗିତା କରାଯାଇଥିଲା। ୧୭୦ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।




## ଗୋଚର ଜମିରେ ରାସ୍ତା ନିର୍ମାଣ; ଜିଲ୍ଲାପାଳଙ୍କୁ ଅଭିଯୋଗ

ନୟାହାଟ,୧୧।୧୧(ସମିସ): ଗୋଚର ଜମିରେ ରାସ୍ତା ନିର୍ମାଣକୁ ବିରୋଧ କରି ବରୀମୁଣ୍ଡ ଗ୍ରାମବାସୀ ପୁରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ବରୀମୁଣ୍ଡ ଗ୍ରାମରେ ୧୨୦୦ରୁ ୧୫୦୦ ଗାଈଗୋରୁ ଅଛନ୍ତି। ସେମାନଙ୍କ ଚରିବା ପାଇଁ ଗୋଚର ଜମି ରହିଛି। ବରୀମୁଣ୍ଡ ଆର୍‌ଆଇ ସର୍କଲ ଅଞ୍ଚଳରେ ଖାତା ନମ୍ବର ୩୩୦ର ପ୍ଲଟ୍ ନଂ ୬୪, ୬୫, ୫୯ରେ ଗୋଚର ଜମି ଥିବାବେଳେ ଗାଈଗୋରୁ ଚରିବା ସ୍ଥାନରେ ଜଣେ ଖଳ ପ୍ରକୃତିର ବ୍ୟକ୍ତି ଜୋର୍‌ଜବରଦସ୍ତି କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି। ଉକ୍ତ କାର୍ଯ୍ୟକୁ ବନ୍ଦ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବରୀମୁଣ୍ଡ ଗ୍ରାମର କମଳାକାନ୍ତ ବେଉରା, ନଟବର ପ୍ରଧାନ, ଅଜୟ ସ୍ୱାଇଁ, ବିବ୍ୟସିଂହ ସ୍ୱାଇଁ ପ୍ରମୁଖ ମଙ୍ଗଳବାର ପୁରୀ ଜିଲ୍ଲାପାଳ, ଗୋପ ବିଡିଓ, ଗୋପ ତହସିଲ୍‌ଦାର, ଗୋପ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଆପତ୍ତିଜନକ ଫଟୋ ଭାଇରାଲ କରି ଯୁବକ ଗିରଫ

କାକଟପୁର/ଗମ୍ଭାରୀପଦା,୧୧।୧୧(ସମିସ): କାକଟପୁର ଥାନା ଅଧୀନସ୍ଥ ଗମ୍ଭାରିପଦା ଅଞ୍ଚଳର ଜନୈକା ୨୨ ବର୍ଷୀୟା ଯୁବତୀଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଗୋପ ଥାନା ଅଧୀନସ୍ଥ ପୋଦନା ଗ୍ରାମର ଗୁଡୁ ଦଳାଇ ଓରଫ ବଣ୍ଟି (୨୦) ନାମକ ଯୁବକ ଗିରଫ ହୋଇଛନ୍ତି। ପ୍ରକାଶ ଯେ, ସମ୍ପୃକ୍ତ ଯୁବତୀଙ୍କ ସହ ବଣ୍ଟିଙ୍କର ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ରହିଆସିଥିଲା। ଏହାର ସୁଯୋଗ ନେଇ ବଣ୍ଟି ଉକ୍ତ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ବିଭିନ୍ନ ସମୟରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏହା ସହିତ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଯୁବତୀ ଗତ ୬ ତାରିଖରେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତ ବଣ୍ଟିଙ୍କୁ ସେ ରହୁଥିବା କାକଟପୁର ଥାନା ଅଧୀନସ୍ଥ ବଡ଼କଣ ଗ୍ରାମରୁ ଗିରଫ କରାଯାଇଥିଲା। କେସ୍ ନମ୍ବର ୩୧୮/୨୫ରେ ଏକ ମାମଲା ରୁଜୁ କରାଯାଇ ବଣ୍ଟିର ଡାକ୍ତରୀମଇନା କରାଯିବା ପରେ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି ଥାନାଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ନୟାହାଟରେ ଟ୍ରାଫିକ୍ ସମସ୍ୟା ଜଟିଳ

ନୟାହାଟ,୧୧।୧୧(ସମିସ): ନୟାହାଟ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି ଆଲୋକ ବ୍ୟବସ୍ଥା। ରାସ୍ତା ଅନ୍ଧାର ହୋଇଥିବାରୁ ଯାତାୟାତରେ ଲୋକମାନେ ବହୁ ହଇରାଣ ହରକତ ହେଉଛନ୍ତି। ନୟାହାଟ ବଜାରକୁ ଓସାର କରାଯାଉ ନ ଥିବାରୁ ରାସ୍ତା ସଙ୍କୁଚିତ ଯୋଗୁଁ ମଙ୍ଗଳବାର ସନ୍ଧ୍ୟା ସମୟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଏହାରି ମଧ୍ୟରେ ୧୦୮ ଆମ୍ବୁଲାନ୍ସ ଫସି ରହିଥିଲା। ଖବର ପାଇ ନୟାହାଟ ପୁଲିସ ପହଞ୍ଚି ପ୍ରଥମେ ଆମ୍ବୁଲାନ୍ସକୁ ଯିବାକୁ ରାସ୍ତା ଦେବା ସହିତ ଟ୍ରାଫିକ୍ ସମସ୍ୟା ଦୂର କରିଥିଲେ। ନୟାହାଟ ବଜାରଠାରୁ ୧ କି.ମି. ପର୍ଯ୍ୟନ୍ତ ଚାରିଚକିଆ, ଦୁଇ ଚକିଆ ଏବଂ ତିନି ଚକିଆ ଗାଡ଼ିଗୁଡ଼ିକ ଛିଡ଼ା ହୋଇଥିବା ଫଳରେ ଅସମ୍ଭାଳ ଭିଡ଼ରେ ଲୋକମାନେ ଯାତାୟାତ କରିପାରି ନ ଥିଲେ। ନୟାହାଟ ବଜାରରେ ସରକାରୀ ଜାଗାକୁ ଦଖଲ କରାଯାଇଥିବାରୁ ପ୍ରତ୍ୟେକ ଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଯାହା ଫଳରେ ଫାଣ୍ଡି ପୁଲିସ କର୍ମଚାରୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି, ଉକ୍ତ ସମସ୍ୟା ସବୁଦିନ ଉପୁଜୁଥିବାରୁ ଆମେ ଫାଣ୍ଡିକୁ ଆସୁଥିବା ଲୋକମାନଙ୍କ ସମସ୍ୟା ବୁଝିପାରୁ ନାହୁଁ, ଏ ଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

## ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି

ଡେଲାଙ୍ଗ,୧୧।୧୧(ସମିସ): ଗତ ସୋମବାର ବିଳମ୍ବିତ ରାତିରେ ବିଜେପିର ଘୋରଡ଼ିଆ ମଣ୍ଡଳ ସାଧାରଣ ସମ୍ପାଦକ ଲିଳେନ୍ଦ୍ର ଜେନାଙ୍କ ଘରୁ କେତେକ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ସହିତ ସୁନା ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ, ସାଉରିଆ ପଞ୍ଚାୟତ ଅଧୀନ କୁଆପଦା ଗ୍ରାମର ଲିଳେନ୍ଦ୍ର ତାଙ୍କ ବାପା-ମାଆଙ୍କ ସହିତ ବାହାରକୁ ଯାଇଥିବାବେଳେ କେତେକ ଦୁର୍ବୃତ୍ତ ଏହାର ସୁଯୋଗ ନେଇ ରାତି ଅଧରେ ଝରକା ଭାଙ୍ଗି ଘରେ ପଶିଥିଲେ। ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା କରିବା ସହିତ ଘରେ ଥିବା ସୁନା ଅଳଙ୍କାର(ଆନୁମାନିକ ୫ ଲକ୍ଷ) ଓ ନଗଦ ୨ ଲକ୍ଷ ୨୦ ହଜାର ଟଙ୍କା, ବାସନକୁସନ ଓ ଜରୁରୀ କାଗଜପତ୍ର ଚୋରିକରି ନେଇଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତାଙ୍କ ପୋଷା କୁକୁରକୁ କୌଣସି ଔଷଧ ସ୍ପ୍ରେ କରିଦେଇଥିବାରୁ କୁକୁରଟି ସକାଳ ୮ଟା ପର୍ଯ୍ୟନ୍ତ ଶୋଇ ରହିଥିବା ଲିଳେନ୍ଦ୍ର କହିଛନ୍ତି। ଖବର ପାଇ ଡେଲାଙ୍ଗ ଥାନା ଏଏସ୍ଆଇ କୁଳମଣି ବେହେରାଙ୍କ ସହିତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଘରଠାରୁ କିଛି ଦୂରରେ ଥିବା ଜଙ୍ଗଲିଆ ସ୍ଥାନରେ ଭଙ୍ଗା ଟ୍ରଙ୍କ୍ ଓ କାଗଜପତ୍ର ପଡ଼ିଥିବା ସନ୍ଧାନ ପାଇବା ପରେ ପୁଲିସ ସେଗୁଡ଼ିକୁ ଜବତ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

MISSING



ନାମ - ନରେସ ସ୍ୱାଇଁ
ବୟସ- ୫୨ ବର୍ଷ
ଉଚ୍ଚତା- ୫ ଫୁଟ୍ ୪ ଇଞ୍ଚ
(ମଧ୍ୟମ ଶରୀର, ଶ୍ୟାମଳ ରଙ୍ଗ)
ମାନସିକ ଅବସ୍ଥା ଅସ୍ଥିର ଅଟେ। ଶେଷ ଥର ପାଇଁ ଫୁଲନଖରା ଓଭରବ୍ରିଜ ତଳେ ଦେଖାଯାଇଥିଲେ ।ସେ ଲୁଙ୍ଗି ଆଉ ଗେଞ୍ଜି ପିନ୍ଧିଥିଲେ ।ସେ ଛୋଟେଇ କରି ଚାଲନ୍ତି ତାଙ୍କ ବାମ ଗୋଡ ଛୋଟା ଅଟେ । ଯଦି କେହି ସହୃଦୟ ବ୍ୟକ୍ତି ଆଙ୍କର କୌଣସି ସନ୍ଧାନ ପାଆନ୍ତି। ତାହେଲେ ଏହି ଠିକଣାରେ ଜଣେଇବାକୁ ଅନୁରୋଧ ।
କେଶବ ଚନ୍ଦ୍ର ସ୍ୱାଇଁ,
ଖଣ୍ଡାସାହି, କାକଟପୁର, ପୁରୀ,
ମୋ.: ୯୧୨୪୯୦୯୩୨୬,
୮୭୩୩୦୪୬୧୨୩ ।

ମାଧବାନନ୍ଦଜୀଉଙ୍କ ପୀଠରୁ ଶ୍ରୀମନ୍ଦିର ଗଲା ପଢୁଆଁ ଭାର

## ପାରମ୍ପରିକ ନୃତ୍ୟ, ନାମ ସଂକୀର୍ତ୍ତନରେ କମ୍ପିଲା ଅଞ୍ଚଳ





ଚାରିଛକ,୧୧।୧୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଚାରିଛକ ନିକଟସ୍ଥ ପୁଣ୍ୟତୋୟା ପବିତ୍ର ପ୍ରାଚୀନଦୀ ତଟସ୍ଥ ନିଆଳି ମାଧବଠାରେ ଅବସ୍ଥିତ ମାଧବାନନ୍ଦଜୀଉ ମନ୍ଦିରରୁ ମଙ୍ଗଳବାର ସକାଳୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁ ଘରୁ ପୁରୀ ଶ୍ରୀମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କ ନିମନ୍ତେ ପ୍ରଥମାଷ୍ଟମୀ ଉପଲକ୍ଷେ ପଢୁଆଁ ଭାର ପଠାଯାଇଛି। ଭାର ସମ୍ମୁଖରେ ୧୮ ଗଡ଼ର ପାଇକମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, କଳାକୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥି ସହିତ ନାମ ସଂକୀର୍ତ୍ତନ, ଘୋଡ଼ାନାଚ, ଘଣ୍ଟ ମାଦଳ ଓ ଆତସବାଜିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଚାରିଛକଠାରେ ଚାରିଛକ ପ୍ରେସ୍ କ୍ଲବ୍, ବରିଷ୍ଠ ନାଗରିକ ମଞ୍ଚ, ସରସ୍ୱତୀ ଶିଶୁ ମନ୍ଦିର, ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ଜଗନ୍ନାଥ ପ୍ରେମୀ କେଦାରନାଥ ବେହେରାଙ୍କ ତରଫରୁ ଭକ୍ତଙ୍କ ନିମନ୍ତେ ମାଣିକପାଟଣା ଦହିପଣାର ବ୍ୟବସ୍ଥା କରାଯାଇଥିଲା।

ଭାର ଯିବା ସମୟରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ବିଜେପି ନେତା ଶ୍ୟାମସୁନ୍ଦର ନାୟକ, ମାଧବ ବିକାଶ ପରିଷଦର ଉପଦେଷ୍ଟା ବିନାୟକ ଦାସ ମହାପାତ୍ର, ରାମକୃଷ୍ଣ ମହାପାତ୍ର, ମାଧବ ମନ୍ଦିରର ହେରିଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଗୋସ୍ୱାମୀ(ବାବୁ), ଆଇନଜୀବୀ ସୁଧୀର କୁମାର ମହାନ୍ତି, ରଣଜିତ ସାହୁ, ସରପଞ୍ଚ ବାବୁରାମ ମଲ୍ଲିକ, ଜଟାଧାରୀ ପୁଷ୍ପାଳକ, ତ୍ରିଲୋଚନ ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ପୀତାମ୍ବର ରାଉତ, ଅଶୋକ ପୁଷ୍ପାଳକଙ୍କ ସମେତ ମାଧବ ବିକାଶ ପରିଷଦର ସମସ୍ତ ସଦସ୍ୟ, ମାଧବ ଟ୍ରଷ୍ଟର ସଦସ୍ୟ, ଛତିଶାନିଯୋଗ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଉପସଭାପତି ବସନ୍ତ ଦାସ, ସଂଗଠନ ସମ୍ପାଦକ ବିଜୟ ବେହେରା, ସହସମ୍ପାଦକ ସନ୍ତୋଷ ଦାସ, ମିଡିଆ ସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ସାହୁ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁ ଚରଣ ବେହେରା, ସଭାପତି ପ୍ରଫେସର ଗୋପୀନାଥ କର, ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଜେନା, ପୂର୍ବତନ ସମିତିସଭ୍ୟ ଅରକ୍ଷିତ ଜେନା, ମାଧବ ସରପଞ୍ଚ ବାବୁରାମ ମଲ୍ଲିକ, ଏକାନ୍ତ ଆଶ୍ରମ ନରେନ୍ଦ୍ର ପ୍ରଧାନ(ନନ୍ଦବାବା)ଙ୍କ ସମେତ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ୍ ଥିଲେ। ଭାର ଯିବା ସମୟରେ ଚାରିଛକ ବଜାରରେ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍ଆଇ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସୁଚାରୁ ରୂପେ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ।

୧୧/୧୧/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୫,୬୯୩/- ସୁନା: ୧୬୦.୦୦୦ ଗ୍ରାମ୍ ରୁପା: ୧୦୧.୦୦୦ ଗ୍ରାମ୍



## ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶା ପୁଲିସ ସଜାଗ

# ପୁରୀର ସୁରକ୍ଷା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

**ପୁରୀ,୧୧।୧୧(ସମିସ):** ଦିଲ୍ଲୀରେ ଭୟଙ୍କର ବିସ୍ଫୋରଣ ପରେ ସାରା ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି। ବେଳାଭୂମି, ବଡ଼ଦାଣ୍ଡ, ଶ୍ରୀମନ୍ଦିର, ରେଳ ଷ୍ଟେସନ ସହ ବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳରେ କଡ଼ା ନଜର ରଖାଯାଇଛି। ମଙ୍ଗଳବାର କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ପୁରୀ ଆସି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ ସହିତ ସମୀକ୍ଷା କରିଛନ୍ତି। ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଶ୍ରୀମନ୍ଦିର ସମେତ ପୁରୀ ସହରରେ କଡ଼ା ସୁରକ୍ଷା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସହ ଶ୍ରୀମନ୍ଦିର ସୁରକ୍ଷା ବାହିନୀର କମାଣ୍ଡାଣ୍ଟ, ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି, ଅଗ୍ନିଶମ ଅଧିକାରୀ, କୋଷ୍ଟ ଗାର୍ଡ ଅଧିକାରୀ, ଜିଆର୍‌ପି ଅଧିକାରୀଙ୍କ ସହ ସୁରକ୍ଷା ବିଭାଗର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷାରେ ଶ୍ରୀମନ୍ଦିର ସହିତ ପୁରୀ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କିଭଳି ସୁଦୃଢ଼ କରାଯାଇପାରିବ ସେନେଇ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା।



ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ଡିଆଇଜି ଶ୍ରୀ ନାୟକ କହିଛନ୍ତି ଯେ ଶ୍ରୀମନ୍ଦିର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଦିଲ୍ଲୀଠାରେ ହୋଇଥିବା ବିସ୍ଫୋରଣ ପରେ ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ସହ କୋଷ୍ଟଗାର୍ଡ ସୁରକ୍ଷା ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସେଫ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ପୁଲିସ ବ୍ୟବସ୍ଥା ଅଧିକ କରାଯିବ। ବିଭିନ୍ନ ଯନ୍ତ୍ରପାତି ଯାଞ୍ଚ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ସହ ବିଭିନ୍ନ ଟିମ୍‌କୁ ଆଲର୍ଟ କରାଯାଇଛି। ବିଭିନ୍ନ ସ୍ଥାନରେ ନଜର ରଖିବେ। ପାଟ୍ରୋଲିଂ, ନାକା, ଗାଡ଼ି ଚେକିଂ, କୋଷ୍ଟଗାର୍ଡ ଆଦି ଉପରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ଚତୁଃପାଶ୍ୱର୍ରେ ଫୁଟ୍ ପାଟ୍ରୋଲିଂ ନିୟମିତ କରାଯାଇଛି। ରାତି ୧୦ଟା ପରଠାରୁ ଶ୍ରୀମନ୍ଦିର ଯାଏ ନୋ ଭେହିକିଲ୍ ଜୋନ୍ କରାଯାଇଛି। ଶ୍ରୀମନ୍ଦିର ପାଖକୁ କୌଣସି ଚାରିଚକିଆ ଯାନର ପ୍ରବେଶ ନେଇ କଟକଣା ଜାରି କରାଯାଇଛି। ସହରର ସମସ୍ତ ପ୍ରବେଶ ପଥରେ ପୁଲିସ ପକ୍ଷରୁ ନାକା ଲଗାଯାଇ ଗାଡ଼ିଗୁଡ଼ିକ ଯାଞ୍ଚ କରାଯାଉଛି। ପୁରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ ସିସିଟିଭି ଲଗାଯିବା ନେଇ ପଦକ୍ଷେପ ନିଆଯାଉଛି। ସମୁଦ୍ର ପଥକୁ ସୁରକ୍ଷିତ ରଖିବା ପାଇଁ କୋଷ୍ଟଗାର୍ଡ ସହିତ ସମନ୍ୱୟ ରଖାଯାଇ ମେରାଇନ୍ ଥାନା ପୁଲିସ ମିଳିତ ଭାବେ ପାଟ୍ରୋଲିଂ କରୁଛନ୍ତି। ପୁରୀ ରେଳ ଷ୍ଟେସନରେ ଜିଆର୍‌ପି ଓ ଆର୍‌ପିଏଫ୍ ପକ୍ଷରୁ କଡ଼ା ନଜର ରଖାଯାଇଛି। ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା ପ୍ରୋସେସ୍‌ରେ ରହିଛି। ବର୍ତ୍ତମାନ ୧୨ ପ୍ଲାଟୁନ ପୁଲିସ ଫୋର୍ସ ଶ୍ରୀମନ୍ଦିରକୁ ଜଗୁଛନ୍ତି। ତାହା ସହ ଆର୍ମ ଫୋର୍ସ ରହିଛନ୍ତି। ସିଂହଦ୍ୱାରଠାରେ ୫ଟି ମେଟାଲ ଡିଟେକ୍ଟର ରହିଛି। ଅନ୍ୟ ଦ୍ୱାରରେ ମଧ୍ୟ ଆର୍ମ ଫୋର୍ସ ମୁତୟନ କରାଯାଇଛି। ସମସ୍ତ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଶାଢ଼ି ବନ୍ଧାଇଲେ ସେବାୟତ

**ପୁରୀ,୧୧।୧୧(ସମିସ):** ଶ୍ରୀମନ୍ଦିରରେ ରହିଛି ଅନେକ ପରମ୍ପରା। ଏଥିମଧ୍ୟରେ ଶାଢ଼ିବନ୍ଧା ପରମ୍ପରା ଅନନ୍ୟ। ମହାପ୍ରଭୁଙ୍କ ବିଭିନ୍ନ ସେବା କରିବା ନିମନ୍ତେ ସେବାୟତମାନେ ଶାଢ଼ି ବନ୍ଧାଇବା ବିଧି ରହିଛି। ଏହି ଶାଢ଼ି ବନ୍ଧାଇବା ପରେ ହିଁ ମହାପ୍ରଭୁଙ୍କ ସେବା ପୂଜା ପାଇଁ ପାଳିଆ ସେବକ ଭାବେ ପରିଗଣିତ ହୋଇଥା'ନ୍ତି। ମହାପ୍ରଭୁଙ୍କ ସେବାପୂଜା ପାଇଁ କିଛି ନିର୍ଦ୍ଦିଷ୍ଟ ସେବାୟତଙ୍କୁ ଶାଢ଼ି ବନ୍ଧାଇବାକୁ ସୁଯୋଗ ମିଳିଥାଏ। ଅନ୍ୟ କୌଣସି ମନ୍ଦିରରେ ଏହି ପରମ୍ପରା ଦେଖିବାକୁ ମିଳି ନ ଥାଏ। ସେବକ କୂଳରେ ଜନ୍ମ ହୋଇଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ସେବାୟତ ଶାଢ଼ି ନ ବାନ୍ଧିଲେ ମହାପ୍ରଭୁଙ୍କ ସେବା ପୂଜା ପାଇଁ ପାଳି ଖଟିପାରିବେ ନାହିଁ। କେଉଁ ଆବହମାନ କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି। ଏହି କ୍ରମରେ ମଙ୍ଗଳବାର ଶାଢ଼ି ବନ୍ଧାଇଛନ୍ତି ଶ୍ରୀମନ୍ଦିରର ଦର୍ପଣୀୟ ସେବାୟତ କୃଷ୍ଣଚନ୍ଦ୍ର ବେଜ, ବୁଧନାଥ ବେଜ ଓ ଅଶୋକ କୁମାର ବେଜ। ଶ୍ରୀମନ୍ଦିରରେ ଦର୍ପଣୀୟ ସେବାୟତଙ୍କର ବଡ଼ ଭୂମିକା



ରହିଥାଏ। ଏହି ସେବାକୁ ଆଦ୍ୟନ୍ତ ସେବା କୁହାଯାଏ। ସକାଳ ପହୁଡ଼ ଖୋଲିବାଠାରୁ ଆରମ୍ଭ କରି ରାତ୍ର ପହୁଡ଼ ପର୍ଯ୍ୟନ୍ତ ରହି ଏହି ସେବକମାନେ ବିଭିନ୍ନ ସେବାପୂଜାରେ ନିୟୋଜିତ ହୋଇଥା'ନ୍ତି। ସକାଳ ପହୁଡ଼ ଖୋଲିବା ପରେ ମହାପ୍ରଭୁଙ୍କ ବାସନମଜା ହୋଇ ଦର୍ପଣ ସେବା କରାଯାଇଥାଏ। ଶ୍ରୀମନ୍ଦିରର ଦ୍ୱାରଖୋଲା ହେବା ପରେ ମହାପ୍ରଭୁଙ୍କ ମୁଖ ପଖାଳା ହୋଇ ତିନିଠାକୁରଙ୍କ ନିମନ୍ତେ ଦର୍ପଣ ସେବା ଆରମ୍ଭ ହୋଇଥାଏ ବୋଲି ସେବାୟତ କହିଛନ୍ତି।

# ଭକ୍ତି ଅର୍ଘ୍ୟ 'ହୃଦୟରେ କଳାଠାକୁର'

**ପୁରୀ,୧୧।୧୧(ସମିସ):** ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ର ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରେ ଭକ୍ତିସଙ୍ଗୀତକୁ ନେଇ 'ହୃଦୟରେ କଳାଠାକୁର' ସଙ୍ଗୀତ ସନ୍ଧ୍ୟା



ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ତଥା ମା' ଆଦିଶକ୍ତିଙ୍କ ସେବକ ଯୋଗୀ ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବେଦାନ୍ତ ଆଲୁମିନିୟମ୍‌ର ମହେନ୍ଦ୍ର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବର୍ଷିୟାନ୍ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ବରିଷ୍ଠ କବି ରକ୍ଷକ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଶଙ୍କର୍ଷଣ ଦାଶ, ସିବିଆଇର ପୂର୍ବତନ ଆଇନ ପରାମର୍ଶଦାତା କାଳୀଚରଣ ମିଶ୍ର, ବରିଷ୍ଠ କଳାକାର ଯାମିନୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ 'ହୃଦୟରେ କଳାଠାକୁର' ସିଡି ଲୋକାର୍ପିତ ହେବା ସହ କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, କଣ୍ଠଶିଳ୍ପୀ ସୁଧାକର ମିଶ୍ର, ସିତାର ବାଦକ ସତ୍ୟ ନାରାୟଣ ଗୁରୁ, ବିଶିଷ୍ଟ ଜ୍ୟୋତିର୍ବିଦ୍ ନିରଞ୍ଜନ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ, ସାଂସ୍କୃତିକ ସମ୍ପାଦକ ଗୁରୁ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ପ୍ରକାଶିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଗଠନ ସମ୍ପାଦକ ସନାତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ କାର୍ତ୍ତିକ କୁମାର, ଅଞ୍ଜଳି ମିଶ୍ର, ସୁଧାକର ମିଶ୍ର, ପ୍ରକାଶିନୀ ସାହୁ, ସୁଭଦ୍ରା ସିଂ, ଯଜ୍ଞଦତ୍ତ ଦାଶ, ସ୍ୱପ୍ନା ଷଡ଼ଙ୍ଗୀ, ସତ୍ୟବ୍ରତ ମଲ୍ଲିକ, ସିଦ୍ଧାନ୍ତ ଶତପଥୀ, ସିଦ୍ଧିସ୍ମି ବିନ୍ଧାଣୀ, ଦର୍ଶନା କର, ରାଜଲକ୍ଷ୍ମୀ ଶତପଥୀ, ମୀରାତ୍ମିକା ପାତ୍ର, ସାନ୍‌ଭି ପଟ୍ଟନାୟକ, ସିଦ୍ଧି ସାନିକା ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଓ ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।

## ଗୁଣ୍ଡିଚା ମନ୍ଦିର ଦଳାଚକଟା ରିପୋର୍ଟକୁ ନେଇ ଆପ୍‌ର ପ୍ରଶ୍ନ

# ବଡ଼ବଡ଼ିଆଙ୍କୁ ସୁରକ୍ଷା, ତଳିଆଙ୍କୁ ଦଣ୍ଡ

**ପୁରୀ, ୧୧।୧୧ (ସମିସ):** ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନେକ ଆହତ ହୋଇଥିଲେ। ତେବେ ଏହି ଦୁଃଖଦ ଘଟଣାର ତଦନ୍ତ ରିପୋର୍ଟ ଆସିଛି, ଯେଉଁଥିରେ ୭ ପୁଲିସ ଅଧିକାରୀଙ୍କ ଅବହେଳାକୁ ଦାୟୀ କରାଯାଇଛି। ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର ପୁଲିସ ଡିଜିଙ୍କୁ ସୁପାରିସ୍ କରିଛନ୍ତି। ହେଲେ ଏହାକୁ ଗ୍ରହଣ କରିପାରିନାହାନ୍ତି ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ। ଏତେବଡ଼ ରଥଯାତ୍ରା ପରିଚାଳନା ଦାୟିତ୍ୱ ବହୁ ଆଇଏଏସ୍ ଓ ଆଇପିଏସ୍‌ଙ୍କ ହାତରେ ଥିବାବେଳେ ଜଣେ ହେଲେ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ରିପୋର୍ଟରେ ଉଲ୍ଲେଖ ନାହିଁ। କେବଳ ମାର୍‌ମାର୍ ଭଣ୍ଡରିଆକୁ ମାର୍ ନୀତିରେ କିଛି ଅଧସ୍ତନ ପୁଲିସ କର୍ମଚାରୀଙ୍କୁ ଦାୟୀ କରାଯିବାକୁ ନେଇ ପ୍ରଶ୍ନ ଉଠାଇଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏଥିରେ ବଡ଼ବଡ଼ିଆଙ୍କୁ ଖସାଇଦେବାକୁ ଉଦ୍ୟମ କରାଯାଇଥିବାରୁ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ପାଇଁ ପୁନଃ ତଦନ୍ତ ଦାବି କରିଛି।

ଏ ନେଇ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ବଡ଼ବଡ଼ିଆ ଅଧିକାରୀଙ୍କ ସୁରକ୍ଷା ପାଇଁ ଛୋଟ କର୍ମଚାରୀଙ୍କୁ ବଳି ପକାଯାଇଛି। ଯେଉଁମାନେ ପ୍ରମୁଖ ଦାୟିତ୍ୱରେ ଥିଲେ ଏବଂ ଯାହାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିଲା ସେମାନେ କେଉଁଭଳି ପର୍ଯ୍ୟବେକ୍ଷଣ କରୁଥିଲେ ସେଥିପାଇଁ ଏଡ଼େ ବଡ଼ ଅଘଟଣ ଘଟିଥିଲା। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କଠୁ ଆରମ୍ଭ କରି ବିଭିନ୍ନ ନେତା ମନ୍ତ୍ରୀଙ୍କୁ ମଧ୍ୟ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସେମାନେ ଘନ ଘନ ବୈଠକ କରିଥିଲେ। ମାତ୍ର ସମସ୍ତେ ଖସିଗଲେ, କିନ୍ତୁ କିଛି ଅଧିକାରୀଙ୍କୁ ଜାଣିଶୁଣି ବଳି ପକାଇ ଦିଆଗଲା।

> **୮୮ ଲକ୍ଷ ଟଙ୍କାରେ ସିସିଟିଭି କ୍ୟାମେରା ଲଗାଯାଇଥିବା ଏକ ଘୋଟାଲା**

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ୨୭୫ଟି ସିସିଟିଭି କ୍ୟାମେରା ଲାଗିଥିଲା ବୋଲି କୁହାଯାଉଛି। କିନ୍ତୁ ଯେତେବେଳେ ସୂଚନା ଅଧିକାର ଆଇନରେ ସେ ତଥ୍ୟ ମାଗିଥିଲେ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ନିଲ୍ ବୋଲି ଉଲ୍ଲେଖ କରାଯାଇଥିଲା। ତେବେ କ୍ୟାମେରା ଲଗାରେ ବଡ଼ ଧରଣର ଦୁର୍ନୀତି କରାଯାଇଛି ବୋଲି ସଞ୍ଜୀବ ଅଭିଯୋଗ କରିଛନ୍ତି। ରଥଯାତ୍ରାରେ ୮୮ ଲକ୍ଷ ଟଙ୍କାରେ ସିସିଟିଭି କ୍ୟାମେରା ଲଗାଯାଇଥିବା କଥା ଏକ ଘୋଟାଲା।

ଏଥିରେ ଅଧିକାରୀଙ୍କଠୁ ନେଇ ମନ୍ତ୍ରୀଙ୍କ ଯାଏଁ ସାମିଲ୍ ଅଛନ୍ତି। ତେଣୁ ହାଇକୋର୍ଟର ପୂର୍ବତନ ନ୍ୟାୟାଧୀଶଙ୍କ ମାଧ୍ୟମରେ ଏହାର ପୁନଃ ତଦନ୍ତ କରିବାକୁ ଏସ୍‌ପିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ସାମିଲ୍ ଥିବା ତଳିଆଙ୍କଠୁ ନେଇ ଉପରିସ୍ଥ ଅଧିକାରୀ ଓ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପୁଲିସ୍ ସଂଗଠନମାନେ ମଧ୍ୟ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ସ୍ୱର ଉଠାଇବାକୁ ସେ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ନଗର ସଭାପତି ରମାକାନ୍ତ ସ୍ୱାଇଁ, ନାରୀ ନେତ୍ରୀ ସନ୍ଧ୍ୟାରାଣୀ ଦାସ ଓ ସମିନା ନାୟକ ଉପସ୍ଥିତ ଥିଲେ।

# ବୋଇତ ବନ୍ଦାଣ ଉତ୍ସବରେ ପ୍ରତିଭା ସମ୍ବର୍ଦ୍ଧିତ

**ପୁରୀ,୧୧।୧୧(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନୀଳଚକ୍ର ପଶ୍ଚିମବଙ୍ଗ ପକ୍ଷରୁ କୋଲକାତାସ୍ଥିତ ଜାତୀୟ ଗ୍ରନ୍ଥାଗାର ସମ୍ମିଳନୀ କକ୍ଷରେ ଆୟୋଜିତ ୫୩ତମ ବୋଇତ ବନ୍ଦାଣ ଉତ୍ସବରେ ଓଡ଼ିଆ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଦ୍ମଶ୍ରୀ ଦୈତାରୀ ନାୟକ ବଦ୍ରି ମିଶ୍ରଙ୍କୁ ଜୀବନବ୍ୟାପୀ ସେବା ସମ୍ମାନରେ ସମ୍ମାନିତ କରିଛନ୍ତି। ଏଥିସହ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଭାରତୀୟ ରାଜ୍ୟ ସେବାର ଆଶୁତୋଷ କୁମାର ସାହୁ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ମକ୍‌ବୁଲ ଇସ୍‌ଲାମ, ଉତ୍କଳୀୟ ସଂସ୍କୃତି ଗବେଷକ ପ୍ରଫେସର କୃଷ୍ଣଚନ୍ଦ୍ର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀନାରାୟଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆପ୍ ପକ୍ଷରୁ ଦାବିପତ୍ର ପ୍ରଦାନ

**ପୁରୀ,୧୧।୧୧(ସମିସ):** ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି କି ଦିଲ୍ଲୀ ବୋମା ବିସ୍ଫୋରଣ ପରେ ଶ୍ରୀମନ୍ଦିର ମଧ୍ୟ ହାଇ ଆଲର୍ଟରେ ରହିଲା। ଅଚାନକ ପୁଲିସର ସାଇରନ୍ ବାଜି ସତର୍କ କରାଗଲା। ପୁଲିସ ପୂରା ସକ୍ରିୟ ହୋଇ କାମ କରୁଛି। ଶ୍ରୀମନ୍ଦିର ସବୁବେଳେ ବିପଦ ଆଶଙ୍କାରେ ରହିଛି। ଶ୍ରୀମନ୍ଦିର ସୁରକ୍ଷାର ପ୍ରାଧାନ୍ୟ ଓ ପ୍ରାଥମିକତା ବୋଲି ସରକାର ଅନୁଭବ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ସୁରକ୍ଷା ପାଇଁ ଅନେକ ସୁରକ୍ଷା କର୍ମୀ ନିଯୁକ୍ତ କରିଛି। କିନ୍ତୁ ମେଟାଲ ଡିଟେକ୍ଟର କାମ କରୁନାହିଁ ବୋଲି ସୂଚନା ମିଳିଛି। ସିଂହଦ୍ୱାରରେ ଲାଗିଥିବା ମେଟାଲ ଡିଟେକ୍ଟର ଗହଳି ସମୟରେ କାମ କରୁନାହିଁ। ବାକି ୩ ଦ୍ୱାରରେ ନାହିଁ। ପୁଲିସ ହାତମାରି ଲୋକଙ୍କୁ ଚେକ୍ କରନ୍ତି। ତେବେ ସରକାର ଯୋଉ ୫୦୦ କୋଟି କାର୍ପସ୍ ଫଣ୍ଡ ଦିଆଯାଇଛି ତାହା ବ୍ୟାଙ୍କରେ ରଖିଲେ କ'ଣ ହେବ, ଯଦି ମହାପ୍ରଭୁଙ୍କ କାମରେ ନ ଲାଗିପାରିବ। ସନ୍ଦେହ ହେଉଚି ସେ ଟଙ୍କା ଅଛି ନା ଆଉ କୁଆଡ଼େ ଡାଇଭର୍ଟ ହୋଇଚି। ତେଣୁ ସରକାର ଦେଇଥିବା ୫୦୦ କୋଟିର କର୍ପସ୍ ଫଣ୍ଡ ଏହି କାମରେ ଲଗାଯାଉ।

ସେହିପରି ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା ହେବା ଜରୁରୀ। ଭାରତର ପ୍ରାୟ ସବୁ ବଡ଼ ବଡ଼ ତୀର୍ଥ ସ୍ଥାନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି, ଏହା ଶ୍ରୀମନ୍ଦିରରେ କଲେ କ'ଣ ଅସୁବିଧା ହେବ। ମହିଳାଙ୍କ ପ୍ରବେଶ ସ୍ୱତନ୍ତ୍ର ରହୁ ଓ ତଦାରଖ କଲାବେଳେ କପଡ଼ା ଘର ଭିତରେ କରାଗଲେ ଭଲ ହୁଅନ୍ତା ଏବଂ ଶ୍ରୀମନ୍ଦିର ପ୍ରତି ସୁରକ୍ଷାର ଉଠୁଥିବା ସମସ୍ତ ପ୍ରଶ୍ନର ସମାଧାନ ମଧ୍ୟ ବାହାରିପାରନ୍ତା ବୋଲି ଆପ୍ ପକ୍ଷରୁ କୁହାଯାଇଛି। ଆପ୍ ନଗର ସଭାପତି ରମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଆପ୍‌ର ଏକ ଟିମ୍ ଶ୍ରୀମନ୍ଦିର ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଆପ୍‌ର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# 'ପ୍ରତିବାଦ ହିଁ ଗଣତନ୍ତ୍ରର ହୃତ୍‌ପିଣ୍ଡ'

**ପୁରୀ,୧୧।୧୧(ସମିସ):** ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ(ଯୋସ୍ପା)ର ଏକ ବୈଠକ ସ୍ଥାନୀୟ ଗୋରୁଆଳ ଜାଗା ଘରଠାରେ ଶିକ୍ଷକ ନେତା ଲକ୍ଷ୍ମୀଧର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋସ୍ପାର ଆବାହକ ସୁରେନ୍ଦ୍ର ତପସ୍ୱୀ କହିଥିଲେ ଯେ, ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନ ବନ୍ଦର କୌଣସି ଦିଗରୁ ଅନୁକୂଳ ନୁହେଁ। ସେଥିପାଇଁ ଜଙ୍ଗଲ, ପରିବେଶ ଓ ସିଆର୍‌ଜେଡ୍‌ର ବାଧାମୁକ୍ତ ପ୍ରମାଣପତ୍ର ପାଇପାରି ନାହିଁ। ଅନ୍ୟପକ୍ଷରେ ଉକ୍ତ ପ୍ରକଳ୍ପକୁ ବିରୋଧ କରି ଜାତୀୟ ସବୁଜ ପ୍ରାଧିକରଣରେ ମାମଲା ଦାୟର ହୋଇଥିଲେ ହେଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ଜବାବ୍ ନ ଦେଇ ସମୟ ପରେ ସମୟ ଗଡ଼ାଇ ଚାଲିଛନ୍ତି। ଏଭଳି ସ୍ଥିତିରେ ବ୍ୟାପକ ଜନସମୁଦାୟ ସଜାଗ ରହିବା ସହିତ ଏକ ଗଣତାନ୍ତ୍ରିକ ଆନ୍ଦୋଳନ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରତିବାଦ ହିଁ ଗଣତନ୍ତ୍ରର ହୃତ୍‌ପିଣ୍ଡ ବୋଲି ସେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ହରିହର ସେନାପତି ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ ବିମାନ ବନ୍ଦର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ଗ୍ରାମରେ ଗୋଟିଏ ଗୋଟିଏ କମିଟି ଗଠନ କରି ଏକ ପ୍ରଚାରପତ୍ର ଜରିଆରେ ଲୋକଙ୍କୁ ସଚେତନ କରାଯିବ। ସର୍ବଶ୍ରୀ ରଘୁନାଥ ସାହୁ, ଗୋପାଳ ପ୍ରଧାନ, ମାନସ ସ୍ୱାଇଁ, ଭୋବନି ପ୍ରଧାନ, ରମେଶ ଭୋଇ, କୁମର ଭୋଇ, ବୈଷ୍ଣବ ଭୋଇ, ଦୈତାରି ସ୍ୱାଇଁ, ଧନେଶ୍ୱର ପ୍ରଧାନ, ଲକ୍ଷ୍ମଣ ବରାଳ, ଶ୍ରିପଦ ବିଶ୍ୱାଳ, ଭୋବନା ପ୍ରଧାନ, ବଇଆ ଭୋଇ ପ୍ରମୁଖ ଉକ୍ତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା

**ପୁରୀ,୧୧।୧୧(ସମିସ):** କୁମ୍ଭାରପଡ଼ା ଥାନା ଦତ୍ତତୋଟା ଅଞ୍ଚଳ ସାହୁ ଲେନ୍‌ରେ ଏକ ହଷ୍ଟେଲରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଛାତ୍ରୀ ଜଣକ ସରକାରୀ ମହିଳା ମହାବିଦ୍ୟାଳୟରେ +୩ ରେ ଅଧ୍ୟୟନ କରୁଥିବା ଡେଲାଙ୍ଗ କୁଞ୍ଜର ଅଞ୍ଚଳର ସୁଜାତା ପ୍ରଧାନ(ଟିକିଲି) ବୋଲି ସୂଚନା ମିଳିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ମୃତ ଛାତ୍ରୀଙ୍କ ମାଆ ସନ୍ଧ୍ୟାରାଣୀ ପ୍ରଧାନ କହିଛନ୍ତି କି ତାଙ୍କ ଝିଅ ଗାଁକୁ ଯାଇଥିଲା ମାତ୍ର ଗାଁରେ ବ୍ୟସ୍ତ ରହିଥିଲା। ଦାଦାଙ୍କୁ ଟଙ୍କା ମାଗିଥିଲା। ତାଙ୍କଠୁ ଏବଂ ଘରେ ଥିବା କିଛି ଟଙ୍କା ନେଇକି ଆସିଥିଲା। ସୋମବାର ସନ୍ଧ୍ୟାରେ ଫୋନ୍‌ରେ ମଧ୍ୟ କଥା ହୋଇଥିଲୁ। ତେବେ ଝିଅର କାହା ସହ କିଛି ସମ୍ପର୍କ ନ ଥିଲା। ତାକୁ କେହି ଆତ୍ମହତ୍ୟା ପାଇଁ ବାଧ୍ୟ କରିଥିବା ସନ୍ଦେହ କରିଛନ୍ତି। ଟଙ୍କା କାରବାରକୁ ନେଇ ଆତ୍ମହତ୍ୟା କରିଥାଇପାରେ ବୋଲି ପରିବାର ଲୋକେ ଅନୁମାନ କରୁଛନ୍ତି। ଆଗକୁ ଝିଅ ଘରୁ ଯିବା ଆସିବା କରୁଥିଲା। ମାତ୍ର ୪ ମାସ ହେବ ଆସି ପୁରୀରେ ହଷ୍ଟେଲରେ ରହୁଥିଲା। ଏକା ରହୁଥିଲା ବୋଲି ଛାତ୍ରୀଙ୍କ ମାଆ କହିଛନ୍ତି।

## ୨ ଅପରାଧୀ ଗିରଫ; ଛୁରି ଓ ଲୁହାରଡ୍ ଜବତ

**ପୁରୀ,୧୧।୧୧(ସମିସ):** ପୁରୀକୁ ଅପରାଧମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଜାରି ରହିଛି ଅପରେସନ ଚକ୍ର। ଏହି ଅଭିଯାନରେ ୨ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଛି ଟାଉନ୍ ଥାନା ପୁଲିସ। ସେମାନେ ହେଲେ ଜଗନ୍ନାଥ ବଲ୍ଲଭର ବିରଞ୍ଚି ମହାପାତ୍ର, ବାସେଲିସାହି ନୀଳଚକ୍ର ଲେନ୍ ଗୋଖାସାହିର ଆଶିଷ ଦାସ। ନିୟମିତ ମାଦକଦ୍ରବ୍ୟ ସେବନ କରି ମାରଣାସ୍ତ୍ର ଦେଖାଇ ଅଟୋ ଡ୍ରାଇଭର ଓ ଯାତ୍ରୀମାନଙ୍କୁ ଭୟଭୀତ କରାଇ ଦାଦାବଟି ଆଦାୟ କରିବା ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି ଦୁଇଜଣଙ୍କ ନାମରେ। ମଙ୍ଗଳବାର ଟାଉନ ଥାନା ପୁଲିସ ନିଜଆଡୁ ଗୋଟିଏ ମାମଲା (ନଂ.୬୧୫/୨୫) ରୁଜୁ କରି ଉଭୟଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ଛୁରି, ଲୁହା ରଡ୍, ମୋବାଇଲ୍ ଫୋନ୍ ଏବଂ ୨୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ଦୁଇଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜିଲ୍ଲା କାରାଗାରକୁ ପଠାଯାଇଛି। ଦୁଇଜଣଙ୍କ ନାମରେ ପୂର୍ବରୁ ବ୍ରାଉନ୍‌ସୁଗର ବିକ୍ରୟ, ଛିନ୍‌ତାଇ, ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ୍ ମାମଲା ବିଭିନ୍ନ ଥାନାରେ ରହିଥିବା ପୁଲିସ କହିଛି।

# ୪ ପ୍ରମୁଖ ପ୍ରସଙ୍ଗ ନେଇ ଆନ୍ଦୋଳନ କରିବ ଜିଲ୍ଲା କଂଗ୍ରେସ

**ପୁରୀ,୧୧।୧୧(ସମିସ):** ପୁରୀ ସହରର ପ୍ରମୁଖ ଚାରୋଟି ପ୍ରସଙ୍ଗ ନେଇ ଜିଲ୍ଲା କଂଗ୍ରେସ କମିଟି ଏକ ମାସ ପରେ ଆନ୍ଦୋଳନକୁ ଓହ୍ଲାଇବ। ପୁରୀ ପୌରପାଳିକା ଅନ୍ତର୍ଗତ ପ୍ରତ୍ୟେକଟି ୱାର୍ଡ, ପୁରୀ ସଦରର ପ୍ରତ୍ୟେକଟି ଗାଁରେ ଜନସଚେତନତା ସଭା କରାଯିବ। ଜନସାଧାରଣଙ୍କୁ ଏକ୍‌ଜୁଟ କରି ବ୍ୟାପକ ଆନ୍ଦୋଳନ ହେବ ବୋଲି ମଙ୍ଗଳବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରି ପ୍ରସଙ୍ଗଗୁଡ଼ିକ ଉପରେ ସୂଚନା ପ୍ରଦାନ କରିଥିଲେ।




ଦୀର୍ଘ ବର୍ଷ ହେବ ପୁରୀବାସୀ ଜମିଜମା ସମସ୍ୟାରେ ଛନ୍ଦି ହୋଇ ରହିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ସମ୍ପତ୍ତି (ମଠଠାରୁ ସେ ସମୟରେ ଉଚିତ୍ ଦରରେ କିଣି ବା ପୁରୀ ରାଜାଙ୍କଠାରୁ ପଟ୍ଟାଦାର ହିସାବରେ)ରେ ପୁରୁଷ ପୁରୁଷ ଧରି ଦଖଲରେ ଥିବା ହଜାର ହଜାର ଜନସାଧାରଣ ଦୀର୍ଘ ବର୍ଷ ଧରି ନିଜ ଭିଟାମାଟିର ସତ୍ତ୍ୱ ପାଇଁ କାନ୍ଦୁଛନ୍ତି। ଆଇନ ମନ୍ତ୍ରୀ ସରଳୀକରଣ ସମାନ ନୀତି ମାଧ୍ୟମରେ ପୂର୍ବ ନିର୍ଦ୍ଧାରିତ ଦରଠାରୁ ଆହୁରି କମ୍ ଦରରେ ବିକ୍ରି କରିବା ପାଇଁ କହୁଥିବାବେଳେ ମୁଖ୍ୟ ପ୍ରଶାସକ ବେଞ୍ଚମାର୍କ ଦରରେ ବିକ୍ରି ହେବ ବୋଲି ବୟାନ ଦେଉଛନ୍ତି। ଗୋଟିଏ ପଟେ ଆଇନ ମନ୍ତ୍ରୀ ୩ ମାସ ମଧ୍ୟରେ ନୂତନ ନୀତି ପ୍ରଣୟନ ହେବା କହୁଥିବା ସମୟରେ ମନ୍ଦିର ପ୍ରଶାସନ ଉପଯୁକ୍ତ ଦଖଲରେ ବର୍ଷ ବର୍ଷ ଧରି ଘରଦ୍ୱାର କରି ରହୁଥିବା ଲୋକଙ୍କୁ ବେଆଇନ ଦଖଲ କହି ନୋଟିସ୍ ଦେଇ ଡରାଉଛି। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣା କଦାପି କ୍ଷମଣୀୟ ନୁହେଁ। କିନ୍ତୁ ତଦନ୍ତ ରିପୋର୍ଟରେ ସରକାରଙ୍କ ଏକପାଖିଆ ଆଭିମୁଖ୍ୟ ଜଳ ଜଳ ବାରିହୋଇ ପଡୁଛି। କଂଗ୍ରେସ ଦଳ ଏହି ତଦନ୍ତ ରିପୋର୍ଟକୁ କେବେ ବି ଗ୍ରହଣ କରିବନାହିଁ। ରଥଯାତ୍ରା ସମୟରେ ବର୍ଷକୁ ୪ ମାସ ସମସ୍ତ ପ୍ରଶାସନିକ କାର୍ଯ୍ୟକୁ ଅଚଳ କରି କେବଳ ରଥଯାତ୍ରା କାମରେ ନିଜର ସମୟ ଦେଇଥିବା ତଳୁ ଉପର ପର୍ଯ୍ୟନ୍ତ ଦାୟିତ୍ୱରେ ଚରମ ଅବହେଳା କରିଥିବା ସମସ୍ତ ଅଫିସର ଏବଂ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ, ଯାହାକି ଆଗାମୀ ଦିନରେ ଉଦାହରଣ ସୃଷ୍ଟି କରିବ ବୋଲି କଂଗ୍ରେସ କହିଛି।

ଶ୍ରୀମନ୍ଦିରରେ ଦିନକୁ ଦିନ ଦର୍ଶନ ବ୍ୟବସ୍ଥାରେ ବ୍ୟାପକ ଅସଙ୍ଗତି ଦେଖିବାକୁ ମିଳୁଛି। ପ୍ରତିଦିନ ବହୁ ଶ୍ରଦ୍ଧାଳୁ ନିରାଶ ହୋଇ ଫେରୁଛନ୍ତି। ପୁରୀ ସହରବାସୀ ମହାପ୍ରଭୁଙ୍କ ଦର୍ଶନ କରିପାରୁ ନାହାନ୍ତି। ଧର୍ମ ତଥା ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନାମରେ ସରକାରକୁ ଆସିଥିବା ବିଜେପି ଏପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ଦର୍ଶନ ବ୍ୟବସ୍ଥା କରିପାରିଲା ନାହିଁ। ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ହୋଇଥିଲେ ହେଁ ରତ୍ନ ଅଳଙ୍କାର ଗଣତିମଣତି ହୋଇପାରି ନାହିଁ। ଫଳରେ ସାଧାରଣରେ ରତ୍ନ ଅଳଙ୍କାରକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି

> **ସମାଧାନ ପାଇଁ ସରକାରଙ୍କୁ ୧ ମାସ ସମୟ ଦେଲା**

ଚାରୋଟି ପ୍ରସଙ୍ଗ ପାଇଁ ରାଜ୍ୟ ସରକାରଙ୍କୁ ଏକ ମାସ ସମୟ ଦିଆଯାଇଛି। ଏହି ସମୟ ଭିତରେ ଏହାର ସମାଧାନ ନ ହେଲେ ପୁରୀ ଜିଲ୍ଲା କଂଗ୍ରେସ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସ ମହାପାତ୍ର, ପୂର୍ବତନ ଏଆଇସିସି ସଭ୍ୟ ସୁଜିତ୍ ମହାପାତ୍ର, ଆଇନ ସେଲ ଅଧ୍ୟକ୍ଷ କାଳୀପ୍ରସାଦ ନାୟକ, ନିରଞ୍ଜନ ରଥ, ସରସ୍ୱତୀ ପାତ୍ର, ସୀତାକାନ୍ତ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପ୍ରଧାନ, ବିଭୁଦତ୍ତ ମିଶ୍ର, ସ୍ୱାଧୀନ ପଣ୍ଡା, ଅମିୟ ମହାପାତ୍ର, ଆଶୁତୋଷ ମିଶ୍ର, ଅବିନାଶ ମିଶ୍ର, ବିଶ୍ୱରଞ୍ଜନ ସାମନ୍ତରାୟ, ଉମାକାନ୍ତ ବେହେରା, ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷଟିର ଚେର ତିକ୍ତ, କିନ୍ତୁ ତାହାର ଫଳ ମଧୁର

-ଆରିଷ୍ଟୋଟେଲ୍

ସକାଳ
THE SAKALA

## ହ୍ୱାଇଟକଲାର ଆତଙ୍କ

ଦିଲ୍ଲୀ କାର ବୋମା ବିସ୍ଫୋରଣ ପଛରେ ନିର୍ଦ୍ଦିଷ୍ଟ ଭାବେ କାହାର ଷଡ଼ଯନ୍ତ୍ର ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗଣମାଧ୍ୟମରେ ତରବରିଆ ଭାବେ ଅନେକ ମତ, ମନ୍ତବ୍ୟ ଓ ଅଭିଯୋଗମାନ ଆସିବାରେ ଲାଗିଛି। ସ୍ୱାଭାବିକ ଭାବେ ସନ୍ଦେହର ଛୁଞ୍ଚି ପାକିସ୍ତାନ ଦିଗକୁ ଇଙ୍ଗିତ କରୁଥିବା ବେଳେ ନିର୍ବାଚନ ବେଳେ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ କାକତାଳିକ ନା ପ୍ରାୟୋଜିତ ବୋଲି ମଧ୍ୟ ଗୁରୁତର ବିବାଦୀୟ ଅଭିଯୋଗ ହୋଇଛି। ଆମ ମତରେ କେଉଁଠି ନା କେଉଁଠି ପୁଣି ଥରେ ଗୁଇନ୍ଦା ସୂଚନାରେ ବିଫଳତା ଓ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଛି, ଯାହାକୁ ଅସ୍ୱୀକାର କରି ହେବ ନାହିଁ।

ଦେଶର ରାଜଧାନୀ ନୂଆଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳ ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ଘଟଣା ଯେତିକି ହୃଦୟବିଦାରକ ଓ ନିନ୍ଦାଜନକ, ତା'ଠାରୁ ଅଧିକ ସମ୍ବେଦନଶୀଳ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଚାରିଜଣ ଡାକ୍ତରଙ୍କ ସମ୍ପୃକ୍ତି। ଯେଉଁମାନଙ୍କୁ କୋଟିକୋଟି ବିଶ୍ୱବାସୀ ଦ୍ୱିତୀୟ ଭଗବାନ ରୂପେ ମାନ୍ୟତା ଓ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କ ଚେହେରା ପଛରେ ଯେ ଏଭଳି ନରପିଶାଚର ଆତ୍ମାଟିଏ ଲୁଚି ରହିଛି ତାହା କେହି ଚିନ୍ତା ମଧ୍ୟ କରି ନଥିବେ। ଆହୁରି ଉଦ୍‌ବେଗଜନକ ହେଲା ଦେଶର ବିଭିନ୍ନ ଅଞ୍ଚଳରୁ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଲିପ୍ତ ଚାରି ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। କୋମଳ ହୃଦୟଧାରୀ ଓ ମମତାଭରା ମହିଳା ମନ ଯେ ନରଖାଦକରେ ରୂପାନ୍ତରିତ ହୋଇପାରେ ତାହା ମଧ୍ୟ ଅପରିକଳ୍ପନୀୟ। ଗିରଫ ବେଳେ ତାଙ୍କ କାରରୁ ଶକ୍ତିଶାଳୀ ସ୍ୱୟଂଚାଳିତ ବନ୍ଧୁକ ମିଳିଛି।

ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗୁଜରାଟରୁ ଗିରଫ ହାଇଦ୍ରାବାଦ୍‌ର ୩୫ ବର୍ଷୀୟ ଡାକ୍ତର ମହମ୍ମଦ ମୋହିଉଦ୍ଦିନ ସୟଦ ନାମକ ଡାକ୍ତର ଜଣକ 'ଗବ' ବା 'ଜଡ଼ା' ଗଛର ମଞ୍ଜିରୁ ବିଷାକ୍ତ ରାସାୟନିକ ଉତ୍ପାଦ ପ୍ରସ୍ତୁତ କରୁଥିଲେ, ଯାହା ଆମେ ଜାଣିଥିବା ସବୁଠାରୁ ମାରାତ୍ମକ ସିଆନାଇଡ୍ ବିଷଠାରୁ କାହିଁ କେତେଗୁଣରେ ଅଧିକ ଭୟଙ୍କର। ସୟଦ ସଫଳ ହୋଇଥିଲେ ତାଙ୍କ ଉତ୍ପାଦକୁ ମଣ୍ଡି ଓ ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଖାଦ୍ୟସାମଗ୍ରୀ, ପନିପରିବା ଓ ଫଳରେ ମିଶାଇ ଥା'ନ୍ତେ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ନେଇଥା'ନ୍ତା। ତେଣୁ କାର ବୋମା ବିସ୍ଫୋରଣ ଜନିତ କ୍ଷୟକ୍ଷତିଠାରୁ କାହିଁ କେତେଗୁଣ ଅଧିକ କ୍ଷତି କରିଥା'ନ୍ତା ସୟଦ୍‌ଙ୍କ ଆବିଷ୍କାର ରିସିନ୍ ନାମକ ବିଷ। ସେ ତାଙ୍କ ଷଡ଼ଯନ୍ତ୍ରକୁ ବାସ୍ତବ ରୂପ ଦେବା ପୂର୍ବରୁ ଏଟିଏସ୍ ଦ୍ୱାରା ଗିରଫ ହେବା ଈଶ୍ୱରଙ୍କ ଆଶୀର୍ବାଦ ବିନା ସମ୍ଭବ ନୁହେଁ।

ଡାକ୍ତରୀ ପାଠ ଓ ତାଲିମ୍ ସମାପ୍ତି ପରେ ସମର୍ପିତ ଚିକିତ୍ସା ସେବା ଓ ରୋଗୀଙ୍କ ପ୍ରାଣରକ୍ଷାକୁ ପ୍ରାଥମିକତା ଦେବା ପାଇଁ ହିପୋକ୍ରେଟ୍‌ସଙ୍କ ନାମରେ ଶପଥ ନେଉଥିବା ଡାକ୍ତରମାନେ ଯଦି ମୃତ୍ୟୁର ଦୂତ ସାଜିବେ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଶିକ୍ଷାବିତ୍‌ମାନେ ଯଦି କୁପଥକୁ ଆବୋରି ନେବେ ତେବେ ମାନବ ସଭ୍ୟତା ତିଷ୍ଠିବ କେମିତି? ଆତଙ୍କବାଦୀ ଡାକ୍ତରମାନେ ଗିରଫ ହେବା ପରେ ଭାରତରେ ହ୍ୱାଇଟ୍‌କଲାର ଟେରରିଜିମ୍ ବା ଶିକ୍ଷିତ ଓ ବୁଦ୍ଧିଜୀବୀଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଧାରା ବଢ଼ୁଥିବା ସନ୍ଦେହ କରାଯାଉଛି। ହୁଏତ ଆହୁରି ଏପରି ଅନେକ ଡାକ୍ତର, ବୁଦ୍ଧିଜୀବୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବେ, ଯାହାର ସୂଚନା ମିଳିପାରିନାହିଁ। ଜଣେ ସନ୍ଥ କହିଥିଲେ ଜନ୍ମଜନ୍ମାନ୍ତରର ପୁଣ୍ୟ ବଳରେ ମଣିଷ ଜନ୍ମ ହୁଏ। ଏହି ଜନ୍ମରେ ସତ୍‌କର୍ମ ଓ ସତ୍‌ଚିନ୍ତାରେ ଜଣେ ଦେବତ୍ୱ ଲାଭ କରିପାରିବ। କିନ୍ତୁ ଯଦି କେହି ଦେବତ୍ୱ ବଦଳରେ ଦାନବତ୍ୱକୁ ବାଛି ନିଏ ତାହାକୁ ଲଗାମ ଦେବ କିଏ? କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ହେଉଛି ଧର୍ମାନ୍ଧତା ଓ ଚରମପନ୍ଥୀଙ୍କ ଆଧିପତ୍ୟ ବଢ଼ୁଛି।


## ବ୍ୟାଙ୍କ-ବିବାହ

କେନ୍ଦ୍ର ସରକାର ପୁଣି ଥରେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସମ୍ମିଶ୍ରଣ କରିବାକୁ ଯାଉଛନ୍ତି। କମ୍ପାନୀ ଆଇନ ଭାଷାରେ ଏହି ପ୍ରକ୍ରିୟାକୁ 'ସମ୍ମିଶ୍ରଣ' ନ କହି ବରଂ 'ବିବାହ' କହିବା ଅଧିକ ଠିକ୍ ହେବ। ସୀମିତ ସ୍ଥାନରେ ଏହାର ଯୌକ୍ତିକତା ଦର୍ଶାଇବା ସମ୍ଭବ ନୁହେଁ। ତେବେ ଏତିକି କହିଲେ ବୁଝି ହେବ ଯେ ଏଣିକି ସେହି ବ୍ୟାଙ୍କମାନେ ଗୋଟିଏ ଛାତ ତଳେ ପରିଚାଳିତ ହେଲେ ମଧ୍ୟ ନିଜ ନିଜ ପରିଚୟ ହରାଇବେ ନାହିଁ। ୨୦୨୦ ମସିହାରେ ଏଭଳି ପ୍ରକ୍ରିୟାରେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିବାହରେ ଚାରିଟି ବୃହତ୍ ବ୍ୟାଙ୍କ ପରିବାର ଗଠନ ହୋଇଥିଲା।

ବ୍ୟାଙ୍କ ସମ୍ମିଶ୍ରଣ ବା ବିବାହ ପଛର କାରଣ ରୂପେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ଏହା ହିଁ ସମୟର ଆବଶ୍ୟକତା। ଏହାଦ୍ୱାରା ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ, ନିବେଶ ସଂପ୍ରସାରିତ ହେବ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ ଏଥିରେ ଥିବା ମୁଖ୍ୟ ଆହ୍ୱାନ ହେଉଛି ପରିଚାଳନା ଓ ନିଷ୍ପତ୍ତିଗତ ବିଭ୍ରାଟ, ଯେଉଁ କାରଣରୁ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଜି ଏହି ସ୍ଥିତି ଦେଇ ଗତି କରିବାକୁ ପଡୁଛି। ଆମ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଉଛି ଏନ୍‌ପିଏ ବା ଅନାଦାୟ ଋଣ ବୋଝ। ସରକାରୀ ଚାପରେ ହେଉ ବା ପ୍ରଲୋଭନରେ ବ୍ୟାଙ୍କର ପରିଚାଳନା ମଣ୍ଡଳି ବିନା ଯାଞ୍ଚରେ ଉଦ୍ଦିଷ୍ଟ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଋଣ ମଞ୍ଜୁର କରିଚାଲୁଛନ୍ତି। ଏହି ଋଣ ଶୁଝିବା ପାଇଁ ପୁଣି ଥରେ ଋଣ ଦିଆଯାଉଛି। ଏହିପରି ଭାବେ ବ୍ୟାଙ୍କର ଋଣ ବୋଝ ବଢ଼ି ଚାଲୁଛି। ସମ୍ପୃକ୍ତ ଋଣଗ୍ରହୀତା ନିଜକୁ ଦେବାଳିଆ ଘୋଷଣା କରି ବା ଦେଶାନ୍ତର ହୋଇ ଋଣ ପରିଶୋଧ ଜଞ୍ଜାଳରୁ ମୁକ୍ତି ପାଇବାର ବାଟ ଟିଏ ପାଇଯାଉଛି। ଶେଷରେ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଗଲା ପରେ ଗରିବ ଜନତାଙ୍କ ଟିକସରେ ଗଠିତ ରାଜକୋଷକୁ ସରକାରୀ ପୁଞ୍ଜି ସହାୟତା ଆଳରେ ହଜାର ହଜାର କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦିଆଯାଉଛି। ବିଗତ ଦଶନ୍ଧିରେ କେନ୍ଦ୍ର ସରକାର 'ମିଶନ୍ ଇନ୍ଦ୍ରଧନୁଷ୍' ନାମରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ସରକାରୀ ପୁଞ୍ଜି ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦେଇଥିଲେ। କିନ୍ତୁ ସ୍ଥିତିରେ ଉନ୍ନତି ଆସିବା ଦୂରେ ଥାଉ ଏବେ ପୁଣି ଥରେ ସରକାରଙ୍କୁ ବ୍ୟାଙ୍କର ଗଣବିବାହ କରିବାକୁ ପଡୁଛି। ଏହି ଷଡ଼ଯନ୍ତ୍ର କେବଳ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଏକାକୀ ସମ୍ଭବ ନୁହେଁ।

ଗୋଟିଏ ଛାତ ତଳେ ଯଦି ଏକାଧିକ ବ୍ୟାଙ୍କର ପ୍ରଦର୍ଶନ ଉତ୍ସାହଜନକ ହେବ ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ଓ ପକ୍ଷପାତିତାପୂର୍ଣ୍ଣ ମଞ୍ଜୁରୀ ପ୍ରକ୍ରିୟାକୁ କଠୋର କଟକଣା ଦ୍ୱାରା ନିରୁତ୍ସାହିତ ନ କରିବା ପର୍ଯ୍ୟନ୍ତ ଏହି ମହତ୍ ପରିକଳ୍ପନା ତାହାର ମୂଳ ଲକ୍ଷ୍ୟ ହାସଲ କରିପାରିବ ନାହିଁ।

# ଭାରତ ନୋବେଲ୍‌ରୁ ବଞ୍ଚିତ କାହିଁକି?



ପ୍ରାୟ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ଭାରତ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରି ପାରିନାହିଁ। ଅଥଚ ବିଡ଼ମ୍ବନା ଏହା ଯେ ବିଦେଶର ନାଗରିକତ୍ୱ ଗ୍ରହଣ କରି ଅନେକ ଭାରତୀୟ ବୈଜ୍ଞାନିକ ଏହି ସମ୍ମାନଜନକ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରସଙ୍ଗ ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରେ, ଯାହା ଉପରେ ଆଜି ବିଚାରବିମର୍ଶ କରିବାର ଆବଶ୍ୟତା ରହିଛି।

ଭାରତୀୟ ବୈଜ୍ଞାନିକମାନେ ନୋବୋଲ୍ ପରି ସମ୍ମାନଜନକ ପୁରସ୍କାରରୁ ବଞ୍ଚିତ ହେବା ପଛରେ ଯେଉଁ କେତେକ ଅଭିଯୋଗ ସାମ୍ନାକୁ ଆସୁଛି, ସେଥିମଧ୍ୟରୁ ପ୍ରମୁଖ ହେଉଛି ଗବେଷଣା ପାଇଁ ଭାରତ ସରକାର ପର୍ଯ୍ୟାପ୍ତ ସମ୍ବଳ ଖର୍ଚ୍ଚ କରନ୍ତି ନାହିଁ। ବାସ୍ତବରେ ଗବେଷଣା ଓ ବିକାଶରେ ସରକାରୀ ପୁଞ୍ଜି ନିବେଶ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ର ଅତିକମରେ ୩ ପ୍ରତିଶତକୁ ବୃଦ୍ଧି ପାଇବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ଏହି ସ୍ତର ଭାରତରେ ନୈରାଶ୍ୟଜନକ। ଦ୍ୱିତୀୟ ଅଭିଯୋଗ ହେଉଛି ସୃଜନଶୀଳତା ଉପରେ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଯୋଗୁଁ ବିଜ୍ଞାନର ଅନେକ ସ୍ୱନାମଧନ୍ୟ ଅନୁଷ୍ଠାନ ଅମଲାତାନ୍ତ୍ରିକ ଦୁର୍ଗରେ ପରିଣତ ହୋଇଛି। ତୃତୀୟ କାରଣ ହେଉଛି ଆମ ଦେଶରେ ଆଗଧାଡ଼ିରେ ଥିବା ବୈଜ୍ଞାନିକ, ଗବେଷକମାନେ ଅଧସ୍ତନ ବା କନିଷ୍ଠମାନଙ୍କ ମେଧା ଓ ସୃଜନଶୀଳତା ବୃଦ୍ଧି ପାଇଁ ସୁଯୋଗ ଦିଅନ୍ତି ନାହିଁ। ମାର୍ଗଦର୍ଶନ ଓ ନେତୃତ୍ୱ ବଦଳରେ ଅସୂୟାର ପରିବେଶ ସୃଷ୍ଟି କରନ୍ତି, ଯାହା ଫଳରେ ଉଚ୍ଚତର ଗବେଷଣା ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଯାଏ। ତେଣୁ ପର୍ଯ୍ୟାପ୍ତ ପାଣ୍ଠି ସହିତ ସ୍ୱଚ୍ଛତା ବିନା ଭାରତରେ ଉଚ୍ଚତର ଗବେଷଣା ଉଧେଇ ପାରିବ ନାହିଁ।

କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓପନ୍ ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲଟ୍‌ମ୍ୟାନଙ୍କ ଭାରତ ଗସ୍ତ ଅବସରରେ ସାମ୍ବାଦିକମାନେ ତାଙ୍କୁ ଭାରତରେ ଓପନ୍‌ଏଆଇ ଭଳି ଏକ ସଫ୍ଟୱେର ବିକାଶର ସମ୍ଭାବନା ବିଷୟରେ ପଚାରନ୍ତେ ସେ ଯେଉଁ ଉତ୍ତର ଦେଇଥିଲେ ତାହା ଶ୍ରୁତିକଟୁ ହୋଇଥିଲେ ହେଁ ନିଚ୍ଛକ ବାସ୍ତବତା ଓ ନଗ୍ନ ସତ୍ୟ ଆଧାରିତ। ତାଙ୍କର ଉତ୍ତର ଥିଲା ବିଶ୍ୱ ଆଇଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ପେସାଦାରମାନଙ୍କ ଦକ୍ଷତାକୁ ନେଇ କୌଣସି ସନ୍ଦେହ ନାହିଁ। ଭାରତର ବ୍ୟବସାୟୀ ଜଗତର ଯୁଗୋପଯୋଗୀ ମଡେଲ୍ ଏବଂ ବଜାର ଅର୍ଥନୀତିରେ ନୀତି ନିର୍ଦ୍ଧାରଣରେ ମଧ୍ୟ କୌଣସି ଦୁର୍ବଳତା ନାହିଁ। ଭାରତରେ ମେଧା ଓ ପାଣ୍ଠିର ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏଆଇ ଭଳି ଏକ ଚାଟ୍‌ବଟ୍ ବିକଶିତ ହେବାର ସମ୍ଭାବନା ଊଣା ପଛର ପ୍ରମୁଖ କାରଣ ହେଉଛି ଏଠାରେ ଗବେଷଣାକୁ ପ୍ରୋତ୍ସାହନ ବଦଳରେ ନିରୁତ୍ସାହିତ କରାଯାଏ। ଆଗକୁ ବଢ଼ିବାର ସୁଯୋଗ ଦେବା ପରିବର୍ତ୍ତେ ବାଟ ଓଗାଳିବାର ହୀନମନ୍ୟତା ଆଧିପତ୍ୟ ବିସ୍ତାର କରି ରହିଛି।

ତେଣୁ ବୈଜ୍ଞାନିକ ଓ ଗବେଷଣା ବ୍ୟବସ୍ଥାରେ ସରକାର ଯେତିକି ଦାୟୀ ତତୋଧିକ ଦାୟୀ ବରିଷ୍ଠ ଶିକ୍ଷାବିତମାନେ। ଏହା ଗୋଟିଏ ଦେଶର ନେତୃତ୍ୱ ଓ ଦୂରଦୃଷ୍ଟିର ଅଭାବକୁ ଇଙ୍ଗିତ କରେ। ଏ କ୍ଷେତ୍ରରେ ହୋମି ଭାଭା ଓ ବିକ୍ରମ ସରଭାଇ ଜଣେ ଜଣେ ବିରଳ ଉଦାହରଣ। ଭାରତୀୟ ବିଜ୍ଞାନ ଗବେଷଣାର ଆଉ ଏକ ନକାରାତ୍ମକ ଦିଗ ହେଲା ବୈଜ୍ଞାନିକମାନଙ୍କ ନିଯୁକ୍ତି ପ୍ରକ୍ରିୟା। ଭାରତରେ ପ୍ରତିଭାବାନ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବାରୁ ଗବେଷଣା କ୍ଷେତ୍ରରେ ପ୍ରବେଶ କରିପାରୁନାହାନ୍ତି କି ନବାଗତମାନଙ୍କୁ ଦିଗ୍‌ଦର୍ଶନ ଦେଇପାରୁନାହାନ୍ତି। ଭାରତର ମିଶାଇଲ୍ ମ୍ୟାନ୍ ଭାବେ ପରିଚିତ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ ପିଜେ ଅବ୍‌ଦୁଲ୍ କାଲାମ୍‌ଙ୍କୁ ମଧ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଭାରତର ଏକ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳିନଥିଲା। ସେତେବେଳକୁ ଡ. କାଲାମ୍ ମିଶାଇଲ୍ ଟେକ୍‌ନୋଲଜିର ଉତ୍କର୍ଷ ସୋପାନରେ ପହଞ୍ଚି ସାରିଥିଲେ ଏବଂ ସେହି ଜ୍ଞାନକୁ ସେ ନବାଗତଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଥିଲେ।

ବୈଜ୍ଞାନିକ ବା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ବେଳେ ଯେଉଁ ମାନଦଣ୍ଡ ବା ମାର୍ଗଦର୍ଶିକା ଅନୁସରଣ କରାଯାଏ ତାହାକୁ ନେଇ ମଧ୍ୟ କେତେକ ଗବେଷକ ପ୍ରଶ୍ନ ଉଠାଇଛନ୍ତି। ପ୍ରାର୍ଥୀ ଚୟନ ଓ ନିଯୁକ୍ତିରେ ପ୍ରତିପତ୍ତି, ସରକାରୀ ଚାପ, ଆଞ୍ଚଳିକତା ଏବଂ ଅର୍ଥନୈତିକ ପୃଷ୍ଠପୋଷକତା ଅଯଥା ଓ ଅନାବଶ୍ୟକ ଗୁରୁତ୍ୱ ବହନ କରେ। ଗବେଷଣାଗୁଡ଼ିକ ମଧ୍ୟ ପାରମ୍ପରିକ ଏବଂ ପୂର୍ବଲିଖିତ ଏକ ଧାରାର କେବଳ ପୁନରାବୃତ୍ତି ମାତ୍ର। ଜଣେ ଗବେଷକ ନିଜ ଇଚ୍ଛା କିମ୍ବା ପସନ୍ଦ ଅନୁଯାୟୀ ଗବେଷଣା ପାଇଁ ଏକ ବିଷୟ ଚୟନ କରିପାରିବ ନାହିଁ କି ଗବେଷଣାର ନୂଆ ମାର୍ଗରେ ଯାଇପାରିବ ନାହିଁ। ଅଲିଖିତ ନିୟମ 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍' ଅନୁଯାୟୀ ଗାଇଡ୍ ଦେଇଥିବା ବିଷୟ ଏବଂ ଦେଖାଇଥିବା ମାର୍ଗରେ ଚାଲିବାକୁ ବାଧ୍ୟ। ନଚେତ୍ ଗବେଷଣା ପୂର୍ଣ୍ଣ ହୋଇପାରିବ ନାହିଁ।

ଜଣେ ଯୁବ ବୈଜ୍ଞାନିକ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ପହଞ୍ଚିବା ପରେ ମଧ୍ୟ ତା'ର ସଂଘର୍ଷ ଶେଷ ହୁଏ ନାହିଁ। ସେମାନଙ୍କୁ ପ୍ରାୟତଃ ପ୍ରତ୍ୟେକ ଉପକରଣ, ପ୍ରତ୍ୟେକ ଛାତ୍ର ଏବଂ ପ୍ରତିଟି ମୁହୂର୍ତ୍ତରେ ନିଜ ସ୍ଥାନ ସୁଦୃଢ଼ କରିବା ପାଇଁ ଲଢ଼ିବାକୁ ପଡ଼ିଥାଏ। ଯୁଗୋପଯୋଗୀ ଗବେଷଣା ପାଇଁ ବ୍ୟବହୃତ ମୂଲ୍ୟବାନ ସମୟ କେବଳ ଆଭ୍ୟନ୍ତରୀଣ ରାଜନୀତି ଓ ପକ୍ଷପାତିତା ସହିତ ସାଲିସ୍ କରିବା ପାଇଁ ଅଭ୍ୟସ୍ତ ହେବାରେ ବିନିଯୋଗ ହୁଏ। ଏଭଳି ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକଙ୍କ ସ୍ୱପ୍ନ ହିଁ ମରିଯାଏ ଏବଂ ପ୍ରେରଣା ହଜିଯାଏ। ପ୍ରକାଶନ, ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୋଇଯାଏ।

ଭାରତୀୟ ଶିକ୍ଷାକ୍ଷେତ୍ରରେ କିଏ କେତେ ସଫଳ ତା'ର ମାନଦଣ୍ଡ ନିର୍ଦ୍ଧାରଣ ଗବେଷଣାର ବିଷୟବସ୍ତୁ ଚୟନ ଏବଂ ତା'ର ପ୍ରାସଙ୍ଗିକତା ଦ୍ୱାରା ନୁହେଁ, ବରଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶନ ପରିମାଣ, ପ୍ରାୟୋଜିତ / ସଂଗୃହୀତ ପୁରସ୍କାର/ ପଦକ ସଂଖ୍ୟା ଦ୍ୱାରା କରାଯାଏ। ଅନେକ ଜାତୀୟ ଏକାଡେମୀ ଏବଂ ସଂସ୍ଥା ପ୍ରତିବର୍ଷ ବିଭିନ୍ନ ପ୍ରକାରର ଫେଲୋସିପ୍, ପଦକ ଓ ପୁରସ୍କାର ବଣ୍ଟନ କରୁଥିବାରୁ ବୈଜ୍ଞାନିକମାନେ ଗବେଷଣା ବଦଳରେ ଉଦ୍ଧୃତି, ସମିତି ଓ ସମାରୋହକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ଭାରତୀୟ ବ୍ୟବସ୍ଥା ନବସୃଜନ ବଦଳରେ ଦୃଶ୍ୟମାନତାକୁ ପୁରସ୍କୃତ କରେ। ବୈଜ୍ଞାନିକ/ ଗବେଷକମାନଙ୍କୁ ପ୍ରାୟତଃ ଏହି ଦୌଡ଼ରେ ସ୍ୱେଚ୍ଛାକୃତ ଭାବରେ କିମ୍ବା ପରୋକ୍ଷ ଚାପ ଦ୍ୱାରା ଅଂଶଗ୍ରହଣ କରିବାକୁ ବାଧ୍ୟ କରାଯାଏ। ଯେଉଁମାନେ ଏହି ଧାରାରେ ସାମିଲ୍ ହେବାକୁ ମନା କରିଦିଅନ୍ତି ସେମାନେ ତା'ର ପରାଭବ ଭୋଗନ୍ତି। ଏଭଳି ସ୍ଥିତିରେ ନୋବେଲ୍ ସ୍ତରୀୟ ଗବେଷଣା କଥା ଚିନ୍ତା କରିବ କିଏ ଓ କେତେବେଳେ?

ଭାରତୀୟ ବିଜ୍ଞାନ ଓ ଗବେଷଣାକୁ ନୋବେଲ୍‌ସ୍ତରୀୟ କରିବାକୁ ହେଲେ ଏବେ 'ଜେନ୍ ଜେଡ୍' ପିଢ଼ି ହିଁ ବିଶାଳ ସମ୍ଭାବନା ଭରା ଆଶାର ଆଲୋକ ରୂପେ ଦୃଶ୍ୟମାନ ହେଉଛନ୍ତି। ତେଣୁ ସେମାନଙ୍କୁ ସମସ୍ୟା ସମାଧାନ ସହିତ ନୀତି ନିର୍ଦ୍ଧାରଣରେ ନେତୃତ୍ୱ ନେବାର ସୁଯୋଗ ଦେବା ଆବଶ୍ୟକ। ଆମ ବରିଷ୍ଠ ପେସାଦାରମାନେ କୌଣସି ନୂତନ ପରିବର୍ତ୍ତନକୁ ସବୁବେଳେ ଭୟ କରନ୍ତି। ବରିଷ୍ଠମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଅମୂଲ୍ୟ ହେଲେ ମଧ୍ୟ ପ୍ରଗତି ପାଇଁ ନୂତନ ଚିନ୍ତାଧାରା ଓ ବୈଶ୍ୱିକ ଦୃଷ୍ଟିକୋଣ ସହିତ କନିଷ୍ଠମାନଙ୍କ ସହିତ ସହଭାଗିତା ଆବଶ୍ୟକ। ଏବେ ଗବେଷଣା ସ୍ତରରେ ଅନେକ ପଦବୀ ଖାଲି ପଡ଼ିଛି। ସେସବୁର ଉପଯୁକ୍ତ ଯୋଗ୍ୟତା ଆଧାରରେ ପୂରଣ ହେବା ଆବଶ୍ୟକ। ଏହା ଭାରତର ନୋବେଲ୍ ପୁରସ୍କାର ଜିତିବା ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଗତ କିଛି ବର୍ଷ ହେଲା ମୌଳିକ ଓ ଅନୁସୃଜନ ଗବେଷଣା, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଗବେଷଣାରେ ନିବେଶକୁ ବିସ୍ତାର ନ କଲେ ତାହା ମୂଲ୍ୟହୀନ ହୋଇପଡ଼ିବ। ଯେପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ସ୍ୱଚ୍ଛ ନିଯୁକ୍ତି, ଯୋଗ୍ୟତା-ଆଧାରିତ ପାଣ୍ଠି ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହିତ ବଦଳାଯାଇ ନାହିଁ, ସେପର୍ଯ୍ୟନ୍ତ ଭାରତ ସମ୍ଭାବନାର ଦେଶ ହୋଇ ରହିବ, ଆବିଷ୍କାର କିମ୍ବା ଉଦ୍‌ଭାବନର ନୁହେଁ।

(ସୌଜନ୍ୟ: ଇଣ୍ଡିଆନ୍ ଏକ୍ସପ୍ରେସ୍)

# ଭାଷାର ଲଢ଼େଇ, ଅସ୍ତିତ୍ୱର ଲଢ଼େଇ

ଡ. ବିକ୍ରମ ବିରୁଳି

'ହୋ' ଭାଷା ସମ୍ବିଧାନର ୮ମ ଅନୁସୂଚୀରେ କାହିଁକି ଏ ପର୍ଯ୍ୟନ୍ତ ସ୍ଥାନ ପାଇ ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଏବଂ ଦାବି ଉପସ୍ଥାପନ କରିବା ବେଳେ ଏହା ଉଲ୍ଲେଖ କରିବା ଜରୁରୀ ଯେ ଏହା ଏକ ଅଧିକାର, ଦାନ ନୁହେଁ। ୱାରାଂଚିତିର ଇତିହାସଠାରୁ ଜାତୀୟ ପରିଚୟ ପର୍ଯ୍ୟନ୍ତ 'ହୋ' ଭାଷାକୁ ସମ୍ବିଧାନିକ ସ୍ୱୀକୃତି ଏକ ନ୍ୟାଯ୍ୟ ଦାବି।

ଭାରତର ସମ୍ବିଧାନ ଯେପରି ଅନେକତାରେ ଏକତାର କବଚ, ସେପରି ଭାଷା ଏକ ଜାତିର ଆତ୍ମା। ଭାଷା ରହିଲେ ଇତିହାସ ରହେ, ସ୍ମୃତି ରହେ, ପରିଚୟ ରହେ। ତେଣୁ 'ହୋ' ଭାଷାକୁ ୮ମ ଅନୁସୂଚୀ ତାଲିକାରେ ସାମିଲ କରିବା ଅନୁଗ୍ରହ କିମ୍ବା ରାଜନୈତିକ ଭିକ୍ଷା ନୁହେଁ, ସାମ୍ବିଧାନିକ ଅଧିକାର। ଆଜି 'ହୋ' ଭାଷା କେବଳ ଗୃହଭାଷା ନୁହେଁ ଶିକ୍ଷା, ଲିପି, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ମାଧ୍ୟମରେ ବିଶ୍ୱ ଦରବାରରେ ପଦାର୍ପଣ କରିସାରିଛି। ୫୦ ଲକ୍ଷରୁ ଅଧିକ ମାତୃଭାଷୀ ଲୋକ ରହିଥିବା ଏହି ଭାଷାକୁ ଅବହେଳା କରିବା ଇତିହାସ ଓ ନ୍ୟାୟ ପ୍ରତି ଅପମାନ। ୮ମ ଅନୁସୂଚୀରେ ସାମିଲ ହେବା ଆଦିବାସୀମାନଙ୍କ ପାଇଁ ପୁରସ୍କାର ନୁହେଁ, ଏହା ଭାରତର ସଂଘଟିତ ନ୍ୟାୟର ପ୍ରତୀକ।



୧୯୪୨ ମସିହାରେ ୩୨ ଗୋଟି ଅକ୍ଷର ବିଶିଷ୍ଟ 'ୱାରାଂଚିତି' ଲିପିକୁ ଅତ୍ ଗୁରୁ କୋଲ୍ ଲାକୋ ବଦ୍ରା ଆବିଷ୍କାର କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ୧୯୭୬ରେ ସାକ୍ଷାତ କରି ହୋ ଭାଷା ଓ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ ଅନୁରୋଧ କରିଥିଲେ। ଝାଡ଼ଖଣ୍ଡ ସରକାର ୨୦୦୩ରେ ଏବଂ ଓଡ଼ିଶା ସରକାର ୨୦୧୧ ଓ ୨୦୧୯ ରେ ହୋ ଭାଷା ସମେତ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୨୦୧୧ ମସିହାରୁ ଝାଡ଼ଖଣ୍ଡ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ରୂପରେ ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ବିଭିନ୍ନ ସରକାରୀ ସ୍ତରରେ ବ୍ୟବହାର କରାଯାଉଛି।

୨୦୧୯ ରେ ପ୍ରଥମ କରି ବିଶାଳ ଗଣଧାରଣା ଦିଲ୍ଲୀ ଜନ୍ତରମନ୍ତରରେ ହେଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପଞ୍ଚମ ଥର ଦିଲ୍ଲୀରେ ହୋ ଭାଷାକୁ ନେଇ ଗଣଧାରଣ ଚାଲି ଆସୁଛି। ଏହିଭଳି ଭାବରେ ହୋ ମାନଙ୍କର ସଂଗ୍ରାମ ସରି ନାହିଁ ଏବଂ ଦେଖିବାକୁ ବାକି ରହିଲା କେନ୍ଦ୍ର ସରକାର କେବେ ଆଦିବାସୀ ଭାଷାକୁ ସଂରକ୍ଷଣ କରୁଛନ୍ତି। ଏକ ଭାଷା ୮ମ ସୂଚୀରେ ସ୍ଥାନ ପାଇଲେ ସର୍ବଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟସ୍ତରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ ଏକ ବିଷୟ ଭାବେ ସାମିଲ୍ ହୋଇପାରିବ, ସରକାରୀ ନିଯୁକ୍ତିରେ ଏହି ଭାଷାକୁ ଆଧାର ରୂପେ ଗ୍ରହଣ କରାଯିବ, ପାଠ୍ୟକ୍ରମରେ ସାମିଲ୍ ହେବାର ବାଟ ଫିଟିବ ଏବଂ ଡିଜିଟାଲ ଓ ଏଆଇରେ ଉପଯୋଗ ହୋଇପାରିବ।

ଆଜିର ଦିନରେ ଯଦି ଏହି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିବ ନାହିଁ ତେବେ ଆଗାମୀ ପିଢ଼ି ନିଜ ପରିଚୟ ହରାଇବେ। ନୀତି ନିର୍ଦ୍ଧାରକମାନେ ଭୁଲିଯିବା ଉଚିତ ହେବ ନାହିଁ ଯେ ବିକାଶ ମାନବକୁ ବଞ୍ଚାଏ, କିନ୍ତୁ ଭାଷା ମାନବତାକୁ ବଞ୍ଚାଏ। ହୋ ଭାଷା ଆଜି ଏଆଇ, ମୋବାଇଲ୍ ଆପ୍, ଡିଜିଟାଲ ଆର୍କାଇଭ୍, ୟୁନିକୋଡ୍‌ରେ ସଫଳ ଭାବେ ବ୍ୟବହୃତ ହୋଇପାରୁଛି। ଆଞ୍ଚଳିକ ଭାଷାର ସୁରକ୍ଷା ଦିଗରେ ବୈଷୟିକ ଜ୍ଞାନକୌଶଳ ଏକ କବଚ ହୋଇଥିବା ବେଳେ ଏହାର ଉପଯୋଗରେ ହୋ ଭାଷାକୁ ଆହୁରି ବିକଶିତ କରାଯାଇପାରିବ।

ଭାଷା ମରିଗଲେ ଜନଜାତି ମରିଯାଏ। ଆଜିର ଲଢ଼େଇ କେବଳ ଏକ ଆଇନ ମାମଲା ନୁହେଁ, ଏହା ପରିଚୟର, ଆତ୍ମସମ୍ମାନର ଓ ଭବିଷ୍ୟତର ଲଢ଼େଇ। ଭାରତର ମାଟିରେ ପ୍ରତ୍ୟେକ ସ୍ୱରର ମୂଲ୍ୟ ଅଛି। ଆମର ଭାଷା ରହିବା ଦରକାର। କାରଣ ଆମ ଜାତିର ଅନେକ କଥା ଅକୁହା ରହିଯାଇଛି।

କପ୍ତିପଦା(ମୟୂରଭଞ୍ଜ), ମୋ: ୯୭୮୧୫୭୭୮୨୮

# ତୋଟା ଗୋପୀନାଥ ମନ୍ଦିର ଓ ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

୧୫୧୦ ମସିହାରେ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ପଦାର୍ପଣ କଲେ। ତାଙ୍କର ହଜାର ହଜାର ଅନୁଗାମୀ ତାଙ୍କୁ ଶ୍ରୀକୃଷ୍ଣଙ୍କର ଅବତାର ମାନ୍ୟ କରୁଥିଲେ। ସେମାନଙ୍କ ଭିତରୁ ଅନେକ ତାଙ୍କ ସାଙ୍ଗରେ ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ଆଉ କେତେକ ତାଙ୍କ ପରେ ଆସି ପହଞ୍ଚିଲେ। ଗଦାଧର ପଣ୍ଡିତ ସେମାନଙ୍କ ଭିତରୁ ଜଣେ ଥିଲେ।

ଆଗେ ଯମେଶ୍ୱର ମନ୍ଦିର ନିକଟରେ ଏକ ଆମ୍ବ ତୋଟା ଥିଲା। ସେ ତୋଟାକୁ 'ଯମେଶ୍ୱର ତୋଟା' କୁହାଯାଉଥିଲା। ଦିନେ ଚୈତନ୍ୟ ମହୋଦଧିରେ ସ୍ନାନ କରି ଯମେଶ୍ୱର ତୋଟା ଦେଇ ଫେରୁଥିଲେ। ସାଙ୍ଗରେ ଗଦାଧର ପଣ୍ଡିତ ଥିଲେ। ଚୈତନ୍ୟ ତୋଟା ଭିତର ଦେଇ ଆସୁଥିବା ବେଳେ ଇତସ୍ତତଃ ହୋଇ କିଛି ଖୋଜିଖୋଜି ହଠାତ୍ ଗୋଟିଏ ଯାଗାରେ ଠିଆ ହୋଇଗଲେ। ସେ ଯାଗାରୁ ବାଲି ମୁଠାଏ ଆଣି ମୁଣ୍ଡରେ ଲଗେଇଲେ। ତା'ପରେ ସେଠାରେ ବସି ପଡ଼ି ଦୁଇ ହାତରେ ବାଲି ଖୋଳିବାକୁ ଲାଗିଲେ। ଏ ସବୁ ଦେଖି ଗଦାଧର ପଣ୍ଡିତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'କ'ଣ କିଛି ଖୋଜୁଥିଲେ କି ମହାପ୍ରଭୁ?' - 'ହଁ। ଏଇଠି ମାଟି ତଳେ ଏକ ମହାର୍ଘ ପଦାର୍ଥ ଲୁଚି ରହିଛି। ସେ ଜିନିଷ ପାଇଗଲେ ତା'କୁ ତୁମକୁ ଅର୍ପଣ କରିଦେବି। ସେ ପଦାର୍ଥର ଦାୟିତ୍ୱ ନେବା ପାଇଁ ଏକା ତୁମେ ହିଁ ଯୋଗ୍ୟ ମଣିଷ।' ଚୈତନ୍ୟ ଉତ୍ତର ଦେଲେ। ବେଶ୍ କିଛି ସମୟ ଖୋଳିବା ପରେ ବାଲି ତଳୁ ଶ୍ରୀକୃଷ୍ଣଙ୍କର ଏକ ଦିବ୍ୟ ମନୋହର ମୂର୍ତ୍ତି ବାହାରିଲେ। ଶ୍ରୀଚୈତନ୍ୟ ମୂର୍ତ୍ତିଙ୍କୁ ସେହି ତୋଟାରେ ପ୍ରତିଷ୍ଠା କଲେ ଏବଂ ତାଙ୍କର ପୂଜାର୍ଚ୍ଚନା ଦାୟିତ୍ୱ ଗଦାଧର ପଣ୍ଡିତଙ୍କୁ ଅର୍ପଣ କଲେ। ଚୈତନ୍ୟ ସେ ଠାକୁରଙ୍କର ନାମ ଗୋପୀନାଥ ରଖିଥିଲେ ଏବଂ ତୋଟାରେ ପ୍ରତିଷ୍ଠିତ ହୋଇଥିବାରୁ 'ତୋଟା ଗୋପୀନାଥ' ନାମରେ ବିଖ୍ୟାତ ହେଲେ।

କ୍ରମଶଃ ତୋଟା ଗୋପୀନାଥଙ୍କ ପାଇଁ ଏକ ମନ୍ଦିର ନିର୍ମିତ ହେଲା। ଗଦାଧର ପଣ୍ଡିତ ଭକ୍ତି ଓ ସମର୍ପଣ ଭାବ ନେଇ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଠାକୁରଙ୍କର ଦୈନିକ ଅଷ୍ଟପ୍ରହରୀ ସେବା ପୂଜା କରିବା ପାଇଁ ମନ୍ଦିର ନିକଟରେ ଏକ ଛୋଟ ଆଶ୍ରମ ନିର୍ମାଣ କରି ସେଠାରେ ରହିଲେ। ଥରେ ନିତ୍ୟାନନ୍ଦ ମହାପ୍ରଭୁ ଗଦାଧର ପଣ୍ଡିତଙ୍କ ପାଖରେ ଆସି ପହଞ୍ଚିଲେ। ସେତେବେଳକୁ ପଣ୍ଡିତେ ଗୋପୀନାଥ ଠାକୁରଙ୍କ ପାଖରେ ଭାଗବତ ପାଠ କରୁଥିଲେ। ତାଙ୍କ କଣ୍ଠରୁ ଭାଗବତ ପାଠ ଶୁଣି ନିତ୍ୟାନନ୍ଦ ମୁଗ୍ଧ ହେଲେ ଏବଂ ତାଙ୍କ ସହ କିଛି ଦିନ ପାଇଁ ଆଶ୍ରମରେ ରହିଗଲେ। ଦୁହେଁ ଅପାର ଭକ୍ତିର ସହ ଗୋପୀନାଥଙ୍କର ଆରାଧନା ଓ ଶାସ୍ତ୍ର ଆଲୋଚନା କରି ଦିନ କାଟିଲେ।

ଶୁଣାଯାଏ ଗଦାଧର ପଣ୍ଡିତ ଖର୍ବକାୟ ଥିଲେ। ଗୋପୀନାଥଙ୍କର ଦଣ୍ଡାୟମାନ ବିଗ୍ରହ ସିଂହାସନ ଉପରେ ବିରାଜମାନ କରୁଥିଲେ। ତେଣୁ ପୂଜାର୍ଚ୍ଚନା ସମୟରେ ଛଡ଼ା ମାଳ ଉଲାଗି କରିବା ଏବଂ ନୂତନ ମାଳ ପିନ୍ଧେଇବା ବେଳେ ପଣ୍ଡିତେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। କାଠ ଘୋଡ଼ା ଉପରେ ଚଢ଼ି ଏହି ନିତ୍ୟକର୍ମ କରୁଥିବା ବେଳେ ବେଳେବେଳେ ପଡ଼ିଯାଉ ଥିଲେ। ତେଣୁ ଦିନେ ସେ ତା'ର କିଛି ଗୋଟେ ପ୍ରତିକାର କରିବା ପାଇଁ ଗୋପୀନାଥଙ୍କୁ ପ୍ରାର୍ଥନା କଲେ। ତା'ପରଦିନ ସକାଳେ ଗଦାଧର କବାଟ ଖୋଲି ପୂଜା ପାଇଁ ଭିତରକୁ ପଶି ଦେଖିଲେ ପୂର୍ବ ଦିନ ପର୍ଯ୍ୟନ୍ତ ଯେଉଁ ବିଗ୍ରହ ସିଂହାସନ ଉପରେ ଦଣ୍ଡାୟମାନ ହୋଇଥିଲେ ସେ ଦିନ ସେ ସିଂହାସନରେ ପଦ୍ମାସନରେ ବସିଥିଲେ। ଗଦାଧର ପ୍ରଭୁଙ୍କର ଅପାର କରୁଣା ଲାଭ କରି ଥିବାରୁ ଆନନ୍ଦରେ କାନ୍ଦି ପକେଇଲେ ଏବଂ ସିଂହାସନ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ। ତା'ପରେ ଖର୍ବକାୟ ଗଦାଧରଙ୍କୁ ମାଳ ଉଲାଗି କରିବା ଓ ପିନ୍ଧେଇବାରେ କୌଣସି ଅସୁବିଧା ହେଲା ନାହିଁ।

ଏ କଥାଟା ଶ୍ରୀକ୍ଷେତ୍ର ଓ ବଙ୍ଗ ଭକ୍ତମହଲରେ ବ୍ୟାପି ଗଲା। ତୋଟା ଗୋପୀନାଥ ମନ୍ଦିର ଓ ମଠକୁ ଶହ ଶହ ଭକ୍ତଙ୍କର ସୁଅ ଛୁଟିଲା। ଭକ୍ତମାନଙ୍କର ପୃଷ୍ଠପୋଷକତାରେ ମନ୍ଦିର ଓ ଆଶ୍ରମର କଳେବର ବଢ଼ିବାକୁ ଲାଗିଲା ଏବଂ ସେ ଆଶ୍ରମ 'ତୋଟା ଗୋପୀନାଥ ମଠ' ନାମରେ ବିଖ୍ୟାତ ହେଲା।

ଚୈତନ୍ୟ ମହାପ୍ରଭୁଙ୍କ ପାଇଁ ତୋଟା ଗୋପୀନାଥ ଥିଲେ ଜୀବନ୍ତ ବିଗ୍ରହ। ସେ ପ୍ରାୟ ସବୁଦିନ ଗୋପୀନାଥଙ୍କୁ ଦର୍ଶନ କରି ଗଦାଧର ପଣ୍ଡିତଙ୍କ ସହ ସତ୍‌ସଙ୍ଗ କରୁଥିଲେ। ନିଜର ଶେଷ ସମୟ ଉପସ୍ଥିତ ହେବା ଜାଣି ସେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ଲୀନ ହୋଇଯିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି। 'କି କରବ କୋଥାୟ ଯାବ ବାକ୍ୟ ନାହିଁ ସ୍ଫୁରେ, ହାରାଇଲାମ ଶ୍ରୀଚୈତନ୍ୟ ଗୋପୀନାଥେର ଘରେ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଖୋଲୁଛି ଷଡ଼ଯନ୍ତ୍ର...

ସିସିଟିଭି ଫୁଟେଜରୁ ସ୍ପଷ୍ଟ ଦେଖାଯାଉଛି। ଉମର ତିନି ଘଣ୍ଟା ଧରି କାର ଚଳାଉଥିବା ଜଣାପଡ଼ିଛି। ବିସ୍ଫୋରଣ ବେଳେ ସେ ଓ ଅନ୍ୟ ଦୁଇ ଜଣ ବ୍ୟକ୍ତି କାର ଭିତରେ ଥିଲେ ବୋଲି କୁହାଯାଉଛି। ତେବେ ଏହା ଆତ୍ମଘାତୀ ବିସ୍ଫୋରଣ କି ନାହିଁ, ତାହା ସ୍ପଷ୍ଟ ହୋଇପାରୁ ନାହିଁ। ଦିଲ୍ଲୀ ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାୟତଃ ଜଣେ କି ଦୁଇ ଜଣ ସମ୍ପୃକ୍ତ ଥାଆନ୍ତି। ତିନି ଜଣ ସମ୍ପୃକ୍ତ ଥିବାର ନଜିର ନାହିଁ। ସେ କହିଛନ୍ତି ଯେ ଲକ୍ଷ୍ୟ ବିସ୍ଫୋରଣ ଲଗେଇ ଜଣାଶୁଣା ଅନ୍ୟ କୌଣସି ସ୍ଥାନକୁ ନେଇ ବିସ୍ଫୋରଣ କରାଇବାକୁ ଯୋଜନା ଥିଲା। କିନ୍ତୁ କାର ଟ୍ରାଫିକରେ ଫସିବା ପରେ ହଠାତ୍ ବିସ୍ଫୋରଣ ହୋଇଥିଲା।

ଦିଲ୍ଲୀ ପୁଲିସର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀମାନେ ଆକ୍ରମଣ ଲାଗି ଯୋଜନା ଚଳାଉଥିବା ବେଳେ ମିଳିତ ଅପରେସନରେ ୪ ଜଣ ଡାକ୍ତର ଧରାପଡ଼ିଥିଲେ। ସେଥିରେ ଅଲ ଫଲାହ ମେଡିକାଲ କଲେଜର ତିନି ଜଣ ଡାକ୍ତର ମଧ୍ୟ ଥିଲେ। ଏହି ଅଭିଯାନରେ ଆତଙ୍କିତ ହୋଇ ଡାକ୍ତର ଉମର ତରବରିଆ ଭାବେ ଏମିତି ଆତ୍ମଘାତୀ ବିସ୍ଫୋରଣ କରିଥିବା ସନ୍ଦେହ କରାଯାଉଛି। ଗତକାଲି ଏହି ମେଡିକାଲ କଲେଜର ତିନି ଜଣ ଡାକ୍ତର ଧରାପଡ଼ିଥିଲେ, ସେମାନଙ୍କ ସହିତ ଡାକ୍ତର ଉମରର ଘନିଷ୍ଠତା ଥିଲା। ଉମର ସଂପର୍କରେ ସୂଚନା ମିଳିବା ପରେ ଦିଲ୍ଲୀ ଓ କଶ୍ମୀର ପୁଲିସ ଆଜି ପୁଲୱାମା ଯାଇ ତା ଘରେ ଚଢ଼ାଉ କରିଥିଲେ। ପୁଲିସ ଉମରର ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ତାର ମାଆଙ୍କର ଡିଏନଏ ପରୀକ୍ଷା କରାଯାଉଛି। ଗତକାଲିର ବିସ୍ଫୋରଣରେ ଉମର ମରିଛି ନା ଫେରାର ଅଛି, ତାହା ଡିଏନଏ ରିପୋର୍ଟରୁ ସ୍ପଷ୍ଟ ହେବ। ଉମର ବିଷୟରେ ସେମାନଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ପରିବାର ପକ୍ଷରୁ କୁହାଯାଉଛି ଯେ ତିନି ଦିନ ହେଲା ଉମର ସହ ସେମାନଙ୍କ ଯୋଗାଯୋଗ ନଥିଲା। ତିନି ଦିନ ଧରି ସେ ଆତ୍ମଗୋପନ କରିଥିଲା ବୋଲି ପୁଲିସ ସନ୍ଦେହ କରୁଛି।

ଇତିମଧ୍ୟରେ ଦିଲ୍ଲୀ ପୁଲିସର ଏକ ଟିମ୍ ଆଜି ସକାଳେ ଫରିଦାବାଦ ଅଲ ଫଲାହ ମେଡିକାଲ କଲେଜ ଯାଇ ସିସିଟିଭି ଫୁଟେଜର ଛାନଭିନ କରିବା ସହିତ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି। ଏହାସହିତ ଏହି ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହରେ ଆଉ ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି। ଗତକାଲି ଏହି କଲେଜର ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଡାକ୍ତର ମୁଜାମ୍ମିଲ ଘରୁ ୨୯୦୦ କେଜି ବିସ୍ଫୋରକ ମିଳିଥିଲା। ମୁଜାମ୍ମିଲର ଘନିଷ୍ଠ ସହଯୋଗୀ ଥିଲା ଡାକ୍ତର ଉମର। ଫରିଦାବାଦରୁ ବିସ୍ଫୋରକ ଧରାପଡ଼ିବା ପରେ ପୁଲିସ ପକ୍ଷରୁ କୁହାଯାଉଥିଲା ଯେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଦିଆଯାଇଛି। କିନ୍ତୁ ଏହାର କିଛି ସମୟ ପରେ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ହୋଇଥିଲା। ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗତକାଲିର ବିସ୍ଫୋରଣରେ ମୃତାହତଙ୍କ ପରିବାର ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ। ସ୍ଥାୟୀ ରୂପେ ବିକଳାଙ୍ଗ ହୋଇଥିବା ବ୍ୟକ୍ତିଙ୍କୁ ୧୦ ଲକ୍ଷ ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଲେଖାଏଁ ଟଙ୍କା ମିଳିବ।

### ଏନ୍‌ଡିଏ ସପକ୍ଷରେ...

ଏହାକୁ ଅତି ବେଶିରେ ୫ଟି ଆସନ ମିଳିପାରେ ବୋଲି କୁହାଯାଉଛି। ଦୈନିକ ଭାସ୍କର ଆକଳନ ଅନୁଯାୟୀ ଏନଡିଏକୁ ୧୪୫ରୁ ୧୬୦, ମହାମେଣ୍ଟକୁ ୭୩ରୁ ୯୧ ଏବଂ ଜନ ସୁରଜ ପାର୍ଟିକୁ ୩ଟି ଆସନ ମିଳିପାରେ। ପିପୁଲ୍ସ ଇନସାଇଟ ସର୍ଭେ କହୁଛି ଯେ ଏନଡିଏ ଅଂଶୀଦାର ବିଜେପିକୁ ୬୮ରୁ ୭୨, ଜେଡିୟୁକୁ ୫୫ରୁ ୬୦ ଏବଂ ଏଲଜେପିକୁ ୯ରୁ ୧୨ ଆସନ ମିଳିପାରେ। ସେହିଭଳି ମହାମେଣ୍ଟ ଅଂଶୀଦାର ଆରଜେଡିକୁ ୬୫ରୁ ୭୨, କଂଗ୍ରେସକୁ ୯ରୁ ୧୩ ଏବଂ ବାମପନ୍ଥୀଙ୍କୁ ୧୧ରୁ ୧୫ଟି ପର୍ଯ୍ୟନ୍ତ ଆସନ ମିଳିପାରେ। ସୂଚନାଯୋଗ୍ୟ ଯେ ଏବେ ରାଜ୍ୟ ବିଧାନସଭାରେ ଏନଡିଏର ୧୩୨ଟି ସଦସ୍ୟ ଥିବା ବେଳେ ଏହାର ଅଂଶୀଦାର ବିଜେପିର ୮୦ ଏବଂ ଜେଡିୟୁର ୪୫ ବିଧାୟକ ଅଛନ୍ତି। ସେହିଭଳି ମହାମେଣ୍ଟର ୧୧୧ ସଦସ୍ୟ ଥିବା ବେଳେ ଅଂଶୀଦାର ଆରଜେଡିର ୭୭, କଂଗ୍ରେସର ୧୯ ଏବଂ ୧୫ ଜଣ ବାମପନ୍ଥୀ ବିଧାୟକ ଅଛନ୍ତି।

### ନୂଆପଡ଼ାରେ ୮୧.୪୫%...

ଅଭିଯୋଗକୁ ଅଧିକ ଖୋରାକ ଯୋଗାଉଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୫ଟା ସୁଦ୍ଧା ଭୋଟଦାନ ପ୍ରକ୍ରିୟା ଶେଷ ହୋଇଛି। ପୋଲିଂ ଅଧିକାରୀମାନଙ୍କୁ ନେଇ ମତଦାନ କେନ୍ଦ୍ରକୁ ଯାଉଥିବା ସମସ୍ତ ୮ଟି ହେଲିକପ୍ଟର ନିଜର ଗନ୍ତବ୍ୟ ସ୍ଥାନକୁ ଫେରି ଆସିଥିବା ବେଳେ ସମସ୍ତ ବୁଥରେ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି। କେତେକ ସ୍ଥାନରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସେଠାରେ ତୁରନ୍ତ ସମାଧାନ କରାଯାଇଥିଲା। ବିଶେଷକରି ମକ୍ ପୋଲ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବା କାରଣରୁ ତିନୋଟି ବାଲାଟ ୟୁନିଟ (ବିୟୁ) ଏବଂ ତିନୋଟି କଣ୍ଟ୍ରୋଲ ୟୁନିଟ (ସିୟୁ) ତୁରନ୍ତ ବଦଳାଯାଇଥିଲା। ପରେ ମତଦାନ ଆରମ୍ଭ ହେବା ପରେ ଖରିଆର ରୋଡର ମଙ୍ଗୋରାପଲ୍ଲୀ ବୁଥ ନମ୍ବର ୭୬ରେ ଇଭିଏମରେ ସମସ୍ୟା ଦେଖାଦେଇଥିବା ବେଳେ ଏହାର ତୁରନ୍ତ ସମାଧାନ କରାଯାଇଥିବା ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ସେହିପରି ବୁଥ ନମ୍ବର ୨୪୬, ବୁଥ ନମ୍ବର ୨୯୮, ବୁଥ ନମ୍ବର ୮, ବୁଥ ନମ୍ବର ୨୯୮ରେ ଇଭିଏମ ଏବଂ ଏହାର କେତେକ ଯାନ୍ତ୍ରିକ ତ୍ରୁଟି ଭାବେ କାର୍ଯ୍ୟ ନକରିବାରୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇଥିଲା ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ନୂଆପଡ଼ା ନିର୍ବାଚନମଣ୍ଡଳୀର ଏକାଧିକ ବୁଥରେ ବିଜେପି କର୍ମୀମାନେ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ନେଇ ପ୍ରମାଣ ସହ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେଡି ଓ କଂଗ୍ରେସ। ବିଶେଷକରି ବୁଥ ପରିସର ମଧ୍ୟରେ ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକ ଆଣିଯାଇ ସେମାନଙ୍କୁ ନକଲି ପରିଚୟ ପତ୍ର ଦେଇ ବିଜେପି ସପକ୍ଷରେ ଭୋଟଦାନ କରାଯାଉଛି ବୋଲି ବିରୋଧୀ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ସେପରି ଇଭିଏମରେ ଗୋଟିଏ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲା ବେଳେ ଏହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯିବା ଏବଂ ବିଜେପି ବୁଥ ମଧ୍ୟରେ ଭୋଟରଙ୍କୁ ଟିଫିନ ବାଣ୍ଟି ସେମାନଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିବା ଏବଂ ଅନ୍ୟର ଭୋଟ ବିଜେପି ସପକ୍ଷରେ ଦିଆଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି।

### ସିବିଆଇ ତଦନ୍ତ...

ଘଟଣାର ତଦନ୍ତ ଆରମ୍ଭ କରିବା ପରେ ପର୍ଯ୍ୟାୟକ୍ରମେ ସିଲିକନ୍ ମୁଖ୍ୟ ସୁରେଶ ନାୟକ, ପଞ୍ଚସଖା ମୁଖ୍ୟ ଶଙ୍କର ପ୍ରୁଷ୍ଟି, ତାଙ୍କ ସହଯୋଗୀ ମୁନ୍ନା ମହାନ୍ତି ଓ ଅନ୍ୟ କେତେକ ଦଲାଲଙ୍କୁ ଗିରଫ କରିଥିଲା। ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିଥିଲେ ଓ ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ସମସ୍ତ ଗ୍ରେଫତାରରେ ସୁରେଶ ନାୟକ ଓ ଶଙ୍କର ପ୍ରୁଷ୍ଟିଙ୍କୁ ରାୟା କରିଛି। ମାତ୍ର ପୁଲିସ ଏଯାଏ ପରୀକ୍ଷା ନିମନ୍ତେ ଗଠିତ ଓଏମଆର୍ ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଇଟିଆଇଙ୍କୁ ଏ ଯାଏ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ। ଅନ୍ୟପକ୍ଷରେ ସିଲିକନ୍ ଟେକ୍ନୋଲାବ୍ ମୁଖ୍ୟ ସୁରେଶ ନାୟକ ଆଇଟିଆଇରୁ କିପରି ସବ୍‌ଲେଟ୍ ପାଇଲେ ଓ ଏହା ପଛରେ କେଉଁ ଉଚ୍ଚ ଅଧିକାରୀମାନଙ୍କ ଭୂମିକା ରହିଛି ତାହା ଅସ୍ପଷ୍ଟ। ତେବେ ଏହି ତଦନ୍ତରୁ ଦୁର୍ନୀତିର ତାର ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ଥିବା ସନ୍ଦେହ କରାଯାଉଛି। ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗ ସମ୍ପୃକ୍ତି ଥିବା କୁହାଯାଉଛି।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଛି ଯେ ପୁଲିସ ଚାକିରି ବିକ୍ରି ଘଟଣାର ଉଚ୍ଚସ୍ତରୀୟ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଦୁର୍ନୀତି ପାଇଁ ଦାୟୀ ହୋଇଥିବା ଉଦ୍ୟମ, ପ୍ରୋଗ୍ରାମର ଓ ଷଡ଼ଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଟ୍ରାକ୍ଟର ମଡ଼ାଇ...

ସୂଚନାନୁଯାୟୀ, ମେରଗାଗାମ୍ରାମର ଲାଲୁ ଭଇଁଷାଲ ପ୍ରତିଦିନ ଭଳି ନିଜର ଟ୍ରାକ୍ଟର ଡାଲାକୁ ଗତକାଲି ନିଜ ଘର ସାମ୍ନାରେ ରଖିଥିଲେ। ରାତି ପ୍ରାୟ ୧୨ଟାରେ ସମସ୍ତେ ଶୋଇଥିବା ବେଳେ ୪ରୁ ୫ଜଣ ଦୁର୍ବୃତ୍ତ ଆସି ଏକ ଟ୍ରାକ୍ଟରରେ ତାଙ୍କ ଡାଲାକୁ ଯୋଡ଼ି ଚୋରି କରିନେଉଥିଲେ। ଏହା ଜାଣିପାରି ଲାଲୁଙ୍କ ବାପା ହରିଶଙ୍କର ଉଠିପଡ଼ିଥିଲେ। ତାଙ୍କ ପାଟି ଶୁଣି ଲାଲୁଙ୍କ ପୁଅ ସତ୍ୟମ୍ ମଧ୍ୟ ଉଠି ପଡ଼ିଥିଲା। ପରେ ଏକ ବାଇକରେ ଦୁହେଁ ଦୁର୍ବୃତ୍ତମାନଙ୍କୁ ପିଛା କରିଥିଲେ। ବ୍ରାହ୍ମଣଛେଣ୍ଡିଆ ଗାଁ ନିକଟରେ ସେମାନେ ଦୁର୍ବୃତ୍ତଙ୍କ ଟ୍ରାକ୍ଟର୍‌କୁ ଓଭରଟେକ୍ କରି ଗାଡ଼ି ଅଟକାଇଥିଲେ। ହେଲେ ଦୁର୍ବୃତ୍ତମାନେ ଦୁହିଁଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ପରେ ସେମାନେ କିଛି ଦୂରରେ ରାସ୍ତାକଡ଼ରେ ଚୋରି ଟ୍ରାକ୍ଟର୍ ଡାଲାକୁ ଛାଡ଼ି ପଳାଇଥିଲେ। ଅପରପକ୍ଷେ କିଛି ସ୍ଥାନୀୟ ଲୋକ ଗୁରୁତର ଜେଜେ-ନାତିଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ହରିଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା। ସତ୍ୟମଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟମଙ୍କ ମୃତ୍ୟୁ ହୋଇଯାଇଥିଲା।

ଏହି ଖବର ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଶବଦ୍ୱୟକୁ ଧର୍ମଗଡ଼-ଜୁନାଗଡ଼ ମୁଖ୍ୟ ରାସ୍ତାରେ ରଖି ଅବରୋଧ କରିଥିଲେ। ହତ୍ୟାକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବିରେ ଶହଶହ ଗ୍ରାମବାସୀ ରାସ୍ତା ଉପରେ ବସି ରହିବାରୁ ଏହି ବାଟ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଏସ୍‌ଡିପିଓ ଡୋଳାମଣି ଭୋଇ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ କ୍ଷତିପୂରଣ ରାଶି ଯୋଗାଇଦେବା ଓ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

### ନିଃସର୍ତ୍ତ କ୍ଷମା ମାଗିଲେ...

ପ୍ରକାଶଥାଉକି ଏହି ମାମଲାରେ ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ପୂର୍ବରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲେ ମଧ୍ୟ ସତ୍ୟପାଠ ଜରିଆରେ ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାର ସମ୍ପର୍କ ରହିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ମନ୍ତବ୍ୟ ଦେଇଥିବା ନେଇ ଦାଖଲ ସତ୍ୟପାଠରେ ସ୍ୱୀକାର କରିଛନ୍ତି। ଏଭଳି ମନ୍ତବ୍ୟ ପ୍ରଦାନ ପାଇଁ ଦୁଃଖ ପ୍ରକାଶ ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରି ଅଦାଲତଙ୍କ ଅବମାନନାର କିଛି ଉଦ୍ଦେଶ୍ୟ ନଥିଲା ବୋଲି ଏସପି ଅଦାଲତଙ୍କୁ ଅବଗତ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ପର୍ଦ୍ଦାଫାସକୁ ନେଇ ବ୍ରହ୍ମପୁର ଏସପି କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ହତ୍ୟା ଘଟଣା ସହ ଉପରୋକ୍ତ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଥିବା କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମାକୁ ପୀତବାସ ପଣ୍ଡା ହତ୍ୟା ଘଟଣାର ଅଭିଯୁକ୍ତ ଶିବଶଙ୍କର ଦାସ ହିଁ ନିଜ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରିଥିଲେ। ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଏକ ହତ୍ୟା ଘଟଣା ସହ ଏହି ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ସେ ଦର୍ଶାଇଥିଲେ ଯେ ଗତ ୨୦୨୫ଅକ୍ଟୋବର୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇନେଇଥିଲେ। ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ। ଉକ୍ତ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଏସପିଙ୍କ ସ୍ପଷ୍ଟୀକରଣ ମାଗିବା ସହ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ।

### ଡିସେମ୍ବର ୧୭ରେ...

ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୮ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି।

## ବିଜେଡିର ସାଂଘାତିକ ଅଭିଯୋଗ

# ବୁଥରେ ଚାପ ପକାଇଛନ୍ତି ବିଜେପି କର୍ମୀ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ମାତ୍ର ଭୋଟ ଗ୍ରହଣ ଦିନ ବି ଆଦର୍ଶ ଆଚରଣ ବିଧିକୁ ମାନି ନାହିଁ ବିଜେପି। ବିଜେପି କର୍ମୀମାନେ ବୁଥ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ମତଦାନ କେନ୍ଦ୍ର ଆଗରେ ବିଜେପି କର୍ମୀମାନେ ଭୋଟରଙ୍କୁ ଖାଦ୍ୟ ପୁଡ଼ିଆ ଦେଇ ପ୍ରଭାବିତ କରୁଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ । ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି କହିଛନ୍ତି ଯେ ଭୋଟ ଗ୍ରହଣ ଚାଲିଥିବା ବେଳେ ନୀତି ନିୟମ ଓ କଟକଣାକୁ ବିଜେପି ନେତା ଓ କର୍ମୀ ଆଦୌ ନାହାନ୍ତି। ବୁଥ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତ କରି ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେବା ପାଇଁ ସେମାନେ ଚାପ ପକାଇଛନ୍ତି। ଖରିଆର ରୋଡ ଏନଏସିରେ ଥିବା ବୁଥ୍ ନଂ ୩,୪,୫,୧୩,୧୪,୧୫ ଆଗରେ ଏପରି ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି। ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ବିଜେପି ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଥିଲେ। ତେଣୁ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ। ଅପରପକ୍ଷେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଅଭିଯୋଗ କରିଛନ୍ତି ଯେ ନୂଆପଡ଼ାର ସବୁ ବୁଥ ଆଗରେ ବିଜେପି ନେତା ଓ କର୍ମୀମାନେ ଷ୍ଟଲ ଲଗାଇ ଭୋଟ ଦେବା ପାଇଁ ଆସୁଥିବା ଲୋକଙ୍କୁ ଟିଫିନ୍ ପୁଡ଼ିଆ ଧରାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି। ଖାଦ୍ୟ ପୁଡ଼ିଆ ଦେଇ ସେମାନଙ୍କୁ ବିଭ୍ରାନ୍ତ କରାଯାଉଛି । ଆଦର୍ଶ ଆଚାର ବିଧିର ଏହା ଖୋଲା ଉଲ୍ଲଂଘନ । ଏପରି ଏକ ଗୁରୁତର ଓ ସମ୍ବେଦନଶୀଳ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଯୋଶୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାପଡ଼ିଛି। ବିଜେପିର ଏହି ନିନ୍ଦନୀୟ କାର୍ଯ୍ୟକୁ ନୂଆପଡ଼ାର ସଚେତନ ନାଗରିକ, ଉଚିତ୍ ଜବତ ଦେବେ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୪,୦୦୦/- / ଟ.୨୧,୫୦୦/- |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହଡାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୧ ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- |
| ୬. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅତୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅତୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅତୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- |
| ୭. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୧.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 36-KUR-TRD-OT-2025-26

**କାର୍ଯ୍ୟର ନାମ :** ଯାଜପୁର କେନ୍ଦୁଝର ରୋଡ଼ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ।

**ବିଜ୍ଞାପିତ ମୂଲ୍ୟ (₹): 21,70,505.09,** EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.12.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-786/Q/25-26



**AFFIDAVIT**

By virtue of an affidavit sworn before Executive Magistrate, K.S.Nagar, Ganjam, I Sri Manoj Jena, S/o- Late Mangulu Jena, resident of Vill.- Sadabarta Nuagan, Po./Via/ Ps.- Kabisurya Nagar, Dist.- Ganjam, Odisha state that, my nick name is Laba Jena. In my Adhar Card and Voter ID Card my name has been mentioned as Laba Jena. Hence **Manoj Jena** and **Laba Jena** S/o- Mangulu Jena is one and same person.

**AFFIDAVIT**

I, Hrusikesh Dash, aged about 48 years, S/o- Kunja Bihari Dash, resident of At/Po- Puran, Ps- Biridi, Dist- Jagatsinghpur, Odisha, Pin- 754102 declare by this affidavit No. 2296, dtd-10.11.2025, that now onwards I shall be known as **HRUSHIKESH DASH** for all future purposes

**NOTICE**

By virtue of an affidavit sworn before the Executive Magistrate, Athmallik dated 10th November 2025, I, Mr. MANORANJAN PADHAN address Village : OSKAPALI, P.O.: OSKAPALI, P.S.: KISHORENAGAR , District : ANGUL, PIN : 759126 , STATE : ODISHA, declare that I have changed the name of my daughter from HIRANMAREE PADHAN to HIRANMAYEE PADHAN Henceforth, she shall be known as HIRANMAYEE PADHAN for all purposes.
**MANORANJAN PADHAN**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/11/2025, CF No.- 92/10.11.2025. I, Jashobanta Rout S/O Late Bishnu Rout, At- Sanamohanpur, PO-Badapada, PS-Pattamundai, Dist- Kendrapada, Pin- 754245, declare that I have changed the name of my son from Suvam Rout to Subham Kumar Rout. Henceforth, he shall be known as new name Subham Kumar Rout for all purposes.
**Sd/- Jashobanta Rout**

**AFFIDAVIT**

By the virtue of an affidavit sworn before the Notary public, Daringibadi, Dated 30.10.2025. I Upendra Malik, S/o- Mali Malik, Vill : Tudubiju, Po: Gudikia, Ps: Bamunigam, Dist: Kandhamal, State: Odisha-762021 declare that I have changed my minor son's name from DEBA MALIK to DEBAK MALIK. Henceforth, He shall be known as **DEBAK MALIK** for all purposes.
**Sd/- Upendra Malik**

**AFFIDAVIT**

By virtue of an Affidavit before Notary Public, Malkangiri, **I, Manoj Majumdar**, aged about 43 years, S/o.: Dilip Kumar Majumdar, resident of Village: MV-48, PO.: Tumsapalli, P.S./ Dist: Malkangiri, Odisha, declare by this Affidavit No.: 1397, Dated: 14.10.2025 that I have changed my name from Manoj Kumar Majumdar to **Manoj Majumdar.** Henceforth I shall be known as **Manoj Majumdar** for all future purposes.

**AFFIDAVIT**

By virtue of an affidavit sworn before (Executive Magistrate Daspalla) dated 13.10.2025 I, Tuna Mahakhud Vill-Hanumanta, PO-Chadeyapalli, PS-Banigochha, Dist-Nayagarh, Pin-752089 declare that I have changed the name of my daughter from Loknath Mahakhuda to Adyasarani Mahakhud. Henceforth, she shall be known as Adyasarani Mahakhud for all purposes.
**(Tuna Mahakhud)**

**AFFIDAVIT**

**I Aishwarya Abhinandita Sahoo, D/o- Sarada Prasan Sahoo resident of QR No-E/169,Sector-18, Rourkela, Dist- Sundargarh, Pin-769003, Odisha declare by this Affidavit No - 81 Dtd 10.11.2025 that now onwards I shall be known as S AISHWARYA ABHINANDITA for all future purposes .**

**AFFIDAVIT**

By the virtue of an affidavit sworn before the Executive Magistrate, M. Rampur, Kalahandi, Dtd. 10.11.2025. I, Thabira Rana, S/o Chandra Rana, At- Jambahalai, P.O. Nunpur, P.S.: M. Rampur, Dist.- Kalahandi, Odisha – 766102 have changed my minor daughter's name from Suti Rana. to Sruti Rana. Henceforth, she shall be known as Sruti Rana for all purposes.
**Sd/- Thabira Rana**

**AFFIDAVIT**

By virtue of an affidavit before Notary Public, Bhubaneswar dtd. 17.10.2025, I Deepti Mishra residing at Baramunda, Bhubaneswar, that in Birth Certificate of my Daughter, my name printed wrongly as Deepti Nanda instead of Deepti Mishra and subsequently it was corrected to Deepti Mishra. Hence Deepti Mishra and Deepti Nanda is same and one person.
**Deepti Mishra**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, on dated 11.11.2025, I Jhili Palei W/o- Kalu Charan Palei, resident at Tulasipur, Kendupata, Khalikote, Dist- Ganjam, Odisha, PIN- 761030, declare that I have changed my son's name from Suhan Palei to Sohan Palei. Henceforth, He shall be known as **SOHAN PALEI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Jajpur, SL NO. 4177, dated 17-10-2025 I, **HADIANI MOHANTY,** Permanent resident- At- Mulapal, Po- Rudhia, Ps- Panikoili, Dist- Jajpur, State- Odisha, PIN- 755033, declare that I have changed my name from **RANGALATA MOHANTY** (Old name) to **HADIANI MOHANTY** (New name), Henceforth, I shall be known as **HADIANI MOHANTY** for all purposes.
Sd-( **HADIANI MOHANTY**)

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF NO. 128, dated 04-09-2025 I, **SANTOSWINI GHATUAL,** Permanent resident- At- Laxmiprasad, Po- Sahaspur, Ps- Banpur, Dist- Khordha, State- Odisha, PIN- 752031, declare that I have changed my name from **SANTOSMINI GHATUAL** (Old name) to **SANTOSWINI GHATUAL** (New name), Henceforth, I shall be known as **SANTOSWINI GHATUAL** for all purposes.
Sd-( **SANTOSWINI GHATUAL**)

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 06.11.2025,CF No.- 62/ 06.11.2025. I, Manash Kumar Digal S/O Srikant Digal, At- Mayfair Nagar, PO- R.R.L, PS- Maitri Vihar, Dist- Khordha, Pin- 751013, declare that I have changed the name of my son from Alfaz Digal to Jyoti Raditya Digal. Henceforth, he shall be known as new name Jyoti Raditya Digal for all purposes.
**Manash Kumar Digal**

**AFFIDAVIT**

By virtue of an affidavit sworn before Executive Magistrate, Muniguda, I Pramod Kumar Saraka, S/o- Gobinda Saraka, resident of Vill.- Gojakupuli, Po.- Kutragada, Ps.- Muniguda, Dist.- Rayagada, Pin- 765020 Odisha vide affidavit no.1922/2025 Dtd.11.11.2025 state that, I have changed my name from **Pramod Saraka** to **Pramod Kumar Saraka**. Henceforth I shall be known as **Pramod Kumar Saraka** for all future purposes.



**ପୂର୍ବ ତଟ ରେଳପଥ**

ରେଳ ଓକିଲମାନଙ୍କ ତାଲିକାଭୁକ୍ତିକରଣ

ଅଧିସୂଚନା ସଂ. 01/2025 ତାରିଖ : 10.11.2025

ରେଲୱେ ବୋର୍ଡର ପତ୍ର ସଂଖ୍ୟା 2024/LC/15/1 ତା 06.10.2025 ରିଖ ଅନୁଯାୟୀ ପୂର୍ବ ତଟ ରେଳପଥ ପରିସୀମା ଅଧିନସ୍ଥ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (CAT)/ କଟକ, ରେଲୱେ କ୍ଲେମ୍ସ ଟ୍ରିବ୍ୟୁନାଲ (RCT)/ଭୁବନେଶ୍ୱର ପାଇଁ ରେଲୱେ ଓକିଲଙ୍କ ତାଲିକାଭୁକ୍ତିକରଣ ପାଇଁ ଆବଶ୍ୟକୀୟ ଯୋଗ୍ୟତା, ଉପଯୁକ୍ତତା ଏବଂ ଅଭିଜ୍ଞତା ଥିବା ଓକିଲମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି।

ଆବେଦନ ପତ୍ର, ଯୋଗ୍ୟତା ଏବଂ ଅନ୍ୟ ବିବରଣୀ ନିମନ୍ତେ ଦୟାକରି https://eastcoastrail.indianrailways.gov.in ଦେଖନ୍ତୁ।

ଆବେଦନ ଜମା କରିବାର ଅନ୍ତିମ ତାରିଖ **11.12.2025** ଅଟେ।

ଦ୍ରଷ୍ଟବ୍ୟ : ଦୟାକରି କୌଣସି ସବିଶେଷ ତଥ୍ୟ (ଯଦି କିଛି ଥାଏ) ନିମନ୍ତେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ।

PR-791/Q/25-26
ଉପମହାପ୍ରବନ୍ଧକ (ଆଇନ), ଭୁବନେଶ୍ୱର

ସକାଳ THE SAKALA



www.sakalaepaper.com

## କାଳିକାପ୍ରସାଦ ଗାଁରେ ତେଜିଲା ରାଜନୈତିକ ହିଂସା

# ବିଜେପି କର୍ମୀଙ୍କୁ ଆକ୍ରମଣ କଲେ ବିଜେପି କର୍ମୀ

ନୟାଗଡ଼,୧୧।୧୧(ସମିସ)

ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ଗାଁରେ କିଛି ଦିନ ହେବ କୁହୁଳୁଥିବା ରାଜନୈତିକ ଉଷ୍ମତା ଆଜି ଉଗ୍ରରୂପ ଧାରଣ କରିଛି। ବିଜେପିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିଗତ ଦିନରେ ବାଦବିବାଦ ସୃଷ୍ଟି ହୋଇଥିଲା। ମୂଳ ବିଜେପି ଗୋଷ୍ଠୀ ଏବଂ ଦଳଡିଆଁ ବିଜେପି ଗୋଷ୍ଠୀ ନେତାଙ୍କ ସମର୍ଥନରେ ଗୋଟିଏ ଦିନରେ ଦୁଇ ଦୁଇଟି ସମାନ୍ତରାଳ ସଭା ଅନୁଷ୍ଠିତ ହୋଇଥିଲା। ଯାହାକୁ ନେଇ ଗାଁରେ କୁହୁଳୁଥିବା ରାଜନୈତିକ ଉଷ୍ମତା ଆଜି ତେଜିଛି। ଉକ୍ତ ଗାଁରେ ବିଜେପି କର୍ମୀ ଅଶୋକ କୁମାର ଭଟ୍ଟ ଗାଁରୁ ନୟାଗଡ଼ ଅଭିମୁଖେ ଯିବା ସମୟରେ ଉକ୍ତ ଗାଁର ଅନ୍ୟ ଗୋଷ୍ଠୀ ସମର୍ଥିତ ଦିଗାମ୍ବର ସ୍ୱାଇଁ, ଗୋପାଳ ମହାପାତ୍ର, ଚନ୍ଦନ ମହାପାତ୍ର, ସୁଶାନ୍ତ କୁମାର ଭଟ୍ଟ ତାଙ୍କୁ ରାସ୍ତାରେ ଅଟକାଇ ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ଅଶୋକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ତାଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଅଶୋକଙ୍କ ଭାଇ ସଦରଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗାଁରେ ଚାଲିଥିବା କିଛି ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଅଶୋକ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମାଗିଥିଲେ। ମୁଖ୍ୟତଃ ବିକଶିତ ଗାଁ, ବିକଶିତ ଓଡ଼ିଶା



ଯୋଜନାରେ ଗାଁରେ ଚାଲିଥିବା କାମ ସମ୍ପର୍କରେ ଅଶୋକ ତଥ୍ୟ ମାଗିଥିଲେ। ଯାହାକୁ ନେଇ ପୂର୍ବ ଯୋଜନା ଅନୁସାରେ, ଆଜି ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଶୋକ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ସମର୍ଥକ ବୋଲି ଜଣାପଡ଼ିଛି। ଯାହାକୁ ନେଇ ରାଜନୈତିକ ଆକ୍ରୋଶ କାରଣରୁ ଏହି ଆକ୍ରମଣ ହୋଇଥିବା ଅଭିଯୋଗ ହେଉଛି। କାଳିକାପ୍ରସାଦ ଗାଁରେ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ଦବଦବା ରହିଥିବା ବେଳେ ଏହାକୁ ଭାଙ୍ଗିବାକୁ ଦଳଡିଆଁ ଗୋଷ୍ଠୀ ପ୍ରଯୋଜିତ ଆକ୍ରମଣ ହୋଇଥିବା ଆଲୋଚନା ହେଉଛି। ସୋସିଆଲ ମିଡିଆରେ ନୟାଗଡ଼ରେ ହିଂସା କାଣ୍ଡ ଘଟୁଥିବା ନେଇ ବାରମ୍ବାର ଲେଖୁଥିବା ନେତ୍ରୀଙ୍କ ସମର୍ଥକଙ୍କ ଦ୍ୱାରା ଏହି ଆକ୍ରମଣ ହୋଇଥିବା ଚର୍ଚ୍ଚା ହେଉଛି। ଉକ୍ତ ନେତ୍ରୀ ନିଜର ଆଧିପତ୍ୟ ଜାହିର କରିବା ପାଇଁ ହିଂସାକୁ ପ୍ରବର୍ତ୍ତାଉଥିବା ବିଜେଡି ଓ କଂଗ୍ରେସ କର୍ମୀମାନେ ଅଭିଯୋଗ କରୁଛନ୍ତି।

- ଆରଟିଆଇ ତଥ୍ୟ ମାଗିବା ବାହାନା
- ସନ୍ତୋଷଙ୍କ ଦବଦାବା ଭାଙ୍ଗିବାକୁ ଷଡ଼ଯନ୍ତ୍ର

● ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୨ ବର୍ଷ କାରାଦଣ୍ଡ ସହ ଜରିମାନା

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ଦର୍ପନାରାୟଣପୁର ଫାଣ୍ଡି ଅଧୀନସ୍ଥ ଏକ ଗାଁର ଜଣେ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଆଜି ରାୟ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ପକ୍ସୋ ଅଦାଲତ ଅଭିଯୁକ୍ତକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଶରଣକୁଳ କେଶପାନିଆ ଗ୍ରାମର ବାଦଲ ବେହେରା। ଗତ ୨୦୨୪ ମସିହା ମାର୍ଚ୍ଚ ୪ ତାରିଖରେ ନାବାଳିକା ନିଖୋଜ ନେଇ ଦର୍ପନାରାୟଣପୁର ଫାଣ୍ଡିରେ ନାବାଳିକାର ବାପା ୫ ତାରିଖରେ ଅଭିଯୋଗ କରିଥିଲେ। ନାବାଳିକା ବିଦ୍ୟାଳୟକୁ ଯିବା ସମୟରେ ତାଙ୍କୁ ଅପହରଣ କରାଯାଇଥିଲା। ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ଘଟଣାର ଛାନଭିନ୍ ଆରମ୍ଭ କରିଥିଲେ। ବହୁ ଖୋଜାଖୋଜି ନୂଆପଡ଼ା ଜିଲ୍ଲା ତୁରେଇକେଲା ମାଓ ପ୍ରବଣ ଅଞ୍ଚଳରୁ ନାବାଳିକାକୁ ଦେଢ଼ମାସ ପରେ ଉଦ୍ଧାର କରାଯାଇଥିଲା। ଏହା ସହିତ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହି ମାମଲାର ଶୁଣାଣି ନୟାଗଡ଼ ଜିଲ୍ଲା ପକ୍ସୋ ଅଦାଲତରେ ଚାଲିଥିବା ବେଳେ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ବିଚାରପତି ଆଜି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ବାଦଲକୁ ୨୨ ବର୍ଷ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ହୋଇଥିବା ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ସୂଚନା ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଦାଶରଥି ସାହୁ ପରିଚାଳନା କରୁଥିବା ଜଣାପଡ଼ିଛି।

## ହିନ୍ଦୀ ଶିକ୍ଷକଙ୍କ ନବୀକରଣ ପାଠ୍ୟକ୍ରମ ପ୍ରଶିକ୍ଷଣ



ନୟାଗଡ଼,୧୧।୧୧(ସମିସ): କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଆଗ୍ରା ତରଫରୁ ଆଞ୍ଚଳିକ ଭୁବନେଶ୍ୱର କେନ୍ଦ୍ର ଦ୍ୱାରା ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୬୩ ଜଣ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ହିନ୍ଦୀ ଶିକ୍ଷକ ନବୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଶିକ୍ଷକମାନଙ୍କ ଜ୍ଞାନ, କୌଶଳ ଏବଂ ଶିକ୍ଷଣ ଦୃଷ୍ଟିକୋଣରୁ ନବୀକରଣର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଶିକ୍ଷକଙ୍କୁ ସମୟାନୁସାରେ ଆଧୁନିକ ଏବଂ ପ୍ରଭାବଶାଳୀ ଶିକ୍ଷଣ ଦିଗରେ ସଚେତନ କରିପାରିବ। ଏହି ପ୍ରଶିକ୍ଷଣ ଶିବିର ନଭେମ୍ବର ୧୧ ଠାରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ଉଦଘାଟନ ଉତ୍ସବରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରିଣୀ ଗୀତାଞ୍ଜଳୀ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ରୂପେ ଭୁବନେଶ୍ୱର କେନ୍ଦ୍ରର ନିର୍ଦ୍ଦେଶକ ତଥା ଭାଷା ବିଜ୍ଞାନ ଓ ହିନ୍ଦୀ ଭାଷା ସାହିତ୍ୟର ବିଦ୍ୱାନ ଡ. ରଞ୍ଜନ କୁମାର ଦାସ ଏବଂ ହିନ୍ଦୀ ଭାଷା, ସାହିତ୍ୟ ବିଶେଷଜ୍ଞ ତଥା ଶିକ୍ଷାବିତ୍ ଡ. ଚନ୍ଦ୍ରପ୍ରତାପ ସିଂହ ଯୋଗଦେଇ ହିନ୍ଦୀ ଶିକ୍ଷକଙ୍କ ନବୀକରଣ ପାଠ୍ୟକ୍ରମ ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏଥିପାଇଁ ସମସ୍ତ ଆନୁସଙ୍ଗିକ ସହଯୋଗ କରିଥିବାରୁ ଧନ୍ୟବାଦ ପ୍ରଦାନ କରିଥିଲେ। ହିନ୍ଦୀ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଉଦଘାଟନ ଉତ୍ସବରେ ଶିକ୍ଷକ ଶିଶିର କୁମାର ନନ୍ଦ ଗଣେଶ ବନ୍ଦନା ଗାନ କରିଥିଲେ। ଅତିଥିଙ୍କୁ ସ୍ୱାଗତ କରିଥିଲେ ସୁମିତ୍ରା ବାରିକ, ମୋନାଲିସା ସାହୁ, ରୋସନାରା ପରବିନ। ସ୍ୱାଗତ ସଂଗୀତ ଗାନ କରିଥିଲେ ମଗନୁମ ଜାହାଁନ, ହରିପ୍ରିୟା ଭଞ୍ଜ, ରତ୍ନା ସାହୁ ଓ ସୁମିତ୍ରା ବାରିକ। କାର୍ଯ୍ୟକ୍ରମର ରୂପରେଖ ବିଷୟରେ ହିନ୍ଦୀ ସଂସ୍ଥାନ ତରଫରୁ ବିବେକାନନ୍ଦ ବିଶ୍ୱକର୍ମା ସୂଚନା ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ସୁରେଶ ଚନ୍ଦ୍ର ବରାଡ଼ ସମସ୍ତ ପ୍ରଶିକ୍ଷକ ତଥା ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

● ବିଡିଓଙ୍କ ପ୍ରତିଶ୍ରୁତି

## ଧାରଣାରୁ ଉଠିଲେ ସମିତିସଭ୍ୟ

ଗଣିଆ,୧୧।୧୧(ସମିସ): ଗଣିଆ ବ୍ଲକ ସମ୍ମୁଖରେ ଗତ କିଛିଦିନ ଧରି ଧାରଣାରେ ବସି ରହିଥିଲେ ଗଣିଆ ସମିତି ସଭ୍ୟ ଫକୀର ମୋହନ ଡାକୁଆ ଆଜି ଧାରଣା ପ୍ରତ୍ୟାହାର କରିଛନ୍ତି। ଗଣିଆ ପଞ୍ଚାୟତ ଅନ୍ତର୍ଗତ ତେଲିସାହି ୫ନଂ ୱାର୍ଡର




ପଛପାଖ ଡ୍ରେନ୍ ନିର୍ମାଣ ନ ହୋଇ ୮୦ ହଜାର ଟଙ୍କା ବିଲ୍ ହୋଇଥିବା ନେଇ ସମିତିସଭ୍ୟ ଜିଲ୍ଲାପାଳ, ଜିଲ୍ଲା ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା ଦେବେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ସେ ଗତ ୩ ତାରିଖ ଠାରୁ ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ତେବେ ମଙ୍ଗଳବାର ବିଡିଓ ଅଙ୍କୁର ଅଭିଳାଶ, ଅତିରିକ୍ତ ବିଡିଓ ରତନଲାଳ ଲୋହରା ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସମିତି ସଭ୍ୟଙ୍କୁ ବୁଝାସୁଝା କରିଥିଲେ। ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ସମିତିସଭ୍ୟ ଧାରଣାରୁ ହଟିଥିବା ଜଣାପଡିଛି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସମିତି ସଭ୍ୟଙ୍କ ସହିତ ଆଲୋଚନା କରିବା ସହିତ ଉକ୍ତ ଫାଇଲକୁ ଆଣି ତଦନ୍ତ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ତେବେ ତହସିଲଦାର, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ଧାରଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ସମିତି ସଭ୍ୟ ଧାରଣାରୁ ହଟିନଥିଲେ କିନ୍ତୁ ଆଜି ବିଡିଓଙ୍କ ପ୍ରତିଶ୍ରୁତିରେ ଧାରଣାରୁ ଉଠିଲେ ନା କିଛି ଚାପରେ ଚେପା ହୋଇଗଲେ ବୋଲି ସାଧାରଣରେ ଆଲୋଚନା ହେଉଛି।

## କଳାପାଟ ମହାଯଜ୍ଞ ପ୍ରସ୍ତୁତି ବୈଠକ / ରାସ୍ତା ସମସ୍ୟା ପାଇଁ କ୍ଷୋଭ

ଗଣିଆ,୧୧।୧୧(ସମିସ): ସିଦ୍ଧ ଯୋଗୀ ବାବା ରାମଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଓମ୍ ମା' ସତ୍ୟଶାନ୍ତି ସେବାଶ୍ରମ ଆନୁକୂଲ୍ୟରେ ନଭେମ୍ବର ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ମଣିଭଦ୍ରା ପର୍ବତ ପାଦଦେଶରେ ମା' କଳାପାଟ ଠାକୁରାଣୀଙ୍କ ବୀଜେସ୍ଥଳୀରେ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମା' କଳାପାଟ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଉପଜିଲ୍ଲାପାଳ ରୋଜିନା ଦାସ, ବିଡିଓ ଅଙ୍କୁର ଅଭିଳାଶ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ସତ୍ୟଶାନ୍ତି ସେବା ଟ୍ରଷ୍ଟର ସଦସ୍ୟ, ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ଦମକଳ ବିଭାଗ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଯଜ୍ଞର ସଭାପତି ଅଜୟ ପଟ୍ଟନାୟକ, ଉପଦେଷ୍ଟା ନିର୍ମଳ ପଟ୍ଟନାୟକ, ଧୀରେନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶେଖର ମିଶ୍ର, ଆଦିତ୍ୟ ନାରାୟଣ ମହାସୁପକାର, ବାରିଦ ଘୋଷ, ବିରଞ୍ଚି ପାଣିଗ୍ରାହୀ, ସୁଜିତ ମହାପାତ୍ର, ସୁକାନ୍ତ କୁମାର ଦାଶ, ପ୍ରବଚକ ପାର୍ଥ ସାରଥି, ଶୋଭନ ମହାକୁଡ଼, ରାସଙ୍ଗ ସରପଞ୍ଚ ମାନସ ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ। ୧୯୯୩ ମସିହା ଠାରୁ ଏହି ମହାଯଜ୍ଞ ପାଳିତ ହୋଇଆସୁଛି। ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଆଶା ଥିବାରୁ ପ୍ରଶାସନିକ ଅଧିକାରୀ ତତ୍ପରତା ପ୍ରକାଶ କରିଥିଲେ। ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡିଥିବା ବେଳେ ଏଥିପ୍ରତି ସଭାରେ କ୍ଷୋଭ ପ୍ରକାଶ କରିଥିଲେ ଉପସ୍ଥିତ ସମସ୍ତ ସଦସ୍ୟ। ରାସ୍ତା ନିର୍ମାଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯଜ୍ଞ ସମୟରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆମିଷ ଦ୍ରବ୍ୟ ଏବଂ ମାଦକ ଦ୍ରବ୍ୟ ସଂପୂର୍ଣ୍ଣ ନିଷେଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଦ୍ୟୁତ ବିଭାଗ ଏବଂ ପାନୀୟ ଜଳ ଯୋଗାଣ ବିଭାଗର କର୍ମଚାରୀମାନେ ୪ ଦିନ ଧରି ଆଲର୍ଟ ରହିବାକୁ ଆଲୋଚନା କରାଯାଇଥିଲା। ଯଜ୍ଞରେ ବ୍ୟବସାୟ କରିବାକୁ ଆସୁଥିବା ବ୍ୟବସାୟୀ ମାନେ ଯାଗା ଭଡ଼ା ଅଧିକ ହେଉଥିବା ନେଇ ଅଭିଯୋଗ କରିଥିବା ବେଳେ ତହସିଲଦାର ଏଥିପ୍ରତି ଦୃଷ୍ଟି ଦେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଶେଷ ହୋଇଥିବା ବେଳେ ବ୍ଲକସ୍ତରରେ କିଭଳି ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାରେ ଶେଷ ହେବ ସେ ସମ୍ପର୍କରେ ସମସ୍ତେ ଚେଷ୍ଟା କରିବାକୁ ତହସିଲଦାର ପରାମର୍ଶ ଦେଇଥିଲେ। ବିଗତ ବର୍ଷ ଭଳି ମାଳତିପୁଟ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ୩୩ ତମ ବିଶ୍ୱଶାନ୍ତି ମହାଯଜ୍ଞରେ ବିଶାଳ ସାଧୁ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ରାଷ୍ଟ୍ରବାଦୀ ସାଧୁ ସନ୍ଥ ଯୋଗ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ବାବା ରାମ ଦାସଙ୍କ ପଟ୍ଟଶିଷ୍ୟ ମୁଖ୍ୟ ସେବକ ଭକ୍ତ ପ୍ରଭୁ ଜୀ ଲଳିତ ନାରାୟଣ ଦାସ ଜଣାଇଛନ୍ତି।

● ଜଳିଗଲା ୨ ବଖରା

## ପୋଡ଼ିଗଲା ମୂଲ୍ୟବାନ ସାମଗ୍ରୀ

ଦଶପଲ୍ଲା,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଗ୍ରାମ ପଞ୍ଚାୟତ ଅଧିନସ୍ଥ ୯ ନମ୍ବର ୱାଡର୍ ଚିଲିପଥର ଗ୍ରାମର ବିପ୍ର ନାୟକଙ୍କ ୨ ବଖରା ଘର ପୋଡ଼ିଜଳି ପାଉଁଶ ହୋଇଯାଇଛି। ଫଳରେ ଘରେ ଥିବା ସୁନା ରୁପା ଅଳଙ୍କାର ସହିତ କିଛି ଟଙ୍କା ଓ ବହୁ ଖାଦ୍ୟସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ତୁରନ୍ତ ସ୍ଥାନୀୟ ପଡ଼ୋଶୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିବା ବେଳେ ଘଟଣା ସ୍ଥଳରେ ଦଶପଲ୍ଲା ଦମକଳ ବାହିନୀ ପହଞ୍ଚି ମଧ୍ୟ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେତେବେଳକୁ ବିପ୍ରଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିବା ବେଳେ ବହୁ ମୂଲ୍ୟବାନ ଆବଶକୀୟ ସାମଗ୍ରୀ ପୋଡ଼ି ଜଳି ପାଉଁଶ ଯାଇଥିବା ଜଣାପଡ଼ିଛି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଥିବା ବେଳେ ସର୍ଟସର୍କିଟ ଯୋଗୁଁ ଏଭଳି ହୋଇଥିବା ଅନୁମାନ କରାଯାଇଛି। ବିପ୍ରଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଲୋକେ ଦାବୀ ରଖିଛନ୍ତି।

## ଦଶପଲ୍ଲାରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ



ଦଶପଲ୍ଲା,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ପ୍ରଶାସନ ସୌଜନ୍ୟତା ଓ ଦଶପଲ୍ଲା ପୁଲିସର ସହଭାଗିତା ରେ ମାସ ବ୍ୟାପୀ ସାଇବର ସୁରକ୍ଷା ଅଭିଯାନ ର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମେଳିଆତୋଟାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଅଧିକାରୀ ସୁବାସ ପଣ୍ଡା ଯୋଗଦେଇଥିଲେ। ଏଥିରେ ଉପଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ବରିଷ୍ଠ ନାଗରିକ ସଭାପତି ପ୍ରାଣକୃଷ୍ଣ ବେହେରା ଯୋଗଦେଇ ସାଇବର ଅପରାଧ ସଂପର୍କରେ ମତପ୍ରକାଶ କରିଥିଲେ। ସ୍ଥାନୀୟ ଥାନା ଭାରପ୍ରାପ୍ତ ନିରୀକ୍ଷକ ବିନୟ ରଞ୍ଜନ ପରିଡ଼ା ଏହି ଉତ୍ସବର ସଫଳତା ନିମନ୍ତେ ସବୁରି ସହଯୋଗ ସହଭାଗିତାକୁ ସାଧୁବାଦ୍ ଜ୍ଞାପନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ସ୍ଥାନୀୟ କୃଷ୍ଣପ୍ରୀୟା ମହିଳା ମହାବିଦ୍ୟାଳୟ ସୌଜନ୍ୟତାରେ ଆୟୋଜିତ ବିତର୍କ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

● ଆଜି ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ


## ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଜନପ୍ରତିନିଧି ଖପ୍ପା

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ବୈଠକ ବସିବା ପୂର୍ବରୁ ରାଜନୈତିକ ଉଷ୍ମତା ଜିଲ୍ଲା ଭିତରେ ବାରି ହେଉଛି। ନବମ ସାଧାରଣ ଅଧିବେଶନରେ ଜିଲ୍ଲା ପରିଷଦ ସଦସ୍ୟମାନେ ବୈଠକକୁ ନଆସି ଅନ୍ୟତ୍ର ବୈଠକ କରିଥିଲେ। ପରେ ବୈଠକକୁ ଆସିବା ପରେ ଜିଲ୍ଲାପାଳ ପ୍ରଶାସନିକ ଅବ୍ୟବସ୍ଥା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ଏକ ସମୀକ୍ଷା ବୈଠକ କରାଯିବ ବୋଲି କୁହାଯାଇଥିଲା। ସେହି ଅନୁସାରେ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଆଲୋଚନା ଅନୁସାରେ, କୌଣସି କାମ ହୋଇନଥିବା ଦର୍ଶାଇ ଅନେକ ଜନପ୍ରତିନିଧି କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୁଖ୍ୟତଃ ବିଭିନ୍ନ ବ୍ଲକରେ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କୁ ବିଡିଓମାନେ ଅଣଦେଖା କରିବା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଏକଚାଟିଆ ନୀତି ଆପଣାଯିବା, ବିଭିନ୍ନ ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅଣଦେଖା କରିବା ଭଳି ଘଟଣା ଏବେ ବି ଚାଲିଛି ବୋଲି ଆଲୋଚନା ହେଉଛି। ଅନେକ ସ୍ଥାନରେ ଅଣନିର୍ବାଚିତ ନେତାଙ୍କୁ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ଦଳୀୟ ଭିତ୍ତିରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି। ଏହି ଅସନ୍ତୋଷ ନେତାଙ୍କ ମନରେ କୁହୁଳୁଥିବା ଅସନ୍ତୋଷକୁ ଜାଳି ସାରିଛି। ଯାହାର ପ୍ରତିଫଳନ ଜିଲ୍ଲା ପରିଷଦ ବୈଠକରେ ପ୍ରତିଫଳିତ ହେବ ବୋଲି ସୂଚନା ମିଳିଛି। ଅନେକ ନିର୍ବାଚିତ ପ୍ରତିନିଧି ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଖପ୍ପା ହୋଇ ରହିଛନ୍ତି। ଜିଲ୍ଲା ପରିଷଦ ବୈଠକ ସୁରୁଖୁରରେ ଅନୁଷ୍ଠିତ ହେବ ନାଁ କେଁ ସୃଷ୍ଟି ହେବ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

**କାର୍ଯ୍ୟକାରୀ ହୋଇନି ଜିଲ୍ଲାପାଳଙ୍କ ସମୀକ୍ଷା**

● ନୂଆ ରୂପରେ ସଜେଇ ହେଉଛି ରାମସାଗର ପାର୍କ

## ବୋଟିଂ, କାଫେ ମଜା ନେବେ ପର୍ଯ୍ୟଟକ



ଓଡ଼ଗାଁ,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ରାମ ସାଗର ପୁଷ୍କରିଣୀ ପାଶ୍ୱର୍ରେ ଥିବା ରାମସାଗର ପାର୍କ ଏବେ ପର୍ଯ୍ୟଟକ ତଥା ସ୍ଥାନୀୟ ଦର୍ଶକଙ୍କ ପାଇଁ ନୂଆ ରୁପରେ ସଜେଇ ହେଉଛି। ବହୁ ଐତିହ୍ୟ ସମ୍ପନ୍ନ ଅନନ୍ୟ ବିଷ୍ଣୁକ୍ଷେତ୍ର ତଥା ଗୁପ୍ତ ଅଯୋଧ୍ୟା ଅଧିଶ୍ୱର ଓଡ଼ଗାଁ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ୧୨ ମାସରେ ୧୩ ପର୍ବ ଅନୁଷ୍ଠିତ ହେଉଥିବା ବେଳେ ବର୍ଷର ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ପର୍ଯ୍ୟଟକଙ୍କ ଗତାଗତ ଲାଗି ରହିଥାଏ। ସେମାନଙ୍କୁ ଅଧିକ ଆକୃଷ୍ଟ ତଥା ଅଧିକ ସମୟ ଧରି ରଖିବା ପାଇଁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ପରିକଳ୍ପନା ଏବଂ ପ୍ରଶାସନିକ ସହଯୋଗରେ ଆବର୍ଜନାମୟ ଅବ୍ୟବହୃତ ନାଣ୍ଡି ପୋଖରୀ ଜିଲ୍ଲାର ଏକ ଉନ୍ନତ ପାର୍କ ଭାବେ ପରିଗଣିତ ହୋଇପାରିଛି। ପର୍ଯ୍ୟଟନର ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପର୍ଯ୍ୟଟକ ମାନଙ୍କ ନିମନ୍ତେ ପାର୍କକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଖରାପ୍ ଲାଇଟ୍ ଗୁଡ଼ିକୁ ସଜାଡ଼ିବା ସହିତ ଅଧିକ ଆଲୋକର ବ୍ୟବସ୍ଥା କରାଯାଇଛି। ଜଳକ୍ରୀଡ଼ାର ମଜା ଉଠାଇବା ପାଇଁ ଲାଇଫ୍ ଜ୍ୟାକେଟ ସହ ଗୋଟିଏ ମୋଟର ବୋଟ ଏବଂ ୬ ଗୋଟି ପେଡାଲ ବୋଟର ବ୍ୟବସ୍ଥା ହୋଇଛି। ପାର୍କ ମଧ୍ୟରେ ନିର୍ମାଣ ଦୁଇଟି ସେଲିବ୍ରେସନ ପଏଣ୍ଟକୁ ଜନ୍ମଦିନ ଏବଂ ଆନିଭର୍ସରୀ ପାଳନ ପାଇଁ ଅଧିକ ଆକର୍ଷଣୀୟ କରାଯାଇଛି। ପାର୍କ ମଧ୍ୟରେ ନିର୍ମିତ ସ୍ନାକ୍ସଷ୍ଟଲରେ ଥଣ୍ଡା ପାନୀୟ, ଚା' କଫି ସହ ବିଭିନ୍ନ ସ୍ନାକ୍ସ ପର୍ଯ୍ୟଟକଙ୍କୁ ସହଜରେ ମିଳିପାରିବ। ବିଶେଷ କରି ସନ୍ଧ୍ୟାରେ ମ୍ୟୁଜିକ୍ ଫାଉଣ୍ଟେନ ଓ ସୁମଧୁର ସଙ୍ଗୀତ ସମସ୍ତଙ୍କ ମନରେ ଆନନ୍ଦ ଭରିଦେବ। ଏଥିସହିତ ଓଡ଼ଗାଁର ଚତୁଃପାଶ୍ୱର୍ରେ ରହିଥିବା ବୁଡାବୁଆଣୀ ଡ୍ୟାମ, ବରକନ୍ୟା ଝରଣା, ବୈଷ୍ଣୋଦେବୀ ମନ୍ଦିର ଦର୍ଶନ କରି ରଘୁନାଥଙ୍କ ସନ୍ଧ୍ୟା ଆଳତି ଦର୍ଶନ କରିବା ପୂର୍ବରୁ ପର୍ଯ୍ୟଟକଙ୍କ ମନରେ ରାମ ସାଗର ପାର୍କ ଅନେକ ମନୋରଞ୍ଜନ ଭରିଦେବ ବୋଲି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା କହିଛନ୍ତି।

## ସିଧାମୂଳାରେ ସ୍ୱାସ୍ଥ୍ୟସେବା ଶିବିର

ଖଣ୍ଡପଡା,୧୧।୧୧(ସମିସ): ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭେଷଜ ଡା. ଅଭିଜିତ ଦଳାଇ, ଡା. କୃଷ୍ଣଚନ୍ଦ୍ର ଜେନା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ରିମଝିମ ଗୁପ୍ତା, ଅସ୍ଥିଶଲ୍ୟ ବିଶେଷଜ୍ଞ ଦୀପୁନ ମିଶ୍ର, ଚକ୍ଷୁ ଚିକିତ୍ସକ ଡା ନିକିତା ଦାଶ, ନାସା, ଗଳା ଓ କର୍ଣ୍ଣ ବିଭାଗ ଡା.ରାକେଶ କୁମାର ଗିରି, ଡା ରଣଜିତ ପଣ୍ଡା, ଦାନ୍ତ ବିଭାଗ ଡା. ସୁରଜ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ। ପ୍ରଫେସର ସତ୍ୟବ୍ରତ ଦାସ, ପୂର୍ଣ୍ଣିମା ରାଉତ, ଫାର୍ମାସିଷ୍ଟ ଜ୍ୟୋତିରଞ୍ଜନ ବେହେରା ଓ ଅଭିଜିତ ନାୟକ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଯୁବ ସମାଜସେବୀ ସତ୍ୟଜିତ ରାଉତ, ପ୍ରଦୀପ କୁମାର ପଣ୍ଡା, ଖଲିଲ ସାହା, ପ୍ରଶାନ୍ତ କୁମାରଙ୍କ ପ୍ରଚେଷ୍ଟାକ୍ରମେ ସ୍ୱାସ୍ଥ୍ୟସେବା ଶିବିରଟି ସୁଚାରୁ ରୁପେ ଶେଷ ହୋଇଥିବା ଜଣାପଡିଛି। ପ୍ରକାଶଥାଉକି ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ୪୦୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଜଣାପଡିଛି।

### ବନମାଳିପୁର-ଖଣ୍ଡପଡ଼ା ରାସ୍ତା ଶୋଚନୀୟ

# ନିମ୍ନମାନର କାମ କରି ଠିକାଦାର ଛୁ'

**ରାସ୍ତା ସଂପ୍ରସାରଣ ନିମନ୍ତେ ଦାବି**

ଖଣ୍ଡପଡ଼ା,୧୧।୧୧(ସମିସ)

ଖଣ୍ଡପଡ଼ା ବ୍ଲକ କାଚରାସାହି ଛକରୁ ଭାୟା ବନମାଳିପୁର ଓ ପଥୁରିଆ ଗ୍ରାମ ଦେଇ ଯାଇଥିବା ରାସ୍ତାର ଶୋଚନୀୟ ଅବସ୍ଥାକୁ ଦୃଷ୍ଟି ଦେବାକୁ ବିଭାଗୀୟ ପ୍ରଶାସନ ନିକଟରେ ଅଞ୍ଚଳବାସୀ ପୂର୍ବରୁ ବହୁବାର ଦାବି କରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗର ନିଦ ଭାଙ୍ଗିବା ସହିତ କିଛି ମାସ ତଳେ କାଚରାସାହି ଛକ ପଟୁ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଠିକାଦାର ଓ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ମନମାନୀ ଯୋଗୁଁ କାମ ନିମ୍ନମାନର ହେଇଥିବା ସ୍ଥାନୀୟ ଜନପ୍ରତିନିଧି ଓ



ସାଧାରଣ ଜନତା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ବଜୁରି ଓ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଅଣଓସାରିଆ ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହନ ଗୁଡ଼ିକ ଚଳାଚଳ କରୁଛି। କୁସୁମୀ ନଦୀ ଉପରେ ନୂତନ ସେତୁ ନିର୍ମାଣ ହେବା ପରେ ଉକ୍ତ ରାସ୍ତା ଦେଇ ଖଣ୍ଡପଡ଼ା ସହର ଓ ଖଳିସାହି ଦେଇ ଦଶପଲ୍ଲା ଓ କଣ୍ଟିଲୋ ଅଞ୍ଚଳକୁ ସଡ଼କ ପଥରେ ଗମନାଗମନର ସୁଯୋଗ ସୃଷ୍ଟି ହୋଇଛି। ଦୂରତ୍ୱ କମ ଦୃଷ୍ଟିରୁ ଯାନବାହନ ଗୁଡ଼ିକ ବନମାଳିପୁର ଓ ପଥୁରିଆ ଗ୍ରାମ ଦେଇ କୁସୁମୀ ସେତୁ ଉପରେ ଯାତାୟାତ କରୁଥିବା ବେଳେ ଅଣଓସାରିଆ ରାସ୍ତା ଯୋଗୁଁ ଭାରୀଯାନ ଗୁଡ଼ିକ ଏହି ରାସ୍ତା ଦେଇ ଯିବା ଆସିବା ନିମନ୍ତେ ଉଚିତ ମଣୁନଥିବା ଜଣାପଡ଼ିଛି। ତେଣୁ ଉକ୍ତ ରାସ୍ତାର ଉନ୍ନତି କରଣ ସହ ପ୍ରଶସ୍ତିକରଣ ନିମନ୍ତେ ଦାବି ହେଉଥିଲେ ହେଁ ଗ୍ରାମ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଧର୍ମକୁ ଆଖିଠାର ସଦୃଶ କାର୍ଯ୍ୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା-ବନମାଳିପୁର ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୬ ଅଗଷ୍ଟ ୨୦୧୯ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇ ୨୫ ମଇ ୨୦୨୦ ମସିହାରେ ଶେଷ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ରାସ୍ତା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ଥିବା ବେଳେ ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୨୦୧୯ ରୁ ୨୦୨୪/୨୫ ପାଇଁ ମଧ୍ୟ ଲକ୍ଷାଧିକ ଟଙ୍କା ରଖାଯାଇଥିଲା। ମାତ୍ର ସେସବୁ ଅର୍ଥ କୁ ସଠିକ ଭାବରେ ବିନିଯୋଗ ହୋଇନଥିବା ଅଂଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଉକ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ରାସ୍ତାର ସଂପ୍ରସାରଣ ନିମନ୍ତେ ଦାବି ହୋଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଣପୁର,୧୧।୧୧(ସମିସ): ବାଣପୁର ଥାନା ଅନ୍ତର୍ଗତ ଅଚ୍ୟୁତରାଜପୁର ଶାସନ ଗ୍ରାମରେ ଜଣେ ମହିଳା କୌଣସି କାରଣରୁ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଅଚ୍ୟୁତରାଜପୁର ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ଝିଅ ବର୍ଷା ପ୍ରଧାନ (୨୩) ବୋଲି ଜଣାପଡ଼ିଛି। ଘଟଣା ପ୍ରଘଟ ହେବାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଅଚ୍ୟୁତରାଜପୁର ଗ୍ରାମର ବର୍ଷା ୫ ବର୍ଷ ପୂର୍ବେ ସେହି ଗ୍ରାମର ପୃଥ୍ୱୀରାଜ ଦଳେଇଙ୍କୁ ବିବାହ କରିଥିଲେ। ଶାଶୂଘରେ ଥିବାବେଳେ ବର୍ଷା କୌଣସି କାରଣବଶତଃ ନିଜର ମାନସିକ ଭାରସାମ୍ୟ ହରାଇ ବେକରେ ଲୁଗା ବାନ୍ଧି ପଙ୍ଖାରେ ଝୁଲିପଡ଼ି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଜାଣିବା ପରେ ବର୍ଷାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଅଭିଯୋଗ ପାଇ ପୁଲିସ ବାଣପୁର ଥାନା କେସ୍ ନଂ ୧୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଅବ୍ୟାହତ ରଖିଛି।

## ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ

ଜଟଣୀ,୧୧।୧୧(ସମିସ): ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍ ଓ ବାଲୁଗାଁ ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ କରିଛି ପୁଲିସ। ଖୋର୍ଦ୍ଧା ରୋଡ୍‌ରୁ ଗଞ୍ଜେଇ ଜବତ ଘଟଣାରେ ବେପାରୀ ଖସି ଯାଇଥିବାବେଳେ ବାଲୁଗାଁ ଷ୍ଟେସନ୍‌ରୁ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟର ନନ୍ଦ କିଶୋର ଠାକୁର (୨୮) ଓ ଗଞ୍ଜାମ ବେଗୁନିଆପଡ଼ାର ଦେବେନ୍ଦ୍ର ସାହୁ (୩୫)। ସେମାନଙ୍କଠାରୁ ୧୦ କିଲୋ ୧୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଥିବାବେଳେ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍‌ରୁ ୬ କିଲୋ ୧୫୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି ପୁଲିସ।

ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍‌ର ୨ ନମ୍ବର ପ୍ଲାଟ୍‌ଫର୍ମରେ ଏକ ବସ୍ତା ଦୀର୍ଘ ସମୟ ଧରି ଥୁଆ ହୋଇଥିଲା। ପୁଲିସ ସନ୍ଦେହରେ ଯାଞ୍ଚ କରିବାରୁ ବସ୍ତାରେ ଗଞ୍ଜେଇ ଥିବା ଜାଣି ଜବତ କରିଥିଲା। ସେହିପରି ବାଲୁଗାଁ ରେଳ ଷ୍ଟେସନ୍‌ର ୧ ନମ୍ବର ପ୍ଲାଟ୍‌ଫର୍ମରେ ଦୁଇ ଅଭିଯୁକ୍ତ ଏକ ଟ୍ରଲି ବ୍ୟାଗ୍‌ରେ ଗଞ୍ଜେଇ ଧରି ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ପୁଲିସ ସନ୍ଦେହ କରି ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଜାଣି ଉଭୟଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତେବେ ସେମାନେ ଗଞ୍ଜେଇକୁ ଆନ୍ଧ୍ରପ୍ରଦେଶ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ହେବ ବୋଲି ପୁଲିସ ଅନୁମାନ କରୁଛି। ଏ ନେଇ ଖୋର୍ଦ୍ଧା ରୋଡ୍ ଜିଆର୍‌ପି ଥାନାରେ ୧୪୧/୨୫ ଓ ୧୪୨/୨୫ରେ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବ୍ରାଉନ୍‌ସୁଗର ଜବତ, ଦୁଇ ବେପାରୀ ଗିରଫ



ଜଟଣୀ,୧୧।୧୧(ସମିସ): ଜଟଣୀ ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗର ବିକ୍ରି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଦ୍ୱୟ ହେଲେ ଜଟଣୀ ମୁଣ୍ଡିଆସାହିର ଏସ୍‌କେ ସାହାବୁଦ୍ଦିନ୍ ଓରଫ ବାବୁ (୪୦) ଓ ଏସ୍‌କେ ସାମସୁଦ୍ଦିନ୍ ଓରଫ ଚାନ୍ଦ (୨୯)। ସେମାନଙ୍କ ନିକଟରୁ ୧୫ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଓ ଗୋଟିଏ ସ୍କୁଟି ଜବତ କରିଛି ପୁଲିସ। ତେବେ ଦୁଇ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଜଟଣୀ ଖୁଦୁପୁର ଛକ ନିକଟରେ ଅନେକ ଦିନ ହେଲା ବେଆଇନ ଭାବେ ବ୍ରାଉନ୍‌ସୁଗର ବିକ୍ରି ଓ ସେବନ ଚାଲିଥିଲା। ସୋମବାର ସନ୍ଧ୍ୟାରେ ଦୁଇ ଅଭିଯୁକ୍ତ ଏକ ସ୍କୁଟିରେ ବ୍ରାଉନ୍‌ସୁଗର ରଖି ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିଲେ। ଖବର ପାଇ ପୁଲିସର ଏକ ଟିମ୍ ଅତର୍କିତ ଚଢ଼ଉ କରି ଘଟଣାସ୍ଥଳରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଯାଞ୍ଚବେଳେ ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗର ଜବତ ହୋଇଥିଲା। ତେବେ ଅଧିକ ପଚରାଉଚରା ବେଳେ ସେମାନେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗର ଆଣି ଜଟଣୀରେ ଦୀର୍ଘ ଦିନ ହେଲା ବିକ୍ରି କରି ଆସୁଥିବା କହିଥିଲେ। ଏ ନେଇ ଥାନାରେ କେସ୍ ନଂ ୫୧୩/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି ପୁଲିସ। ଅନ୍ୟପଟେ ଉଭୟେ ପେସାଦାର ଅପରାଧୀ ହୋଇଥିବାବେଳେ ଅଭିଯୁକ୍ତ ବାବୁ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୨୮ଟି ଓ ଚାନ୍ଦ ନାଁରେ ୪ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ତହସିଲ୍‌ରେ କିରାଣିଙ୍କୁ ମାଡ଼ମାରି ମଦ୍ୟପ ଯୁବକ ଗିରଫ

ଟାଙ୍ଗୀ,୧୧।୧୧(ସମିସ): ଟାଙ୍ଗୀ ତହସିଲ୍ କାର୍ଯ୍ୟାଳୟ ପରିସରରେ ଜଣେ ମଦ୍ୟପ ଯୁବକ ଏକାଧିକ କର୍ମଚାରୀଙ୍କୁ ଅସଦ୍ ବ୍ୟବହାର କରିବା ସହ ମାଡ଼ ମାରିବା ଘଟଣାରେ ଟାଙ୍ଗୀ ତହସିଲ୍‌ଦାରଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ଜଣକ ହେଲେ ଚନ୍ଦନ ବଳିୟାରସିଂହ।

ଘଟଣାରୁ ପ୍ରକାଶ ଯେ, ଚନ୍ଦନ ବଳିୟାରସିଂହ ନାମକ ଜଣେ ଯୁବକ ମଙ୍ଗଳବାର ଟାଙ୍ଗୀ ତହସିଲ୍ କାର୍ଯ୍ୟାଳୟକୁ ଆସି ଜଣେ ଭିନ୍ନକ୍ଷମ ସହକାରୀ କିରଣ ସଂଗ୍ରାମ ପରିଡ଼ାଙ୍କୁ ତାଙ୍କ ପ୍ରକୋଷ୍ଠରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ କାନ ମୋଡ଼ି ମାର୍‌ଧର କରିଥିଲେ। ଏହି ଯୁବକ ମଦ୍ୟପାନ କରି ମୁଖ୍ୟ କିରାଣି ଦୁର୍ଗାପ୍ରସାଦ ସାମନ୍ତରାୟଙ୍କୁ ମଧ ମଦ ନିଶାରେ ଧକ୍କା ମାରିବାକୁ ପଛାଇ ନ ଥିବାବେଳେ ପିଅନଙ୍କୁ ମଧ ଅଶାଳୀନ ବ୍ୟବହାର କରି ତହସିଲ୍ କାର୍ଯ୍ୟାଳୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲେ। ଟାଙ୍ଗୀ ତହସିଲ୍‌ଦାର ନିଷ୍ଠା ମହାପାତ୍ରଙ୍କ ଲିଖିତ ଅଭିଯୋଗ ପରେ ଟାଙ୍ଗୀ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମାଡ଼ ମାରିବା ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବାରୁ ପୃଥକ୍ ପୃଥକ୍ ଦୁଇଟି ମୋକଦ୍ଦମା ରୁଜୁ କରାଯିବ ବୋଲି ଆଇଆଇସି ରବିନ୍ଦ୍ର କୁମାର ଭୂଜବଳ ସୂଚନା ଦେଇଛନ୍ତି। ତେବେ ସମ୍ପୃକ୍ତ ଯୁବକ ଲିଗାଲ୍ ହେୟାର ସାର୍ଟିଫିକେଟ୍ ସଂଶୋଧନ ସମ୍ପର୍କରେ ଟାଙ୍ଗୀ ତହସିଲ୍ କାର୍ଯ୍ୟାଳୟ ଆସି ବିଫଳ ହେବା, ସଂଶୋଧନ ପାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲେ ମଧ ତାହା ନ କରି ତହସିଲ୍ କାର୍ଯ୍ୟାଳୟରେ ଉନ୍ମତ୍ତ କାଣ୍ଡ ଭିଆଇଥିବା ତହସିଲ୍‌ଦାର ନିଷ୍ଠା ମହାପାତ୍ର ସୂଚନା ଦେଇଛନ୍ତି।

### ଡୁମୁରାପୁଟ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

# ଚୌକି, ଟେବୁଲ ବୋହିଲେ ଛାତ୍ରଛାତ୍ରୀ





ବାଣପୁର,୧୧।୧୧(ସମିସ)

ବାଣପୁର ବ୍ଲକ୍ ଅନ୍ତର୍ଗତ ଡୁମୁରାପୁଟ ଶାସନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରାମ ପଞ୍ଚାୟତସ୍ତରୀୟ ସେବା ସମାଧାନ ସଚେତନତା ତଥା ଜନ ଅଭିଯୋଗ ଶୁଣାଣି ଶିବିର ଡୁମୁରାପୁଟସ୍ଥିତ ଶାଳିଆ ବିଦ୍ୟାନିକେତନ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ୱାସ୍ଥ୍ୟ, ଭତ୍ତା, ରାସନ କାର୍ଡ, ଆଧାର, ପାଣି, ହରିଶ୍ଚନ୍ଦ୍ର ଯୋଜନା, ବିଦ୍ୟୁତ୍, ଗୃହ ଆଦି ସମ୍ବନ୍ଧୀୟ ମୋଟ୍ ୨୫ଟି ଅଭିଯୋଗ ଆସିଥିଲା। ଉକ୍ତ ଶିବିରରେ ସ୍ୱାସ୍ଥ୍ୟ, ମତ୍ସ୍ୟ, ପଶୁ ପାଳନ, ଖାଦ୍ୟ ସୁରକ୍ଷା, ଶିକ୍ଷା, ରାଜସ୍ୱ, କୃଷି, ପାନୀୟ ଜଳ ଓ ପରିମଳ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ହେଲେ ଦୁଃଖ ଓ ପରିତାପର ବିଷୟ ଉକ୍ତ ଶିବିରରେ ବାଣପୁର ପ୍ରଶାସନର ବରିଷ୍ଠ ଅଧିକାରୀ, ବିଡିଓ ଏବଂ ତହସିଲ୍‌ଦାରଙ୍କ ସମେତ ଅନେକ ଅଧିକାରୀ ଉପସ୍ଥିତ ରହିଥିବାବେଳେ ମଞ୍ଚସଜ୍ଜା, ଅତିଥି, ଅଭିଯୋଗକାରୀଙ୍କ ବସିବା ପାଇଁ ଆସିଥିବା ଚୌକି, ଟେବୁଲ୍ ସବୁକୁ ଉକ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ବୋହି ନେଉଥିବାର ଦେଖିବାକୁ ମିଳିଥିଲା।

ଏଠାରେ ପ୍ରଶ୍ନ ଉଠୁଛି ଯେ, ପ୍ରଶାସନ ବିଭିନ୍ନ ପଞ୍ଚାୟତରେ ବେଶ୍ ଯାକଯମକରେ ଏହି 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନ୍ତର୍ଗତ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରମାନ ଆୟୋଜନ କରୁଥିବାବେଳେ ବହୁ ଅର୍ଥ ବ୍ୟୟ କରୁଛି। ହେଲେ ଚୌକି, ଟେବୁଲ ବୋହିବା ପାଇଁ ମାତ୍ର କିଛି ପରିମାଣର ସାମାନ୍ୟ ଅର୍ଥ ଖର୍ଚ୍ଚ କରିବାକୁ ଅସମର୍ଥ ହେଉଛି ଯେ, ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସୁଥିବା କୋମଳମତି ଛାତ୍ରଛାତ୍ରୀଙ୍କୁ ଲଗାଇ ଚୌକି, ଟେବୁଲ ବୋହିବା କେତେଦୂର ସମୀଚନ। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଅଭିଭାବକ ମହଲରେ ଅସନ୍ତୋଷ ପରିଲକ୍ଷିତ ହୋଇଛି।

## ଓସ୍ତପୁର-କୋଟପଲା ଗୋଷ୍ଠୀ ସଂଘର୍ଷ ଘଟଣାରେ ୬ କୋର୍ଟଚାଲାଣ

ବେଗୁନିଆ,୧୧।୧୧(ସମିସ): ବେଗୁନିଆ ବ୍ଲକ୍ ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର-କୋଟପଲା ଗ୍ରାମରେ ବଜାରରେ ଲାଗିଥିବା ନାମଫଳକ କେହି ଦୁର୍ବୃତ୍ତ ନେଇଯାଇଥିବାରୁ ଗତ ୫ ତାରିଖରେ ଉଭୟ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ବାଘମାରୀ ପୁଲିସ ପୂର୍ବରୁ ୧୨ ଜଣଙ୍କୁ ଗିରଫ କରିଥିବାବେଳେ ଦୁଇ ଦିନ ମଧ୍ୟରେ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

ବେଗୁନିଆ,୧୧।୧୧(ସମିସ): ବେଗୁନିଆ ବ୍ଲକ୍ ବାଘମାରୀ ଥାନା ଅନ୍ତର୍ଗତ ସିମୋର ଗ୍ରାମର ପ୍ରଶାନ୍ତ ବେହେରା (୫୨) ମଙ୍ଗଳବାର ପୂର୍ବାହ୍ଣରେ ଫୁଲ ତୋଳିବାକୁ ଯାଇ ଘରକୁ ଫେରି ନ ଥିଲେ। ସେ ବହୁ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିବାବେଳେ ସ୍ଥାନୀୟ ପଞ୍ଚୁଦୋଳ ପଡ଼ିଆ ନିକଟରେ ଥିବା ପୋଖରୀ କୂଳରେ ନିତ୍ୟ ବ୍ୟବହୃତ କିଛି ସାମଗ୍ରୀ ପଡ଼ିଥିବାର ଦେଖିବାକୁ ପାଇଥିଲେ। ପରେ ସନ୍ଦେହ ହେବାରୁ ପୋଖରୀ ଭିତରେ ଖୋଜିବାରୁ ତାଙ୍କ ମୃତ ଦେଖିବାକୁ ମିଳିଥିଲା। ପରେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଉପନିରୀକ୍ଷକ ବିଶ୍ୱରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିଥିଲେ।

## ୩୪ ଲିଟର ଦେଶୀ ମଦ ଜବତ, ୨ ମହିଳା ଗିରଫ

ବେଗୁନିଆ,୧୧।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ମିତ୍ରବିନ୍ଦା ପରିଡ଼ାଙ୍କ ନେତୃତ୍ୱରେ ମଦ ଧରପଗଡ଼ କରାଯାଇଛି। ବେଗୁନିଆ ଓ ମାଣିକାଗୋଡ଼ାରେ ଚଢ଼ଉ କରାଯାଇ ୩୪ ଲିଟର ଦେଶୀ ମଦ ଜବତ ସହ ୨ ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ସହକାରୀ ନିରୀକ୍ଷକ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ, ସୋମବାର ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ମାଣିକାଗୋଡ଼ା ଗ୍ରାମର ମଞ୍ଜୁ ପ୍ରଧାନଙ୍କଠାରୁ ୨୫ ଲିଟର ଓ ବେଗୁନିଆ ରୂପାଲି ସାହୁଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ ସହ ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା



ନିରାକାରପୁର,୧୧।୧୧(ସମିସ): ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ମାଧ୍ୟମରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ନିରାକାରପୁର, ଜଂକିଆ ଓ ସିକୋ ଅଞ୍ଚଳରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା ସାଇବର ସୁରକ୍ଷା ଅଧିକାରିଣୀ ଇନ୍ସପେକ୍ଟର ସୁଚିତ୍ରା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବ କଳାକାରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଇବର ଠକେଇରୁ କିପରି ଦୂରେଇ ରହିବ ସେ ବିଷୟରେ ବୁଝାଇ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ନିରାକାରପୁରରେ ଆଇଆଇସି ବିଶ୍ୱଜିତ୍ ରାଉତରାୟ, ଏଏସ୍‌ଆଇ ଏସ୍‌କେ ବେହେରା, ମିନତୀ ମଲ୍ଲିକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଇନ୍ସପେକ୍ଟର ସୁଚିତ୍ରା ଜେନା ଡିଜିଟାଲ ଆରେଷ୍ଟ, ନିବେଶ ଓ ଟ୍ରେଡ଼ିଂ, ପାର୍ସଲ୍ ଓ କଷ୍ଟମ୍, ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ ଓ ତତ୍କାଳ କ୍ରେଡିଟ୍, ନକଲି ପରିଚୟ ଓ ଓଟିପି, ଚାକିରି ଓ ଘରୁ କାମ କରିବା, ଇ-କମର୍ସ ଓ ଅଫର୍ ଭଳି ଲୋଭନୀୟ ଠକେଇରେ ନ ପଡ଼ିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜଂକିଆ ଓ ସିକୋ ଅଞ୍ଚଳରେ ସ୍ଥାନୀୟ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଂକିଆ ଆଇଆଇସି ସୁଶାନ୍ତ କୁମାର ବେହେରା ଓ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁଲିସ ପକ୍ଷରୁ ସାଧାରଣ ଜନତାଙ୍କୁ ଠକେଇରେ ନ ପଡ଼ିବାକୁ ଶପଥପାଠ କରାଯାଇଥିବା ବେଳେ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା।

## ହରିଶ୍ୱରଦେବ ଧନ୍ଦାମୂଳକ କଲେଜରେ ଏନ୍‌ଏସ୍‌ଏସ୍ ଶିବିର



କୃଷ୍ଣପ୍ରସାଦ,୧୧।୧୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପଣଷପଦା ହରିଶ୍ୱରଦେବ ଧନ୍ଦାମୂଳକ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ର ସ୍ୱତନ୍ତ୍ର ସେବା ଶିବିର ଗତ ୭ ତାରିଖରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ପଣଷପଦା ଗ୍ରାମ୍ୟ ମୁଖ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମେରୁଧର ଦଳାଇ ଯୋଗଦେଇଥିଲେ। ସୋମବାର ୪ର୍ଥ ଦିନରେ ପୁରୀ ଜିଲ୍ଲା ଏନ୍‌ଏସ୍‌ଏସ୍‌ର ପ୍ରାକ୍ତନ ସଂଯୋଜକ ସୁକାନ୍ତ କୁମାର ମହାନ୍ତି ଯୋଗଦେଇ ପିଲାମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏଥିରେ ଛାତ୍ରଛାତ୍ରୀ ମିଶି ୧୦୦ ଜଣ ଭାଗନେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅଞ୍ଜଳୀ ପ୍ରଧାନ, ପୁରୀ ଜିଲ୍ଲା ସଂଯୋଜକ ଡ. ଗୋଲକ ବିହାରୀ ପଲାଇ, ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁନାରାୟଣ ମହାନ୍ତି, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ୧୭ରୁ ଜିଲ୍ଲାରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ



ଖୋର୍ଦ୍ଧା,୧୧।୧୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ନିମନ୍ତେ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ଆସନ୍ତା ୧୭ ରୁ ୩୦ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ବିଭାଗ ବୈଠକରେ ଆଲୋଚନା କରାଯାଇଛି। ଡା. ରାୟ କୁଷ୍ଠ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଯେଉଁ ବ୍ୟକ୍ତିଙ୍କୁ କୁଷ୍ଠ ରୋଗ ହୋଇଛି ତାଙ୍କ ପରିବାର ବର୍ଗ ଏମ୍‌ଡିଟି ବଟିକା ଥରେ ଖାଇଲେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ ଏବଂ ୯୯ ପ୍ରତିଶତ ଜୀବାଣୁ ମରିଯାଆନ୍ତି। ଫଳରେ କୁଷ୍ଠ ରୋଗ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ମାତ୍ରାରେ ଏଡ଼ାଇ ଦିଆଯାଇପାରିବ। ଏହି ରୋଗ ବଂଶଗତ ନୁହେଁ, ଏହା ଏକ ବାୟୁବାହିତ ରୋଗ। ବ୍ୟକ୍ତି କୁଷ୍ଠ ରୋଗରେ ସଂକ୍ରମିତ ହେଲେ ଏମ୍‌ଡିଟି ଔଷଧ ଖାଇବା ଓ ଡାକ୍ତରୀ ପରାମର୍ଶ ନେବା ବାଞ୍ଛନୀୟ। ରୋଗୀ ଯଦି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ନ କରନ୍ତି ତେବେ ଧୀରେ ଧୀରେ ଆଙ୍ଗୁଠି ବଙ୍କା ହୋଇ ଛିଡ଼ି ପଡ଼େ, ମୁହଁ ଅସୁନ୍ଦର ଦେଖାଯାଏ। ଯଦି ଔଷଧ ଠିକ୍ ସମୟରେ ନ ଖାଆନ୍ତି ତେବେ ବ୍ୟକ୍ତିଙ୍କୁ ଏହି ରୋଗ ମାଡ଼ିମାଡ଼ି ଚାଲିଥାଏ ବୋଲି କହିଥିଲେ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡା. ସୌମ୍ୟକାନ୍ତ ସତ୍ୟସୁନ୍ଦର କୁଷ୍ଠ ରୋଗର ସଂକ୍ରମଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ କରିବା ସହ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା କୁଷ୍ଠ ସେବା ସ୍ୱାସ୍ଥ୍ୟ ନିରୀକ୍ଷକ ସୁନୀଲ ଦତ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କାର୍ଯ୍ୟାନ୍ୱୟନ ବିଭାଗୀୟ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ବରିଷ୍ଠ ଡାକ୍ତରୀ ବିଶେଷଜ୍ଞ, ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସର, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ, ପରିଦର୍ଶିକା ପ୍ରମୁଖ ଯୋଗଦେଇଥିଲେ।

## ୧୦ କେଜି ଗଞ୍ଜେଇ, ଜଣେ ଗିରଫ



ଟାଙ୍ଗୀ,୧୧।୧୧(ସମିସ): ଟାଙ୍ଗୀ ଅବକାରୀ ବିଭାଗ ସଦଳବଳେ ଚଢ଼ଉ କରି ୧୬ନଂ ଜାତୀୟ ରାଜପଥଠାରୁ ଟାଙ୍ଗୀ ଦୂର୍ଗାଚରଣ ଚିଲିକା ମହାବିଦ୍ୟାଳୟ ଦେଇ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଗଞ୍ଜେଇ ନେଇ ଯାଉଥିବା ବେପାରୀକୁ କାବୁ କରି ତା'ଠାରୁ ୧୦କେଜି ୨୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତିଙ୍କ ନାମ ଦିବାକର ବେହେରା। ତାଙ୍କ ଘର ପଥରବନ୍ଧ ନୂଆଗାଁ ବୋଲି ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅବକାରୀ ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ଏଏସ୍‌ଆଇ ଶମ୍ଭୁନାଥ ପାତ୍ର, ଅବକାରୀ କର୍ମଚାରୀ ମନୋଜ କୁମାର ଜୟସିଂହ, ଅନିଲ କୁମାର ପ୍ରଧାନ ଓ ଶର୍ମିଷ୍ଠା ସେଠୀ ପ୍ରମୁଖ ଏହି ଚଢ଼ଉରେ ସାମିଲ୍ ଥିଲେ। ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଚାଷଜମିରେ ବିପୁଳ କୀଟନାଶକ ବ୍ୟବହାର

# ବିଲରୁ ହଜିଗଲେଣି ମାଛ, କଙ୍କଡ଼ା

ଖୋର୍ଦ୍ଧା,୧୧।୧୧(ସମିସ)

ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ପରିବେଶ ଉପରେ ମନୁଷ୍ୟକୃତ ଅତ୍ୟାଚାର ପ୍ରଭାବରେ ଗୋଟିଏ ପରେ ଗୋଟିଏ ପ୍ରାଣୀ ଏବେ ହଜିବାକୁ ବସିଲେଣି। ଚାଷଜମିରେ ରାସାୟନିକ ସାର ଏବଂ କୀଟନାଶକର ବହୁଳ ବ୍ୟବହାର ଯୋଗୁଁ ଧାନ ବିଲରୁ ମିଳୁଥିବା ବିଭିନ୍ନ ଛୋଟ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଧୀରେ ଧୀରେ ଲୋପ୍ ପାଇବାକୁ ବସିଲେଣି। ସେହିପରି ଧାନ ବିଲରେ ପ୍ରଦୂଷିତ ପାଣି ଜୋର, ଗଡ଼ିଆ, ତୁଆ ଓ ପୋଖରୀରେ ପ୍ରବେଶ କରିବା ପରେ ସେଠାରୁ ମଧ ସମସ୍ତ ପ୍ରକାର ଦେଶୀ ମାଛ ବଂଶ ଲୋପ୍ ପାଉଥିବା କୁହାଯାଉଛି। ଯଦି ମାଟିର ପ୍ରାକୃତିକ ଗୁଣର ରକ୍ଷା ସହିତ ରାସାୟନିକ ସାର ପ୍ରୟୋଗ ଚାଷକୁ ବାରଣ କରା ନ ଯାଏ, ତେବେ ଦେଶୀ ବିଲ ମାଛ ବଂଶ ଖୁବ୍‌ଶୀଘ୍ର ଲୋପ୍ ପାଇବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କଲେଣି।



ପୂର୍ବରୁ ଗାଁ ଗଣ୍ଡାରେ ବର୍ଷାଦିନମାନଙ୍କରେ ନାଳ ବିଲ ତଥା ତୁଆ ଓ ଗଡ଼ିଆରେ ପ୍ରଚୁର ଦେଶୀ ମାଛ ମିଳୁଥିଲେ। ବିଲରେ ଜହ୍ଲା ବା ପହଣ୍ଡି କରି ପାଣି କାଟିବା ପରେ ବସିଥିବା ଖଇଁଚି ବା ବଜାରେ ଦେଶୀ ମାଛ ଧରାଯାଉଥିଲା। ସେହିପରି ଝିପିଝିପି ବର୍ଷାରେ ବିଲରେ ପ୍ରଚୁର ପରିମାଣର କଙ୍କଡ଼ା ମିଳୁଥିଲେ। ଯାହାକୁ ବିଲ କଙ୍କଡ଼ା ବୋଲି ଚାଷୀ କୁହନ୍ତି। ଏଥିସହିତ ଅତିଖାଲ ଜମି ବା ଜମିରେ ନିର୍ଦ୍ଦିଷ୍ଟ ଫେର ପାଖ ଖାଲରୁ ଭାଦ୍ରବ ମାସରେ ଭୋଦୁଅ ଚିଙ୍ଗୁଡ଼ି ମାରିବାର ମଜା ନିଆରା। କାର୍ତ୍ତିକ ଓ ମାର୍ଗଶିର ବେଳକୁ ଧାନ ପାଚି ଆସୁଥିବାରୁ ବିଲରୁ ପାଣି କଟାଯାଇ ବିଲ ମାଛ ଧରିବାରେ ଚାଷୀକୁ ଆନନ୍ଦ ମିଳିଥାଏ। ତେବେ ଦେଶୀ ମାଛ, ଚିଙ୍ଗୁଡ଼ି ଓ ବିଲ କଙ୍କଡ଼ା ଚାଷୀ ପରିବାରର ପୁଷ୍ଟିର ସମ୍ବଳ ଥିଲା। ଚାଷୀ ପରିବାର ସାଧାରଣତଃ ଏହି ମାଛ ଧରି କେହି କେହି ଖାଇଥିବାବେଳେ ଆଉ କେହି ବେପାର କରି ଦିପଇସା ରୋଜଗାର କରିଥା'ନ୍ତି। ପାଣି ଜହ୍ଲାରେ ଖଇଁଚି/ଦାନ୍ତିଆ ବସାଇ ଧରାଯାଉଥିବା ମାଛକୁ ଖଇଁଚି/ଦାନ୍ତିଆ ମାଛ କୁହାଯାଉଥିବା ବେଳେ ଗଡୁଥିବା ପାଣିରୁ ମାଛ ଧରିବାକୁ ବଜାର ବ୍ୟବହାର ଚାଷୀ କରୁଥିଲେ। ସେହିପରି ଗଡ଼ିଆ, ଛୋଟ ପୋଖରୀ ଓ ତୁଆରେ ଜମି ରହିଥିବା ପାଣିରୁ କାର୍ତ୍ତିକ ଶେଷ ତଥା ମାର୍ଗଶିର ମାସ ବେଳକୁ ଦେଶୀ ପ୍ରଜାତିର ଛୋଟ ବଡ଼ ବହୁ ପ୍ରକାରର ମାଛ ମିଳୁଥିଲା। ଏଗୁଡ଼ିକରୁ ଚାଷୀ ଫୋପଡ଼ା ଜାଲ ପ୍ରଭୃତି ସାହାଯ୍ୟରେ ମାଛ ଧରିବାରେ ମାହିର୍ ଥିଲେ। କେରାଣ୍ଡି, ମହୁରାଳି, ଜିମାଣି, ତୋଡ଼ି, ମାଗୁର, ଚେଙ୍ଗ, ଗଡ଼ିଶା, କଣ୍ଟିଆ, କଉ, ଚିଙ୍ଗୁଡ଼ି ପ୍ରଭୃତି ମାଛ ସାଙ୍ଗକୁ ବିଲ କଙ୍କଡ଼ା ପ୍ରଚୁର ପରିମାଣରେ ମିଳିଥିବାବେଳେ ଏହା ଦେଖିବା କଷ୍ଟକର ହେଲାଣି। ଏପରିକି ଧାନ ସମୟତକ ପ୍ରତି ଚାଷୀ ପରିବାରରେ ବିଲ ମାଛରେ ତରକାରୀ ମହକୁଥିବାବେଳେ ଏବେ କିନ୍ତୁ ଏହା ସାତସପନ ହେଲାଣି।

ଅଧିକ ଅମଳ ଲୋଭରେ ଚାଷୀ ଏବେ ଜମିରେ ସାର ଓ କୀଟନାଶକ ବ୍ୟବହାର କରିବା ଫଳରେ ଆଉ ବିଲ ମାଛ, କଙ୍କଡ଼ା ଦେଖାଯାଉ ନ ଥିବା କହିଛନ୍ତି ୭୫ ବର୍ଷୀୟ ମଦନ ମହାରଣା। ତାଙ୍କ କହିବା ଅନୁସାରେ, ଏହି ସମୟରେ ପୂର୍ବରୁ ବିଲ ମାଛ ବିକି କିଛି ଚାଷୀ ପରିବାର ଭଲ ରୋଜଗାର କରୁଥିଲେ। ଘରେ ଭାତ ଥିଲେ, ବିଲରୁ ମାଛ ଆଣି ତରକାରୀ ବା ଭଜା କରି ପରିବାର ଖାଇ ରହିଯାଉଥିଲେ। କେବଳ ମଣିଷ ନୁହେଁ ବରଂ ବିଲ, ଗଡ଼ିଆ ଓ ତୁଆମାନଙ୍କରୁ ମାଛରଙ୍କା ପକ୍ଷୀ, ବଗ, ପାଣିକୁଆ, ଓଧ ପ୍ରଭୃତି ପ୍ରାଣୀ ମାଛ ଖାଇ ବଞ୍ଚିଯାଉଥିଲେ। ଏହି ଖାଦ୍ୟର ଅଭାବ ଏବେ ସେମାନଙ୍କ ଜୀବନଧାରଣ ଓ ବଂଶ ରକ୍ଷା କ୍ଷେତ୍ରରେ ବି ପ୍ରଭାବ ପକାଉଥିବା କହିଛନ୍ତି।

ତେବେ ବଜାରକୁ ଏବେ ଦେଶୀମାଛ ବଦଳରେ ଆନ୍ଧ୍ର ମାଛ ଓ ହାଇବ୍ରିଡ୍ ମାଛ କବଳିତ କରିଛି। ମାତ୍ର ଦେଶୀ ମାଛର ସ୍ୱାଦ ଏଥିରେ ସବୁ ନ ଥିବା କୁହନ୍ତି ଚାଷୀ। ରାସାୟନିକ ସାର, କୀଟନାଶକ ବ୍ୟବହାର କମ୍ କରିବା ସହ ଦେଶୀ ମାଛର ସଂରକ୍ଷଣ ଓ ବଂଶ ରକ୍ଷା ଦିଗରେ ପଦକ୍ଷେପ ବିଭାଗ ପକ୍ଷରୁ ନେବା ଲାଗି ପ୍ରକୃତିପ୍ରେମୀମାନେ ଦାବି କରିଛନ୍ତି।



ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା ଅବସରରେ ଏମ୍. ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍

**ଆଜି ପ୍ରଥମାଷ୍ଟମୀ**

# ପୋରୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର

ପୁରୀ, ୧୧ା୧୧ (ସମିସ): ପ୍ରଥମାଷ୍ଟମୀରେ ପୋରୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଧବାର ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ କରାଯିବ। ପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯିବ। ଠାକୁରଙ୍କ ମଉଳା କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ନିଆଳି ମାଧବଙ୍କ ପୀଠରୁ ଗତ ପାଞ୍ଚବର୍ଷ ହେବ ପୋଡୁଆଁ ଭାର ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରୁଛି। ଏବର୍ଷ ମଧ ମାଧବଙ୍କ ପୀଠରୁ ଭାର ଆସିଛି। ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦାନ ଆକାରରେ ଗ୍ରହଣ କରିଛି।

ଅପରାହ୍ନରେ ମାଧବ ମନ୍ଦିରରୁ ଭାର ଆଣି ଆସିଥିବା ଶ୍ରଦ୍ଧାଳୁ ପୁରୀରେ ପହଞ୍ଚିଥିଲେ। ଏହି



ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ ଓ ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ, ତୁଳସୀ, ପଦ୍ମଫୁଲ ମାଳ ଆସିଛି। ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରି ଏହି ଭାର ଶ୍ରୀମନ୍ଦିରକୁ ନେଇଥିଲେ। ଆଗରେ ଭୋଇ ସେବକମାନେ ପତାକା ଧରି ଚାଲିଥିଲେ। ଢୋଲିଆ ଓ ମହୁରିଆ ମଙ୍ଗଳ ବାଦ୍ୟରେ କମ୍ପିଥିଲା

**ନିଆଳି ମାଧବ ମନ୍ଦିରରୁ ଆସିଲା ପୋରୁହାଁ ଭାର**

ପରିବେଶ। ପଛକୁ ପଛ ସଂକୀର୍ତ୍ତନ, ଲଉଡ଼ି ଖେଳ, ନୃତ୍ୟ ଆଦି ପରିବେଷଣ କରାଯାଉଥିଲା। ଏହି ସମୟରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଏହି ଭାର ରଖାଯାଇଛି। ଶ୍ରୀଶ୍ରୀମାଧବାନନ୍ଦଜୀଉ ବିକାଶ ପରିଷଦ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

# ବିଜେପି ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି: ବିଜେଡି

ଭୁବନେଶ୍ୱର,୧୧ା୧୧(ସମିସ): ବିଜେପି ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂକ୍ରାନ୍ତ ମାଲମାଲ ଅଭିଯୋଗ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଉପ ନିର୍ବାଚନରେ ଜିଲ୍ଲା ବାହାରୁ ନକଲି ଭୋଟରଙ୍କୁ ଆଣି ଭୋଟ ଦାନ କରାଇବା, ମହିଳା ଭୋଟରଙ୍କ ଭୋଟ ଅନ୍ୟ ଲୋକ ଦେବା, ଭୋଟରଙ୍କୁ ଟିଫିନ୍ ପୁଡ଼ିଆ ଦେଇ ପ୍ରଭାବିତ କରିବା ଆଦି ପ୍ରସଙ୍ଗରେ ବିଜେଡିର ପ୍ରତିନିଧିମାନେ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରିନ୍ତି।

ବିଜେଡିର ଅଭିଯୋଗ ଅନୁଯାୟୀ କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ। ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରମାନଙ୍କୁ ବିଭିନ୍ନ ବୁଥରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ; କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ



■ ପ୍ରଶାସନିକ ବିଫଳତା ପାଇଁ ବହୁ ଲୋକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ
■ ୫ କିଲୋମିଟର ଦୂରରୁ ଚାଲିଚାଲି ଆସି ବି ଦେଇପାରିଲେନି ଭୋଟ
■ ଛଡ଼ାଇ ନେଲେ ନୂଆପଡାର ଗରିବ ମହିଳାଙ୍କ ଭୋଟ ଅଧିକାର
■ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ

ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ। ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା। କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସବୁ ନୀତି, ନୈତିକତାକୁ ଜଳାଞ୍ଜଳି ଦେଇ ବିଜେପି ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି। ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ସେହିପରି ନୂଆପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଙ୍ଗାରି ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେବା ଘଟଣାକୁ ବିଜେଡି ନିନ୍ଦା କରିଛି। ଶ୍ରୀମତୀ ଛତ୍ରିଆ କେତେ ଦୂରରୁ ଚାଲି ଚାଲି କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧କୁ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ପହଞ୍ଚିଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ନିର୍ବାଚନ କର୍ମଚାରୀମାନେ ଭୋଟ ଦେବା ପାଇଁ ଅନୁମତି ଦେଇନଥିଲେ। ତାଙ୍କ ଭୋଟ ଦିଆସରିଛି ବୋଲି ଜୟନ୍ତୀଙ୍କୁ କୁହାଯାଇଥିଲା। ନିଜ ଅଧିକାର ହରାଇ ଥିବାରୁ ଶ୍ରୀମତୀ ଛତ୍ରିଆ ଗଭୀର ନିରାଶା ଓ ଦୁଃଖ ବ୍ୟକ୍ତ କରିଥିଲେ। ଏହା ଗୋଟିଏ ଘଟଣା ନୁହେଁ ବରଂ ନିର୍ବାଚନରେ ପ୍ରଶାସନର ଗମ୍ଭୀର ବିଫଳତାର ବଳିଷ୍ଠ ଉଦାହରଣ ବୋଲି ବିଜେଡି କହିଛି। ଭୋଟ ଦେବା ଅଧିକାର ଗଣତନ୍ତ୍ରର ସର୍ବପ୍ରଥମ ଅଧିକାର। କିନ୍ତୁ ନୂଆପଡ଼ାରେ ଲୋକଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ବିଜେଡି ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାର ବିଧିବଦ୍ଧ ତଦନ୍ତ କରି ଦାୟୀ ଅଧିକାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହିତ ସାରା ରାଜ୍ୟ ପାଇଁ ଉଦାହରଣ ରଖିବା ପାଇଁ ନିର୍ବାଚନ ଅଧିକାରୀ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି ଜଣାଇଛି। ବିଜେଡିର ପ୍ରତିନିଧି ଦଳରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତ୍ରମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଇଲ୍ଲା ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ଅଂଶୁ ତ୍ରିପାଠୀ ସାମିଲ ହୋଇଥିଲେ।

**କଂଗ୍ରେସ ବଟନ ଟିପିଲେ ବିଜେପିକୁ ଭୋଟ୍**

# ଉପନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: କଂଗ୍ରେସ

ଭୁବନେଶ୍ୱର,୧୧ା୧୧(ସମିସ): ନୂଆପଡ଼ାର ଉପନିର୍ବାଚନରେ ଭୋଟ ଚୋରି ନେଇ ସାଙ୍ଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଶାସକ ବିଜେପି ଶାସନ କଳ, ବଳ ଓ କୌଶଳ ଲଗାଇ ଅନୈତିକ ଉପାୟରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବୋଲି ଦଳ କହିଛି। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ମଙ୍ଗଳବାର ନୂଆପଡ଼ା ଉପନିର୍ବାଚନ ଚାଲିଥିବା ବେଳେ ଡୁମେରବାହାଲର ୩୩୯ ନମ୍ବର ବୁଥରେ ବିଜେପିକୁ ଭୋଟ ଦେବା ପାଇଁ ଟଙ୍କା ବଣ୍ଟା ଯାଉଥିଲା। କଂଗ୍ରେସର ଜଣେ କର୍ମୀଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ପୁଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ନିର୍ବାଚନ ନୀରବ ଅବଧି ସମୟ ପୂର୍ବରୁ ବାହାର ଜିଲ୍ଲାର ରାଜନୈତିକ ବ୍ୟକ୍ତି ଯିଏ କି, ଜିଲ୍ଲା ବାହାରୁ ଆସିଥିଲେ ସମସ୍ତଙ୍କୁ ବାହାର କରିଦିଆଗଲା। କିନ୍ତୁ ବିଜେପିର ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ, କର୍ମକର୍ତ୍ତାମାନେ ସେମାନେ ନିର୍ବାଚନ ମଣ୍ଡଳୀ ବୁଲି ବୁଲି ଅବାଧରେ ଟଙ୍କା ବାଣ୍ଟିଲେ।

ଏହା ବ୍ୟତୀତ ଇଭିଏମ ମେସିନରେ କଂଗ୍ରେସ ବଟମ୍ ଟିପିଲେ ବିଜେପିର ଲାଇଟ୍ ଜଳୁଛି, ଅର୍ଥାତ୍ କଂଗ୍ରେସକୁ ଭୋଟ ଦେଲେ ବିଜେପିକୁ ଯାଉଛି। ଯାହା କି ୨୫୦ ନମ୍ବର ବୁଥରେ ପ୍ରମାଣିତ ହୋଇଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ, ପ୍ରଶାସନ ସବୁ ଦେଖି ଚୁପ୍ ରହିଛି। ବିଜେପି ଦଳୀୟ କର୍ମୀ ଲୋକମାନଙ୍କୁ ବିଜେପି ଚିହ୍ନ ଲଗା ଟ୍ରାକ୍ଟରରେ ବୁଥ ମଧ୍ୟକୁ ଆଣୁଛନ୍ତି। ଜିତମିତ୍ର ହାଇସ୍କୁଲରେ ଜଣେ ମହିଳା ଭୋଟ ଦେଇ ନପାରି ଫେରିଛନ୍ତି। କାରଣ ତାଙ୍କ ଭୋଟ ଆଉ କିଏ ଦେଇଦେଇଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ବୁଥ ମଧରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପ୍ରାର୍ଥୀ ଫଟୋ ଥିବା ଚିରୁକୁଟି ବଣ୍ଟା ଯାଉଛି ବୋଲି କଂଗ୍ରେସ ଦାବି କରିଛି।

ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଲେ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ନୂଆପଡା ଉପନିର୍ବାଚନରେ ଶାସକ ଦଳ ଖୋଲାଖୋଲି ଆଚରଣ ବିଧି ଉଲଂଘନ କରିବାକୁ ବଳ ପାଉଛି। ନିର୍ବାଚନ ପ୍ରଚାର ବେଳେ ବିଜେପିର ଆଚରଣ ବିଧି ଉଲଂଘନ ବିଷୟକୁ ନେଇ ଅନେକ ଥର ତାଙ୍କୁ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭୋଟ ଚୋରୀ, ପ୍ରାର୍ଥୀ ଚୋରୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଇଭିଏମ ସିଷ୍ଟମ ଚୋରୀ ପ୍ରମାଣିତ କରୁଛି ଯେ ବିଜେପି ଭୋଟ ଚୋରୀ କରି ସରକାର ଗଢିଛି ଏବଂ ନୂଆପଡାରେ ମଧ ଭୋଟ ଚୋରୀ କରି ଜିତିବା ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

**ଅଲକଏଦା ଆତଙ୍କବାଦୀ ଲିଙ୍କ୍**

# ଅବଦୁର ରହେମାନର ଜାମିନ ଖାରଜ

କଟକ, ୧୧।୧୧(ସମିସ): ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଅବଦୁର ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ରହେମାନ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ଦୌରାଜଜ୍ ଅଦାଲତରେ ପ୍ରଥମେ ଜାମିନ ଖାରଜ ହେବାରୁ ରହେମାନ୍ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରଥିଲା। ରହେମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯାଗ ରହିଥିବା ପ୍ରସଙ୍ଗକୁ ବିଚାରକୁ ନେଇ ଜିଲ୍ଲା ଦୌରା ଅଦାଲତ ଗତ ୨୦୨୫ଜାନୁଆରି ୭ରେ ଜାମିନ ଖାରଜ କରିଥିଲେ। ପୂର୍ବରୁ ମଧ, ୨୦୨୪ ନଭେମ୍ବର ୮ରେ ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ପରେ ରହେମାନ ଜିଲ୍ଲା ଦୌରା ଅଦାଲତରେ ସାନି ଜାମିନ ଆବେଦନ କରିଥିଲା। ତାହା ଖାରଜ ହେବାରୁ ପୁଣି ହାଇକୋର୍ଟରେ ଜାମିନ ଆବେଦନ କରିଥିଲା।

ସୂଚନାଯୋଗ୍ୟ, ରହେମାନକୁ ଦିଲ୍ଲୀ ପୁଲିସ ଗତ ୨୦୧୫, ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଅଦ୍ୟାବଧି ୪୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ଜଣାପଡ଼ିଛି।

# ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ ଟ୍ରାଞ୍ଜିଟ ପରମିଟ୍ ଆବେଦନ ଅଯଥାର୍ଥ: ହାଇକୋର୍ଟ

କଟକ, ୧୧। ୧୧(ସମିସ): ଜଙ୍ଗଲ ଶ୍ରେଣୀଭୁକ୍ତ ଜମିରୁ ଗଛ କାଟିବା ନିମନ୍ତେ ଟ୍ରାଞ୍ଜିଟ୍ ପରମିଟ୍ ପାଇଁ କରାଯାଇଥିବା ଆବେଦନ ଜଙ୍ଗଲ ସଂରକ୍ଷଣ ଆଇନ ଅନୁସାରେ ଅଯଥାର୍ଥ। ବନ ସଂରକ୍ଷଣ ଆଇନର ଧାରା-୨ ଅନୁସାରେ ଏଥିପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ସ୍ୱୀକୃତି ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ଓଡ଼ିଶା ଟ୍ରାଞ୍ଜିଟ୍ ରୁଲ୍ ମଧ ଉପରୋକ୍ତ ଆଇନଗତ ଆବଶ୍ୟକତାକୁ ଅତିକ୍ରମ କରିପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅମ୍ରିତଲାଲ ସୁଡ୍‌ଙ୍କ ତରଫରୁ ରୁଜୁ ମାମଲା ଶୁଣାଣି କରିବା ସହ ଏହାକୁ ଖାରଜ କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ନୂଆପଡ଼ା ଜିଲ୍ଲା ବୋଲଦା ଅଞ୍ଚଳର ଆବେଦନକାରୀ ନିଜସ୍ୱ ଏକ ସ୍ଥିତିବାନ ଜମିରେ ଶାଗୁଆନ, ଗମ୍ଭାରୀ ଓ ଇୟୁକାଲିପଟାସ ଆଦି ଗଛ ଲଗାଇଥିଲେ। ହେଲେ ଏହି ଜମି ପରବର୍ତ୍ତୀ ସମୟରେ ଜଙ୍ଗଲ କିସମ ଶ୍ରେଣୀଭୁକ୍ତ ହୋଇଥିବାରୁ ନିଜର ଆବଶ୍ୟକତା ପାଇଁ ଏହି ଜମିରୁ ଗଛଗୁଡ଼ିକୁ କାଟି ସଫା କରିବା ପାଇଁ ଟ୍ରାଞ୍ଜିଟ୍ ପରମିଟ୍ ପ୍ରଦାନ ପାଇଁ ଆବେଦନ କରିଥିଲେ। ହେଲେ ଏହାକୁ ଖାରଜ କରିଦିଆଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ମାମଲାର ଶୁଣାଣି ବେଳେ ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। ପ୍ରକାଶଥାଉକି, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିଲା।

**ଚଉମୁଖ-ଡଗରା ବେଳାଭୂମିର ବିକାଶ ପ୍ରସଙ୍ଗ**

# ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ,୧୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଚଉମୁଖ-ଡଗରା ବେଳାଭୂମି ବିକାଶ ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସମାଜିକ କର୍ମୀ ଅନୋଜ କୁମାର ମହାପାତ୍ର ଓ ବାଲିଆପାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚଉମୁଖ-ଡଗରା ବେଳାଭୂମିର ବିକାଶ ହେବ। ଏଥିପାଇଁ ଯୋଜନା ପ୍ରସ୍ତୁତ ସହ ଜାଗା ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଉନ୍ନତୀକରଣ ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା।

ମାମଲାରୁ ପ୍ରକାଶ ଯେ ବାଲିଆପାଳ ବ୍ଲକ୍‌ର ଦୁଇ ଗାଁ ଚଉମୁଖ ଓ ଡଗରାକୁ ଲାଗି ସୁବର୍ଣ୍ଣରେଖା ନଦୀ ମୁହାଣରେ ବିସ୍ତୀର୍ଣ୍ଣ ବେଳାଭୂମି ରହିଥିବା ବେଳେ ରାଜ୍ୟ ସରକାର ୧୯୮୮ରେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିଲେ। କିନ୍ତୁ ଏଯାବତ୍ ଏହି ସ୍ଥାନର ବିକାଶ ହୋଇପାରିନାହିଁ। ପଶ୍ଚିମବଙ୍ଗ ସରକାର ଦୀଘାକୁ ବିକାଶ କରାଇଥିବାରୁ ସେଠାକୁ ହଜାର ହଜାର ପର୍ଯ୍ୟଟକ ଯାଉଛନ୍ତି ଓ ସ୍ଥାନୀୟ ଲୋକଙ୍କ ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଚଉମୁଖ-ଡଗରା ବେଳାଭୂମିକୁ ଭଲ ରାସ୍ତା ଓ ପର୍ଯ୍ୟଟକଙ୍କ ରହଣି ପାଇଁ ବ୍ୟବସ୍ଥା ଅଭାବ ଥିବାରୁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି। ବେଳାଭୂମିର ବିକାଶ ପ୍ରସଙ୍ଗରେ ଆବେଦନକାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ବାରମ୍ବାର ଦାବି କରିଥିଲେ ମଧ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀକ୍ଷା ସ୍ଥିତପ୍ରଜ୍ଞା ମାମଲା ପରିଚାଳନା କରୁଥିଲେ।

# ୩ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

## ବିଲ ଜଗିବାକୁ ଯାଉଥିବା ୨ ଚାଷୀଙ୍କୁ ଦଳିଦେଲା

ଜମନକିରା/କୁଚିଣ୍ଡା, ୧୧।୧୧ (ସମିସ): ବିଲ ଜଗିବାକୁ ଯାଉଥିବା ବେଳେ ଦନ୍ତା ଆକ୍ରମଣରେ ୨ଜଣ ଚାଷୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ସମ୍ବଲପୁର ଜିଲ୍ଲା ଜମନକିରା ଥାନା କୁତବଗାଁର ଗଙ୍ଗାରାମ ପଟେଲ(୬୩) ଏବଂ ଅନ୍ୟ ଜଣେ ଯୁଯୁମୁରା ଥାନା ଟାମ୍ପରଗଡ଼ ଗାଁର ପ୍ରଦୀପ



ଘଟୁଆଲ(୩୮)। ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ଅଭୟାରଣ୍ୟ କୁତବ ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି।

ସୂଚନାନୁଯାୟୀ, ପ୍ରଦୀପଙ୍କ ଶଶୁର ଘର କୁତବ ଗାଁରେ। ସେ ଉକ୍ତ ଗାଁର ଗଙ୍ଗାରାମଙ୍କ ଜମିକୁ ଭାଗରେ ନେଇ ଧାନଚାଷ କରିଥିଲେ। ପ୍ରଦୀପ ଓ ଗଙ୍ଗାରାମ ପ୍ରତି ସନ୍ଧ୍ୟାରେ ଉଡସରା ନିକଟସ୍ଥ ବିଲକୁ ଜଗିବାକୁ ଯାଉଥିଲେ। ସେଠାରେ ଥିବା ଏକ ଗଛ ତଳେ ନିଆଁ ଜାଳି ରାତି ସାରା ଜଗି ରହିବା ପରେ ସକାଳୁ ଘରକୁ ଫେରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଉଭୟ ବିଲ ଜଗିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ରାତିରେ ଟର୍ଚ୍ଚଲାଇଟ୍ ମାରିବାରୁ ସେହି ପାଖରେ ଥିବା ଦନ୍ତା ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଗଙ୍ଗାରାମଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କ ମୁଣ୍ଡକୁ ପାଦରେ ଦଳି ଛିନ୍ନଛତ୍ର କରି ଦେଇଥିଲା। ପରେ ତାଙ୍କ ଗୋଡ଼କୁ ଟାଣି ଫିଙ୍ଗି ଦେଇଥିଲା। ସେଠାରୁ ପ୍ରାୟ ୧୫ଫୁଟ୍ ଦୂରରେ ଟର୍ଚ୍ଚ ଲାଇଟ୍ ମାରୁଥିବା ପ୍ରଦୀପଙ୍କର ବି ସମାନ ଅବସ୍ଥା କରିଥିଲା ଦନ୍ତା। ତାଙ୍କୁ ଏକ ନାଳକୁ ଫିଙ୍ଗି ଦେଇଥିଲା।

ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁହିଁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବା ସହ ତିନିଦିନ ମଧ୍ୟରେ ଉଭୟ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର୍ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା।

## ଫୁଲ ତୋଳୁଥିବା ବୃଦ୍ଧାକୁ କଚାଡ଼ି ମାରିଲା

ରାଉରକେଲା, ୧୧ା୧୧(ସମିସ): ରାଉରକେଲା ସହରରେ ପଶିଲା ଦନ୍ତା। ମଙ୍ଗଳବାର ଭୋର୍‌ରେ ଫୁଲ ତୋଳୁଥିବା ଜଣେ ବୃଦ୍ଧାଙ୍କୁ ଏକ ଦନ୍ତାହାତୀ କଚାଡ଼ି ମାରିଦେଇଛି। ମୃତ ମହିଳାଜଣଙ୍କ ହେଲେ, କୋଏଲନଗର ସି' ବ୍ଲକ୍‌ର ପୂର୍ଣ୍ଣିମା ବସ୍ତିଆ(୭୯)। ଏହି ଘଟଣା ପରେ କୋଏଲ ନଗରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

■ ରାଉରକେଲା ସହରରେ ପଶିଲା ଦନ୍ତା
■ ଭୟଭୀତ ଅବସ୍ଥାରେ କୋଏଲ ନଗରବାସୀ

ସୂଚନାନୁଯାୟୀ, ପୂର୍ଣ୍ଣିମା ଆଜି ଭୋର୍ ସମୟରେ ଘର ସମ୍ମୁଖ ଗଛରୁ ଫୁଲ ତୋଳୁଥିବା ବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କ ଆଗକୁ ଚାଲି ଆସିଥିଲା। ସେ କିଛି ବୁଝିବା ଆଗରୁ ଦନ୍ତା ତାଙ୍କୁ କଚାଡ଼ି ଦେଇ ପଳାଇଥିଲା। ଏହା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ପ୍ରାତଃ ଭ୍ରମଣ କରୁଥିବା କିଛି ଲୋକେ ମଧ ଦନ୍ତାର ସମ୍ମୁଖୀନ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦନ୍ତା କୋଏଲ ନଦୀ ଅତିକ୍ରମ କରି ରିଉଁ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି।

ଏଭଳି ଘଟଣା ପ୍ରାୟ ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ହେବାର ନଜିର୍ ରହିଛି। ତେବେ ହାତୀ ବର୍ତ୍ତମାନ ସହର ଭିତରେ ପଶିବା ଘଟଣାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ରାସ୍ତାରେ ବିଳମ୍ବିତ ରାତିରେ ଦନ୍ତା ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାର କିଛି ସମୟ ପରେ ଡିଜେଲ କଲୋନୀ ରେଳ ଫାଟକ ଦେଇ ରେଲୱେ ୟାର୍ଡକୁ ଯାଇ ପହଞ୍ଚିଥିଲା ଦନ୍ତା ହାତୀ। ବନବିଭାଗ ପକ୍ଷରୁ ଦନ୍ତାକୁ ଜଙ୍ଗଲ ଭିତରକୁ ଘଉଡ଼ା ଯାଇଥିଲା। ପରେ ଦୁର୍ଗାପୁର ରାସ୍ତା ଦେଇ ଦନ୍ତା ଏନ୍‌ଆଇଟି ମୁଖ୍ୟ ରାସ୍ତା ହୋଇ କୋଏଲନଗର ଅଞ୍ଚଳକୁ ଯାଇଥିବା ଜଣାପଡିଛି। ଏହା ପୂର୍ବରୁ ହାତୀପଲ ବରକାନି ଗାଁରେ ଦେଖାଦେଇଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲକୁ ଘଉଡାଇ ଦେଇଥିଲା। ହେଲେ ଫର୍ଟିଲାଇଜର ସୋନା ପର୍ବତରୁ ହାତୀ ପଲରୁ ଗୋଟିଏ ଦନ୍ତା ଅଲଗା ହୋଇ ଯାଇଥିବା ସୂଚନା ମିଳିଛି।

**ଆଇନଜୀବୀ ପୀତବାସ ହତ୍ୟା ମାମଲା**

# ବାଲାଷ୍ଟିକ୍ ଟେଷ୍ଟ ପାଇଁ ଗଲା ଜବତ ଦୁଇ ବନ୍ଧୁକ

ବ୍ରହ୍ମପୁର, ୧୧ା୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ପର୍ଯ୍ୟାୟକ୍ରମେ ମୋଟ ୧୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ପୁଲିସ ଦୁଇଟି ବନ୍ଧୁକ ଜବତ କରିଥିଲା। ଜବତ ବନ୍ଧୁକର ତଥ୍ୟକୁ ପୁଲିସ ମଙ୍ଗଳବାର ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରିଛି। ଏହାସହ ବାଲାଷ୍ଟିକ୍ ଟେଷ୍ଟ ପାଇଁ ବନ୍ଧୁକଦ୍ୱୟକୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ଏଫ୍‌ଏସ୍‌ଏଲକୁ ପଠାଯାଇଛି। ଜବତ ବନ୍ଧୁକ, ଉଦ୍ଧାର ହୋଇଥିବା ଖୋକା ଓ ପୋଷ୍ଟମୋର୍ଟମ୍ ସମୟରେ ପୀତବାସଙ୍କ ଶରୀରରୁ ଉଦ୍ଧାର ହୋଇଥିବା ଗୁଳିକୁ ବାଲାଷ୍ଟିକ ଏକ୍ସପର୍ଟଙ୍କ ନିକଟକୁ ପଠାଯାଇଛି। ରିପୋର୍ଟ ଆସିବା ପରେ କିଛି ତଥ୍ୟ ମିଳିବ ବୋଲି କୁହାଯାଉଛି। ଜବତ ବନ୍ଧୁକଦ୍ୱୟ ୯ ଏମ୍‌ଏମ୍ ବୋଲି ସ୍ପଷ୍ଟ ହୋଇଥିବାରୁ ପୀତବାସଙ୍କୁ ଏହି ପିସ୍ତଲରୁ ହିଁ ଗୁଳି କରାଯାଇଥିବା ପୁଲିସ ଦାବି କରିଛି।

**ଏମ୍‌କେସିଜିରେ ଚିକିତ୍ସା ପାଇଁ ସୁନୀଲ ହୋତାଙ୍କୁ ମିଳିଲା ଅନୁମତି**

ଏହି ମାମଲାରେ ଗିରଫ ୧୬ଜଣଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ, କର୍ପୋରେଟର୍ ତଥା ଆଇନଜୀବୀ ମଳୟ ବିଷୋୟୀ, ମଦନ ଦଳାଇ ଓ ସୁନୀଲ ହୋତାଙ୍କ ପାଇଁ ଆଇନଜୀବୀମାନେ କୋର୍ଟରେ ଓକାଲତନାମା ଦାଖଲ କରିଛନ୍ତି। ସେହିପରି ବିକ୍ରମ ଓ ମଳୟଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଘରର ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ନିଜନିଜ ଓକିଲଙ୍କ ଜରିଆରେ ନିକଟରେ ସ୍ଥାନୀୟ ଏସଡିଜେଏମ୍‌ଙ୍କ ଅଦାଲତରେ ପିଟିସନ୍ ଦାଖଲ କରିଥିଲେ। ଏସଡିଜେଏମ୍ କୁମାର ସ୍ୱନ୍ଦନ ଉକ୍ତ ପିଟିସନ୍‌ର ଶୁଣାଣି କରି ବିକ୍ରମ ଓ ମଳୟଙ୍କୁ ଜେଲ ଭିତରେ ଆବଶ୍ୟକସ୍ଥଳେ ଘର ରନ୍ଧାଖାଦ୍ୟ ଯୋଗାଇଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଉଭୟ ବିକ୍ରମ ଓ ମଳୟଙ୍କ ସ୍ୱାସ୍ଥ୍ୟବସ୍ଥା ଜେଲରେ ଯାଞ୍ଚ କରାଯାଇଥିଲା। ସମସ୍ତ ରିପୋର୍ଟ ଠିକ୍ ଥିବାରୁ ସେମାନଙ୍କୁ ବାହାରର କୌଣସି ଖାଦ୍ୟ ଯୋଗାଣର ଆବଶ୍ୟକତା ନଥିବା ଜେଲ କର୍ତ୍ତୃପକ୍ଷ କୋର୍ଟକୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ସୁନୀଲ ମଳକଣ୍ଟକ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କୁ ମେଡିକାଲ ଚିକିତ୍ସାର ଆବଶ୍ୟକତା ରହିଛି। ସୁନୀଲଙ୍କ ଓକିଲ ରଶ୍ମିତା ଦାସ ଓ ଚକ୍ରପାଣି ନାହାକ ଏନେଇ ଏକ ପିଟିସନ୍ ଶୁକ୍ରବାର କୋର୍ଟରେ ଦାଖଲ କରିଥିଲେ। କୋର୍ଟ ଉକ୍ତ ପିଟିସନ୍‌ର ଶୁଣାଣି କରି ସୁନୀଲଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଏମକେସିଜି ମେଡିକାଲକୁ ପଠାଇବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୁଧବାର ସୁନୀଲଙ୍କୁ ଏମ୍‌କେସିଜି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫
- ପାଉଣ୍ଡ ୧୧୫.୬୮
- ୟୁରୋ ୧୦୧.୫୯
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୫୧୦ (ନୂଆଦିଲ୍ଲୀ)
- ରୁପା : ୧,୫୭,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୮୭୧.୦୦
- ନିଫ୍ଟି ୨୫,୬୯୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଋଷୀୟ ତେଲ ଅର୍ଡର ବନ୍ଦ କଲେ ଭାରତୀୟ କମ୍ପାନୀ




**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଡିସେମ୍ବର ଡେଲିଭରୀ ପାଇଁ ଭାରତ ରୁଷରୁ ଏହାର ଅଶୋଧିତ ତୈଳ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଦେଶର ପାଞ୍ଚଟି ପ୍ରମୁଖ ବିଶୋଧନାଗାର ଡିସେମ୍ବର ପାଇଁ କୌଣସି ନୂତନ ଅର୍ଡର ଦେଇନାହାଁନ୍ତି। ଆମେରିକାର ପ୍ରତିବନ୍ଧକ ଏବଂ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

ଅଗଷ୍ଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷଠାରୁ ତୈଳ କ୍ରୟ ପାଇଁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଥିଲେ। ପରବର୍ତ୍ତୀ ସମୟରେ, ସେ ରୁଷର ସରକାରୀ ତେଲ କମ୍ପାନୀ, ରୋସନେଫ୍ଟ ଏବଂ ଲୁକ୍ ଅଏଲ ସହିତ ସମସ୍ତ କାରବାରକୁ ନିଷେଧ କରିଥିଲେ। ଏହି କଟକଣାଗୁଡ଼ିକ ନଭେମ୍ବର ୨୧ ତାରିଖରୁ ଲାଗୁ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଭାରତ ପେଟ୍ରୋଲିୟମ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ମାଙ୍ଗାଲୋର ରିଫାଇନାରୀ ଏବଂ ଏଚ୍‌ପିସିଏଲ-ମିତ୍ତଲ ଏନର୍ଜି ଡିସେମ୍ବର ପାଇଁ ରୁଷକୁ କୌଣସି ନୂତନ ଅର୍ଡର ଦେଇ ନାହାଁନ୍ତି। ଏହି କମ୍ପାନୀଗୁଡ଼ିକ ଚଳିତବର୍ଷ ଏ ପର୍ଯ୍ୟନ୍ତ ରୁଷଠାରୁ ଭାରତକୁ ହୋଇଥିବା ଆମଦାନୀର ଦୁଇ-ତୃତୀୟାଂଶ ତେଲ କିଣିଛନ୍ତି। ଇଣ୍ଡିଆନ୍ ଅଏଲ୍ (ଆଇଓସି) ଏବଂ ନାୟାରା ଏନର୍ଜି ହେଉଛି ଡିସେମ୍ବର ପାଇଁ ରୁଷର ତେଲ କ୍ରୟ କରୁଥିବା ଏକମାତ୍ର ଦେଶ। ଆଇଓସି ଅଣ-ପ୍ରତିବନ୍ଧିତ ଯୋଗାଣକାରୀଙ୍କଠାରୁ ତେଲ କ୍ରୟ କରୁଥିବାବେଳେ, ନାଏରା ଯେଉଁଥିରେ ରୁଷିଆର ରୋସନେଫ୍ଟର ୪୯% ଅଂଶଧନ ଅଛି, ତାହା ସମ୍ପୂର୍ଣ୍ଣ ଭାବରେ ରୁଷିଆର ଯୋଗାଣ ଉପରେ ନିର୍ଭରଶୀଳ।

ଚଳିତବର୍ଷ ଭାରତର ତୈଳ ଯୋଗାଣର ପ୍ରାୟ ୩୬% ରୁଷ କରିଛି,

## ରିଲାଏନ୍ସ ସମେତ ୫ କମ୍ପାନୀ ଡିସେମ୍ବରରେ ତେଲ କିଣିବେନି

କିନ୍ତୁ ରିଫାଇନାରୀଗୁଡ଼ିକ ଏବେ ବିକଳ୍ପ ଖୋଜୁଛନ୍ତି। ଆଇଓସି ଜାନୁଆରୀ-ମାର୍ଚ୍ଚ ପାଇଁ ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ୨୪ ନିୟୁତ ବ୍ୟାରେଲ ତେଲ କିଣିବାକୁ ବିଡ୍ କରିଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଜାନୁଆରୀ ପାଇଁ ଆମେରିକା ଏବଂ ପଶ୍ଚିମ ଏସିଆରୁ ୪ ନିୟୁତ ବ୍ୟାରେଲ ତେଲ କିଣିଛି। ସାଉଦି ଆରାମ୍‌କୋ ଏବଂ ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ (ଏଡିନକ୍) ଭାରତୀୟ ଅଧିକାରୀଙ୍କ ସହ ସାକ୍ଷାତ କରି ଯୋଗାଣ ଜାରି ରଖିବାର ପ୍ରତିଶ୍ରୁତି ଦେଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି ଯେ ଭାରତ ଏବଂ ଆମେରିକା ଏକ ନୂତନ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାର ନିକଟତର। ସେ କହିଛନ୍ତି ଯେ ଆମେରିକା ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଧୀରେ ଧୀରେ ହ୍ରାସ କରିବ। ଭାରତ ଉପରେ ଶୁଳ୍କ ହ୍ରାସ କରିବା ପ୍ରଶ୍ନରେ, ଟ୍ରମ୍ପ କହିଛନ୍ତି ଯେ ରୁଷିଆର ତେଲ କିଣିବା ଯୋଗୁଁ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରାଯାଇଥିଲା, କିନ୍ତୁ ଏବେ ଭାରତ ରୁଷିଆରୁ ତେଲ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ସେ କହିଛନ୍ତି, ହଁ ଆମେ ଶୁଳ୍କ ହ୍ରାସ କରିବୁ। ସୂଚନାଯୋଗ୍ୟ ଯେ, ଟ୍ରମ୍ପ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

## ଇପିସିଏଚ୍ ଦୁବାଇରେ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ



**ନୂଆଦିଲ୍ଲୀ,୧୧।୧୧:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇସ୍ଥିତ ଦୁବାଇ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ଉପହାର ଏବଂ ଜୀବନଶୈଳୀ ମଧ୍ୟପ୍ରାଚ୍ୟ ନଭେମ୍ବର ୧୧ ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇପିସିଏଚ୍‌ର ବିଷୟବସ୍ତୁ ପ୍ରଦର୍ଶନୀ, ଭାରତୀୟ ହସ୍ତଶିଳ୍ପ - ଉପହାରପ୍ରାପ୍ତ ହାତର ଯାଦୁ,ଉପସ୍ଥାପିତ ହୋଇଥିଲା। ଇପିସିଏଚ୍ ଇଣ୍ଡିଆ ପାଭିଲିୟନକୁ ଦୁବାଇରେ ଭାରତର କନସୁଲ ଜେନେରାଲ ସତୀଶ କୁମାର ସିଭାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରମୋସନ ପରିଷଦ (ଇପିସିଏଚ୍)ର ଅଧ୍ୟକ୍ଷ ଡକ୍ଟର ନୀରଜ ଖାନ୍ନା, ଇପିସିଏଚ୍‌ର ମୁଖ୍ୟ ସଂଯୋଜକ ଅବଧେଶ ଅଗ୍ରୱାଲ, ଇପିସିଏଚ୍‌ର ବରିଷ୍ଠ ଅଧିକାରୀ, ସଦସ୍ୟ ପ୍ରଦର୍ଶକ ଏବଂ ଉପହାର ଏବଂ ଜୀବନଶୈଳୀର ପୋର୍ଟଫୋଲିଓ ନିର୍ଦ୍ଦେଶକ ଟେରେସା ହାଇଟର ଉପସ୍ଥିତ ଥିଲେ। ମେସେ ଫ୍ରାଙ୍କଫର୍ଟ ମଧ୍ୟପ୍ରାଚ୍ୟର ସରକାରୀ ସମ୍ପର୍କ ନିର୍ଦ୍ଦେଶକ ମହମ୍ମଦ ଆଲମାନସୁରୀ ମଧ ଉପସ୍ଥିତ ଥିଲେ। ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରମୋସନ ପରିଷଦ (ଇପିସିଏଚ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ବର୍ମା ସୂଚନା ପ୍ରଦାନ କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ସିଭାନ ଭାରତୀୟ ହସ୍ତଶିଳ୍ପକୁ ବିଶ୍ୱ ବଜାରରେ ପ୍ରୋତ୍ସାହିତ କରିବା ଏବଂ ଦେଶରୁ ହସ୍ତଶିଳ୍ପ ରପ୍ତାନିକୁ ବୃଦ୍ଧି କରିବା ପାଇଁ ପରିଷଦର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ।

# ଭାରତ ଉପରୁ କମିବ ଟାରିଫ୍: ଟ୍ରମ୍ପ

**ୱାଶିଂଟନ୍, ୧୧।୧୧(ଏଜେନ୍ସି):** ଭାରତ ଉପରୁ କମ୍ ହେବ ଟାରିଫ୍। ଏ ନେଇ ସଙ୍କେତ ଦେଇଛନ୍ତି ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଖୁବ୍ ଶୀଘ୍ର ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତିରେ ବାଜିବ ମୋହର। ଆମେରିକା ଏବଂ ଭାରତ ମଧ୍ୟରେ ବିଗିଡ଼ିଥିବା ସମ୍ପର୍କକୁ ପୁନଃସ୍ଥାପିତ କରିବାର ଦାୟିତ୍ୱ ଏବେ ଭାରତ ପାଇଁ ନୂତନ ଭାବେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କ ଉପରେ ରହିବ। ଗୋରଙ୍କ ଶପଥ ଗ୍ରହଣ ସମାରୋହରେ ଅଧ୍ୟକ୍ଷତା କରି ଟ୍ରମ୍ପ ଆଶା ପ୍ରକାଶ କରିଥିଲେ ଯେ ଗୋର୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବେ। ସେ କହିଥିଲେ, ମୁଁ ଆମ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ପର୍କ ମଧ୍ୟରୁ ଗୋଟିଏ - ଭାରତ ସହିତ ଆମର ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ସର୍ଗିଓ ଗୋରଙ୍କ ଉପରେ ନିର୍ଭର କରୁଛି। ଏହା ଏକ ବହୁତ ବଡ଼ କଥା। ଟ୍ରମ୍ପ ଆହୁରି କହିଛନ୍ତି ଯେ ଭାରତ ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ମଧ୍ୟରୁ ଗୋଟିଏ ଏବଂ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଦେଶ, ଯେଉଁଠାରେ ପାଖାପାଖି ୧୫୦ କୋଟି ଲୋକ ରହୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଅଛି। ଯେତେବେଳେ ଟ୍ରମ୍ପଙ୍କୁ ଭାରତ ସହିତ ବାଣିଜ୍ୟ ଚୁକ୍ତିର ଅଗ୍ରଗତି ଏବଂ ଶୁଳ୍କ (ଆମଦାନୀ ଶୁଳ୍କ) ହ୍ରାସ କରିବାର ସମ୍ଭାବନା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ବର୍ତ୍ତମାନ ଭାରତ ଉପରେ ଶୁଳ୍କ ବହୁତ ଅଧିକ। ପୂର୍ବରୁ, ଭାରତ ରୁଷରୁ ତେଲ ଆମଦାନୀ କରୁଥିଲା, କିନ୍ତୁ ବର୍ତ୍ତମାନ ତାହା ଯଥେଷ୍ଟ ହ୍ରାସ ପାଇଛି। ତେଣୁ, ଆମେ ଖୁବ୍ ଶୀଘ୍ର ଭାରତ ଉପରେ ଶୁଳ୍କ ହ୍ରାସ କରିବାକୁ ଯାଉଛୁ ଏବଂ ଆମେ କୌଣସି ସମୟରେ ସେଗୁଡ଼ିକୁ ହ୍ରାସ କରିବୁ। ଏହି ବିବୃତ୍ତି ସହିତ ଟ୍ରମ୍ପ ଇଙ୍ଗିତ ଦେଇଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଉନ୍ନତ ହେବା ସହିତ ଭବିଷ୍ୟତରେ ଆମଦାନୀ ଶୁଳ୍କ ହ୍ରାସ କରାଯାଇପାରିବ।

**ବାଣିଜ୍ୟ ଚୁକ୍ତିରେ ଖୁବ୍ ଶୀଘ୍ର ବାଜିବ ମୋହର**

ସେ ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ଦେଶ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ରଣନୈତିକ ଅଂଶୀଦାର। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରଦୂତ ଭାବରେ, ସେର୍ଗିଓ ଗୋରଙ୍କ କାର୍ଯ୍ୟ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା, ଆମେରିକୀୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ପ୍ରୋତ୍ସାହିତ କରିବା, ଆମେରିକୀୟ ଶକ୍ତି ରପ୍ତାନି ବୃଦ୍ଧି କରିବା ଏବଂ ସୁରକ୍ଷା ସହଯୋଗକୁ ବିସ୍ତାର କରିବା।

**ସେୟାର ବଜାରରେ ଅନିଶ୍ଚିତତା**

# ଏସ୍‌ଆଇପିରେ ନିବେଶ ବନ୍ଦ କଲେ ଲକ୍ଷାଧିକ ନିବେଶକ

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଗତ କିଛି ବର୍ଷ ଧରି ମ୍ୟୁଚୁଆଲ୍ ଫଣ୍ଡ ଏସ୍‌ଆଇପି (ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍) ନିବେଶ କରିବାର ସବୁଠାରୁ ସହଜ ଏବଂ ନିର୍ଭରଯୋଗ୍ୟ ଉପାୟ ପାଲଟିଛି। ପ୍ରତି ମାସରେ ଅଳ୍ପ ପରିମାଣରେ ନିବେଶ କରି ଏକ ବଡ଼ କର୍ପସ୍ ପାଣ୍ଠି ଗଠନ କରିବାର କ୍ଷମତା ଲକ୍ଷ ଲକ୍ଷ ଲୋକଙ୍କୁ ଏଥିପ୍ରତି ଆକର୍ଷିତ କରିଛି। କିନ୍ତୁ ବର୍ତ୍ତମାନ, ପରିସ୍ଥିତି ବଦଳିଥିବା ପରି ମନେ ହେଉଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ବହୁ ସଂଖ୍ୟକ ନିବେଶକ ସେମାନଙ୍କର ଏସ୍‌ଆଇପି ବନ୍ଦ କରୁଛନ୍ତି। ଏହି ଲୋକପ୍ରିୟ ନିବେଶ ଉପକରଣରୁ ନିବେଶକମାନେ ଦୂରେଇ ଯାଉଛନ୍ତି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ଆସୋସିଏସନ୍ (ଏଏମ୍‌ଏଫ୍‌ଆଇ) ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ରେ ପ୍ରାୟ ୪.୪୦୩ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା। ତେବେ ଅଗଷ୍ଟରେ ୪.୧୧୫ ନିୟୁତ ଏସ୍‌ଆଇପି ବନ୍ଦ ଥିଲା, ଯାହା ୭% ବୃଦ୍ଧି ଦର୍ଶାଉଛି। ଗତ ବର୍ଷ, ସେପ୍ଟେମ୍ବର ମାସରେ ପ୍ରାୟ ୪ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା। ଏହି ଧାରା ସୂଚାଇ ଦେଉଛି ଯେ ନିବେଶକମାନେ ସେମାନଙ୍କର ରଣନୀତିର ପୁନଃବିଚାର କରୁଛନ୍ତି। କେତେକ ବଜାର ଅସ୍ଥିରତା ବିଷୟରେ ଚିନ୍ତିତ, ଯେତେବେଳେ କି ଅନ୍ୟମାନେ ଲକ୍ଷ୍ୟର ଅଭାବ କିମ୍ବା ଦୁର୍ବଳ ପାଣ୍ଠି ପ୍ରଦର୍ଶନ ଯୋଗୁଁ ଏସ୍‌ଆଇପି ବନ୍ଦ କରୁଛନ୍ତି।




ଏଏମ୍‌ଏଫ୍‌ଆଇ ତଥ୍ୟ ଦର୍ଶାଉଛି ଯେ ଗତ କିଛି ମାସ ଧରି ଏସ୍‌ଆଇପି ବନ୍ଦ କରିବାର ଗତି ଅସ୍ଥିର ରହିଛି। ଜୁନ୍ ମାସରେ ୪.୮ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା, ଜୁଲାଇରେ ୪.୩ ନିୟୁତ, ଅଗଷ୍ଟରେ ୪.୧ ନିୟୁତ ଏବଂ ସେପ୍ଟେମ୍ବରରେ ପୁଣି ଥରେ ଏଥିରେ ବୃଦ୍ଧି ଘଟି ତାହା ୪.୪ ନିୟୁତ ହୋଇଯାଇଛି। ଏହା ସ୍ପଷ୍ଟ ଯେ ନିବେଶକମାନେ ସେମାନଙ୍କର ନିବେଶ ବିଷୟରେ ଏ ପର୍ଯ୍ୟନ୍ତ ଅନିଶ୍ଚିତ ଏବଂ ନିରନ୍ତର ଭାବେ ସେମାନଙ୍କର ପୋର୍ଟଫୋଲିଓ ସମୀକ୍ଷା କରୁଛନ୍ତି। ନିବେଶକମାନେ ଏସ୍‌ଆଇପି ବନ୍ଦ କରିବାର ପ୍ରମୁଖ କାରଣ ହେଉଛି, ପୋର୍ଟଫୋଲିଓ ଉନ୍ନତି। ଅନେକ ନିବେଶକ ସେମାନଙ୍କର ନିବେଶକୁ ଗୋଟିଏ ଏସ୍‌ଆଇପି ବଦଳରେ ଅନେକ ଛୋଟ ଏସ୍‌ଆଇପିରେ ବିଭକ୍ତ କରି ବିପଦ ହ୍ରାସ କରିବାକୁ ଏବଂ ଭଲ ରିଟର୍ଣ୍ଣ ହାସଲ କରିବାକୁ ଚାହାଁନ୍ତି। ଏଥିପାଇଁ ସେମାନଙ୍କୁ ସେମାନଙ୍କର ପୁରୁଣା ଏସ୍‌ଆଇପି ବନ୍ଦ କରିବାକୁ ଏବଂ ଏକ ନୂତନ ରଣନୀତି ଗ୍ରହଣ କରିବାକୁ ପଡିବ। କେତେକ ସମୟରେ ନିବେଶକମାନେ ପରେ ଅନୁଭବ କରନ୍ତି ଯେ ସେମାନେ ଏପରି ଏକ ପାଣ୍ଠି ବାଛିଛନ୍ତି ଯାହା ସେମାନଙ୍କର ଲକ୍ଷ୍ୟ ସହିତ ମେଳ ଖାଉ ନାହିଁ। ଏପରି ପରିସ୍ଥିତିରେ, ଏସ୍‌ଆଇପି ବନ୍ଦ କରିବା ଏବଂ ସିଷ୍ଟମେଟିକ୍ ଟ୍ରାନ୍ସଫର ପ୍ଲାନ୍ (ଏସ୍‌ଟିପି) ମାଧ୍ୟମରେ ଟଙ୍କାକୁ ଏକ ଭଲ ପାଣ୍ଠିକୁ ସ୍ଥାନାନ୍ତର କରିବା ହେଉଛି ସଠିକ୍ ପଦକ୍ଷେପ।

ଯଦି ଏକ ସେକ୍ଟର-ନିର୍ଦ୍ଦିଷ୍ଟ ପାଣ୍ଠି ଦୀର୍ଘ ସମୟ ଧରି ଖରାପ ପ୍ରଦର୍ଶନ କରୁଛି, ତେବେ ସେଥିରେ ଏସ୍‌ଆଇପି ଜାରି ରଖିବା କ୍ଷତିକାରକ ହୋଇପାରେ। ଏପରି ପରିସ୍ଥିତିରେ, ନିବେଶକମାନେ ବ୍ୟାପକ ବଜାର କିମ୍ବା ବଡ଼-କ୍ୟାପ୍ ପାଣ୍ଠିକୁ ପସନ୍ଦ କରିଥାନ୍ତି। ଚାକିରି ହରାଇବା, ଚିକିତ୍ସା ଖର୍ଚ୍ଚ କିମ୍ବା ପରିବାରର ଆର୍ଥିକ ସଙ୍କଟ ଭଳି ପରିସ୍ଥିତିରେ ଏସ୍‌ଆଇପି ବନ୍ଦ କରିବା ଏକ ଆବଶ୍ୟକତା ହୋଇଯାଏ। ଏହି ସମୟରେ, ନଗଦ ସଂରକ୍ଷଣ କରିବା ଏକ ପ୍ରାଥମିକତା। ପ୍ରାୟତଃ କୁହାଯାଏ ଯେ ଏସ୍‌ଆଇପି କେବେ ବି ବନ୍ଦ କରାଯିବା ଉଚିତ୍ ନୁହେଁ, କିନ୍ତୁ ଆର୍ଥିକ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ଭାବରେ ଏକମତ ନୁହଁନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ଏସ୍‌ଆଇପି ବନ୍ଦ କରିବା ଜରୁରୀ ନୁହେଁ; ଏହା ଆବଶ୍ୟକତା ଏବଂ ପରାମର୍ଶ ଉପରେ ଆଧାରିତ ହେବା ଉଚିତ।

**ସେପ୍ଟେମ୍ବରରେ ୪.୪ ନିୟୁତ ଏସ୍‌ଆଇପି ବନ୍ଦ**

## ୧୪ରୁ ଡିଜାଇନ କାର୍ଣ୍ଣିଭାଲ ଆଣ୍ଡ ବିଲ୍ଡ ଏକ୍ସପୋ

**ଭୁବନେଶ୍ୱର,୧୧।୧୧(ସମିସ):** ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ଏହାର ଅଗ୍ରଣୀ ବାର୍ଷିକ କାର୍ଯ୍ୟକ୍ରମ ଡିଜାଇନ କାର୍ଣ୍ଣିଭାଲ ଆଣ୍ଡ ବିଲ୍ଡ ଏକ୍ସପୋ ୨୦୨୫ ପୁନଃ ଆୟୋଜନ ସମ୍ପର୍କରେ ଗର୍ବର ସହିତ ଘୋଷଣା କରାଯାଇଛି। ଏହା ନଭେମ୍ବେର ୧୪ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନରେ ଆୟୋଜିତ ହେବାକୁ ଯାଉଛି। ଚଳିତ ବର୍ଷ ଏହାର ବିଷୟବସ୍ତୁ ରଖାଯାଇଛି 'ଏଆଇ-ଆର୍କିଟେକ୍‌ଚର ଇଣ୍ଟେଲିଜେନ୍ସ' ଯାହା କୃତ୍ରିମ ବୁଦ୍ଧିମତା ଏବଂ ସ୍ଥାପତ୍ୟଗତ ଡିଜାଇନକୁ ନେଇ ହେଉଥିବା ନୂତନ ଆଲୋଚନାକୁ ଆଗକୁ ବଢାଇବା ସହିତ ପ୍ରଯୁକ୍ତି କିଭଳି ମାନବୀୟ ସୃଜନଶୀଳତାରେ ବୃଦ୍ଧି ଘଟାଇପାରିବ,ଡିଜାଇନ ପ୍ରକ୍ରିୟାରେ ବିପ୍ଳବ ଆଣିବ ଏବଂ ଆମର ନିର୍ମାଣ ପରିବେଶର ଭବିଷ୍ୟତକୁ କିଭଳି ରୂପରେଖ ପ୍ରଦାନ କରିବ ସେ ସମ୍ପର୍କରେ ସମ୍ଭାବ୍ୟତା ଅନୁଧାନ କରୁଛି। ଏହି କାର୍ଯ୍ୟକ୍ରମକୁ ନଭେମ୍ବର ୧୪ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଭାରତ ମସଲା ପକ୍ଷରୁ ୫ମ ଦିନର ଲକି ଡ୍ର



**କଟକ,୧୧।୧୧(ସମିସ):** ଭାରତ ମସଲା ପକ୍ଷରୁ ବାଲିଯାତ୍ରାରେ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର କାର୍ଯ୍ୟକ୍ରମର ଆଜି ଥିଲା ୫ମ ଦିବସ। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଜଗତପୁର କଟକର ଲୋକନାଥ ସେଠୀ ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡାଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଯାଜପୁରର ସୌମ୍ୟରଞ୍ଜନ ମଲ୍ଲିକଙ୍କୁ ରେସିଂ ବାଇ ସାଇକେଲ,୩ୟ ବିଜେତା ଚୌଦ୍ୱାର ନୂଆସାହିର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଶିଖରପୁରର ବଳଦେବ ସିଂ ଙ୍କୁ ଫ୍ରାଇଂ ପାନ୍ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ତ୍ରୈମାସିକରେ ଟାଟା ପାୱାରର ଦୃଢ଼ ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୧୧।୧୧:** ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟାଟା ପାୱାର ଦୃଢ଼ ଆର୍ଥିକ ଫଳାଫଳ ପ୍ରଦର୍ଶନ କରିଛି। ଏଥିରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ (ପ୍ୟାଟ୍)ରେ ୧୪ ପ୍ରତିଶତ ଅଭିବୃଦ୍ଧି ଘଟି ତାହା ୧୨୪୫ କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀର ମୋଟ ବ୍ୟବସାୟ ରେ ୩୫ ପ୍ରତିଶତ ବୃଦ୍ଧି ହୋଇଛି। ଅପରପକ୍ଷେ ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭରେ ୧୦ ପ୍ରତିଶତ ଅଭିବୃଦ୍ଧି ଘଟି ୨୫୦୮ କୋଟି ଟଙ୍କା ହୋଇଛି। କମ୍ପାନୀର ସୋଲାର ସେଲ୍ ଏବଂ ମଡ୍ୟୁଲ୍ ମାନୁଫାକ୍‌ଚରିଂ ଟିକସ ପରବର୍ତ୍ତୀ ଲାଭରେ ୨୬୨ ପ୍ରତିଶତ ବୃଦ୍ଧି ଘଟି ୨୪୦ କୋଟି ଟଙ୍କା ଛୁଇଁଛି। ଅପରପକ୍ଷେ ଓଡ଼ିଶା ଡିସ୍‌କମ୍‌ର ଟିକସ ପରବର୍ତ୍ତୀ ଲାଭଷର ୩୬୨ ପ୍ରତିଶତ ବୃଦ୍ଧି ହୋଇ ତାହା ୧୭୪ କୋଟି ଟଙ୍କାରେ ପହଞ୍ଚିଛି।

## ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ ଜାତୀୟ ଆଲୋଚନାଚକ୍ର




**ଭୁବନେଶ୍ୱର,୧୧।୧୧(ସମିସ):** ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ 'ଆଡ଼ପ୍ଟ ଜିରୋ ଆକ୍ସିଡେଣ୍ଟ' ଭିଜନ ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଜିଏଫପି, ସିଏଚଡ଼ିଏନଏଲ୍‌ଆର ଏବଂ ସ୍ୱସ୍ଥଭୂମି ପ୍ରାଇଭେଟ ଲିମିଟେଡ଼ ମିଳିତ ଭାବେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଆଇଜିଏଫପିର ପ୍ରତିଷ୍ଠାତା ନିର୍ଦ୍ଦେଶକ ବି. କେ. ସାହୁ ସଭାପତିତ୍ୱ କରିଥିବାବେଳେ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ପ୍ରଫେସର ଡ଼ଃ ଶର୍ମିଳା ସୁବ୍ରମଣିୟମ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିରୋ ଆକ୍ସିଡେଣ୍ଟ ଭିଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଏସଆଇସିର ରିଜିଓନାଲ ଡ଼ାଇରେକ୍ଟର ରୁଦ୍ର ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଣ୍ଣ ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଘନଶ୍ୟାମ ବିଶ୍ୱାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସମ୍ପାଦକ ଡ଼ଃ ବଙ୍କିମ ମହାନ୍ତି ଏବଂ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡ଼ିନ୍ (ଟ୍ରେନିଂ ଏବଂ ପ୍ଲେସମେଣ୍ଟ) ପ୍ରଫେସର ଜିନାଶିଷ ମହାନ୍ତି ଏବଂ ସିଏଚଡ଼ିଏନଏଲ୍‌ଆରର ସଭାପତି ଡ଼ଃ ସ୍ୱାତୀ ପରୋଶି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

**ହରିୟାଣାରେ ଋଣ କାରବାରର 'ଅଦୃଶ୍ୟ' ଖେଳ**

# ବିନା କାଗଜପତ୍ରରେ ମିଳିଯାଉଛି ୪୦୦ କୋଟିର ଋଣ

**ଚଣ୍ଡିଗଡ଼, ୧୧।୧୧ (ଏଜେନ୍ସି):** ଋଣ କାରବାରରେ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡିକର ବଡ଼ ଭୂମିକା ରହିଥାଏ। ହେଲେ ହରିୟାଣାରେ ଏପରି ଏକ ଋଣ କାରବାର ଚାଲିଛି ଯେଉଁଥିରେ ବ୍ୟାଙ୍କ କିମ୍ବା କୌଣସି ଫାଇନାନ୍ସ କମ୍ପାନୀର କୌଣସି ଭୂମିକା ନାହିଁ। ହରିୟାଣାର ଝଜ୍ଜର ଜିଲ୍ଲାର ଦିଘଲ ଗାଁ କୁ ବର୍ତ୍ତମାନ 'ଫାଇନାନ୍ସରଙ୍କ ଗାଁ' କୁହାଯାଉଛି। କାରଣ ଏହି ଗାଁରେ ମୁହଁମତରେ ଆପୋଷ ଆଲୋଚନାରେ ମିଳିଯାଉଛି ପ୍ରାୟ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ। ମାସିକ ୫% ସୁଧହାରରେ ଚାଲିଥିବା ଏହି ଋଣ କାରବାରର 'ଅଦୃଶ୍ୟ' ଖେଳରେ କେବଳ ଫାଇନାନ୍ସର ନୁହଁନ୍ତି, କର୍ପୋରେଟ୍ ଏବଂ ଗ୍ୟାଙ୍ଗଷ୍ଟର ସାମିଲ ଅଛନ୍ତି।

ଏକ ରିପୋର୍ଟ ଅନୁସାରେ, ସମଗ୍ର ମାମଲା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ରୋହତକ ସାଇବର ସେଲର ସବ-ଇନ୍ସପେକ୍ଟର ସନ୍ଦୀପ କୁମାର ଲାଥର ଅକ୍ଟୋବର ୧୪ରେ ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ, ସେ ଏକ ଭିଡିଓରେ ଅଭିଯୋଗ କରିଥିଲେ ଯେ ହରିୟାଣାର ଜଣେ ଆଇଜି (ୱାଇ ପୁରନ କୁମାର) ଏକ ମ୍ୟୁଜିକ୍ କମ୍ପାନୀ ମାଲିକ ରାଓ ଇନ୍ଦ୍ରଜିତ ଯାଦବଙ୍କ ନାମ ଏକ ହତ୍ୟା ମାମଲାରୁ ହଟାଇବା ପାଇଁ ୫୦ କୋଟି ଟଙ୍କା ଲାଞ୍ଚ ମାଗିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ସେହି ଆଇଜି ମଧ କିଛି ଦିନ ପୂର୍ବରୁ ଆତ୍ମହତ୍ୟା କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣା ଦିଘଲ ଗ୍ରାମର କୋଟି କୋଟି ଟଙ୍କାର ନଗଦ ଆର୍ଥିକ ବ୍ୟବସାୟ ସହିତ ଜଡିତ ଠକେଇ କାର୍ଯ୍ୟକଳାପର ନେଟୱର୍କକୁ ପଦାରେ ପକାଇଦେଇଥିଲା। ଦିଘଲର ଲୋକମାନେ ଏହି ଗାଁକୁ 'ଫାଇନାନ୍ସରଙ୍କ ଗାଁ' ବୋଲି କୁହନ୍ତି। ୨୦ ରୁ ୫୦ ବର୍ଷ ବୟସର ପ୍ରାୟ ୧୨୦୦ ଲୋକ ଏହି ବ୍ୟବସାୟରେ ଜଡିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ। ସେମାନେ ୧୦ ରୁ ୨୦ ଲକ୍ଷ ଟଙ୍କା ଏକାଠି କରି ଏକ ବଡ଼ 'ପୁଲ୍' ଗଠନ କରନ୍ତି। ଏହି ପୁଲ୍‌ରୁ ବଡ଼ ବଡ଼ କର୍ପୋରେଟ୍ ଏବଂ ରିଅଲ୍ ଇଷ୍ଟେଟ୍ ଡେଭଲପରମାନଙ୍କୁ କୋଟି କୋଟି ଟଙ୍କାର ଋଣ ନଗଦରେ ଦିଆଯାଏ। ଦିଘଲ ଏବଂ ଆଖପାଖର ଅନେକ ଜିଲ୍ଲା (ରୋହତକ, ସୋନିପତ, ଭିୱାନୀ) ରୁ ହଜାର ହଜାର ଯୁବକ ଏହି ଟଙ୍କା ଆଦାୟ ପାଇଁ କାମ କରୁଛନ୍ତି। ସେମାନଙ୍କର ଏହି ଋଣ କାରବାର କେବଳ ହରିୟାଣା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଡ଼ଗାଓଁ, ମୁମ୍ବାଇ ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ।

- ଜଡ଼ିତ ନାହାଁନ୍ତି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା
- ୨୦ ରୁ ୫୦ ବର୍ଷ ବୟସର ପ୍ରାୟ ୧୨୦୦ ଲୋକ ଏହି ବ୍ୟବସାୟରେ ଜଡ଼ିତ



୨୦୨୪ ଡିସେମ୍ବର ୬ରେ ଦିଘଲର ଜଣେ ଫାଇନାନ୍ସର ମନଜିତଙ୍କୁ ହତ୍ୟା କରାଯିବା ପରେ ଏହି ସମ୍ପୂର୍ଣ୍ଣ 'ସିଷ୍ଟମ'ର ପୋଲ୍ ଖୋଲିଥିଲା। ମନଜିତ ୬ ଫୁଟ ୩ ଇଞ୍ଚ ଉଚ୍ଚତାର ଥିଲେ, ତେଣୁ ତାଙ୍କ ନାମ ସହିତ '୬.୩' ନାମ ଯୋଡ଼ା ଯାଇଥିଲା। ମନଜିତଙ୍କ କାକା, ହଂସରାଜ ଆହଲାୱତ (ଜଣେ ପୂର୍ବତନ ସରପଞ୍ଚ ମଧ୍ୟ) କହିଛନ୍ତି ଯେ ହତ୍ୟାର କିଛି ମାସ ପୂର୍ବରୁ, ମନଜିତ, ଗ୍ରାମର ପ୍ରାୟ ୧୫୦୦ ଯୁବକଙ୍କ ସହିତ ଗୁଡ଼ଗାଓଁରେ ଏକ ଟାୟାର ବିକ୍ରି କର୍ପୋରେଟ୍ ଗୋଷ୍ଠୀର କାର୍ଯ୍ୟାଳୟରେ ପ୍ରତିବାଦ କରିବାକୁ ଯାଇଥିଲେ। ଏହି ଯୁବକମାନେ ଏକାଠି ହୋଇ କମ୍ପାନୀକୁ ୨୦୦ କୋଟି ଟଙ୍କାରୁ ଅଧିକ ନଗଦ ଋଣ ପ୍ରଦାନ କରିଥିଲେ। ଯେତେବେଳେ କମ୍ପାନୀ ଇଏମ୍‌ଆଇ ବନ୍ଦ କରିଦେଲା, ସେତେବେଳେ ଏକ ବିବାଦ ଉପୁଜିଲା। ଅଭିଯୋଗ ହୋଇଛି ଯେ ରାଓ ଇନ୍ଦ୍ରଜିତ ନିଜେ ସୁଧ ହାର ସମାଧାନ କରିବାକୁ ଜିଦ୍ ଧରିଥିଲେ, ଯାହା ଫଳରେ ମନଜିତଙ୍କୁ ହତ୍ୟା କରିଥିବା ବିଦେଶୀ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ଏବଂ ଫରିଦପୁରିଆଙ୍କ ସମ୍ପୃକ୍ତି ହୋଇଥିଲା। ପୋଲିସ ଏହି ମାମଲାରେ ୨୦ ଜଣଙ୍କୁ ଗିରଫ କରିଥିଲା, କିନ୍ତୁ କମ୍ପାନୀର ନାମ ଚାର୍ଜସିଟରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ତଥାପି, ରାଓ ଇନ୍ଦ୍ରଜିତଙ୍କ ନାମ ଷଡ଼ଯନ୍ତ୍ରକାରୀ ଭାବରେ ତାଲିକାଭୁକ୍ତ କରାଯାଇଥିଲା। ତାଙ୍କ ଆତ୍ମହତ୍ୟା ଭିଡିଓରେ, ସବ-ଇନ୍ସପେକ୍ଟର ସନ୍ଦୀପ ଲାଥର ଆଇଜିଙ୍କୁ ଅଭିଯୋଗ କରିଥିଲେ ଯେ ସେ ଚାର୍ଜସିଟରୁ ରାଓ ଇନ୍ଦ୍ରଜିତଙ୍କ ନାମ ବାଦ ଦେବା ପାଇଁ ୫୦ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ।

କୌଣସି ବ୍ୟାଙ୍କ କିମ୍ବା ଆଇନଗତ ପ୍ରକ୍ରିୟା ବିନା କୋଟି କୋଟି ଟଙ୍କାର ଏହି ଋଣ କାରବାର ଚାଲିଥାଏ। ଋଣ ପ୍ରଦାନ କରିବା ପୂର୍ବରୁ, ଏହି ଫାଇନାନ୍ସରମାନେ ଋଣଗ୍ରହୀତାଙ୍କଠାରୁ ମାସିକ ଚେକ୍ ସଂଗ୍ରହ କରନ୍ତି, ୫% ସୁଧ ଯୋଡିଥାନ୍ତି। ୬ ମାସର ବ୍ୟାଙ୍କ ଆକାଉଣ୍ଟ ଏବଂ ଟର୍ଣ୍ଣଓଭର ମଧ ସମୀକ୍ଷା କରାଯାଏ। ଯଦି ମାମଲା ଟିକିଏ ବି ସନ୍ଦେହଜନକ ମନେହୁଏ, ତେବେ ଜମି, ଘର କିମ୍ବା କମ୍ପାନୀର ମାଲିକାନାର ମୂଳ ଡକ୍ୟୁମେଣ୍ଟଗୁଡ଼ିକୁ ବନ୍ଧକ ରଖାଯାଏ। କିନ୍ତୁ ଏହି କାରବାରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଜଣେ "ପଞ୍ଚ" (ମଧ୍ୟସ୍ଥି)। ଏହା ଜଣେ ରାଜନୈତିକ କିମ୍ବା ସାମାଜିକ ପ୍ରଭାବଶାଳୀ ବ୍ୟକ୍ତି ଯିଏ ଉଭୟ ପକ୍ଷଙ୍କୁ ଗ୍ୟାରେଣ୍ଟି ଦିଅନ୍ତି। ୟୁପିଏ ସରକାର ଭୂମି ଅଧିଗ୍ରହଣ ଆଇନରେ ସଂଶୋଧନ କରି କ୍ଷତିପୂରଣ ପରିମାଣ ବହୁଗୁଣ ବୃଦ୍ଧି କଲେ, ଏହି ଗାଁର ଲୋକେ ଟଙ୍କାରେ ବୁଡ଼ିବାକୁ ଲାଗିଲେ। କେବଳ ଦିଘଲରେ, ଅନେକ ଯୁବକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇଥିଲେ। ଏହି ଟଙ୍କାକୁ ବ୍ୟାଙ୍କରେ ରଖିବା କିମ୍ବା କୌଣସି ଛୋଟ ବ୍ୟବସାୟରେ ନିୟୋଜିତ କରିବା ପରିବର୍ତ୍ତେ, ଯୁବକମାନେ ୫% ମାସିକ ସୁଧର ଏହି ଲାଭଜନକ ଖେଳରେ ଏହାକୁ ନିବେଶ କରିଥିଲେ।



# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ଇଡେନ୍‌ରେ ଜୋରଦାର ଅଭ୍ୟାସ

କୋଲକାତା,୧୧।୧୧(ଏଜେନ୍ସି): ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଉଭୟ ଦଳ ଆଜି ଅଭ୍ୟାସ କରିଛନ୍ତି। ଗତକାଲି ବା ସୋମବାର ଉଭୟ ଦଳର ସମସ୍ତ ଖେଳାଳି ଏଠାରେ ଏକତ୍ର ହୋଇଥିଲେ। ଉଭୟ ଦଳର କୋଚ୍ ଓ ଅଧିନାୟକ ଆଜି ପଡ଼ିଆକୁ ଆସିବା ପରେ ପ୍ରଥମେ ପିଚ୍ ଦେଖିଥିଲେ। ଏହା ପରେ ଖେଳାଳିମାନେ ଅଧିକ ଶାରିରୀକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ନେଟ୍‌ରେ ବ୍ୟାଟିଂ ଓ ବୋଲିଂ ଉପରେ ଅଳ୍ପ ଅଭ୍ୟାସ କରିବା ପରେ ହୋଟେଲକୁ ଫେରିଯାଇଥିଲେ। ଆସନ୍ତାକାଲି ଦୁଇଟି ପର୍ଯ୍ୟାରେ ଖେଳାଳିମାନେ ଅଭ୍ୟାସ କରିବେ ବୋଲି ଜଣାଯାଇଛି।

## ସୁରକ୍ଷା ବଢ଼ାଇଲା କୋଲକାତା ପୁଲିସ୍

କୋଲକାତା,୧୧।୧୧(ଏଜେନ୍ସି): ଦିଲ୍ଲୀରେ ବିସ୍ଫୋରଣ ପରେ ସମଗ୍ର ଦେଶର ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ଏହା ମଧ୍ୟରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। କୋଲାକାତା ପୁଲିସ୍ କମିଶନରଙ୍କ କହିବା ଅନୁଯାୟୀ ଦିଲ୍ଲୀ ଘଟଣା ପରେ ସୁରକ୍ଷା ଲାଗି ପୁଲିସ୍‌ଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ସ୍ପେଶାଲ ଟାସ୍କ ଫୋର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଖେଳାଳି ରହୁଥିବା ହୋଟେଲରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି।

## ମୁକାବିଲା ୪୪: ଦ.ଆଫ୍ରିକା ୧୮ ଓ ଭାରତ ୧୬ଟିରେ ବିଜୟୀ

କୋଲକାତା,୧୧।୧୧(ଏଜେନ୍ସି): ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଉଭୟ ଦେଶ ମଧ୍ୟରେ ୪୪ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ୪୪ଟି ମଧ୍ୟରୁ ଭାରତରେ ଖେଳାଯାଇଛି ୧୯ଟି ଟେଷ୍ଟ। ଏହି ୧୯ଟି ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ।

### ଶୁକ୍ରବାରଠାରୁ ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ୍ ସିରିଜ୍

# ୨ ଟେଷ୍ଟ- ୩ ଦିନିକିଆ- ୫ ଟି୨୦





ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):

ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଶେଷ ହେବା ପରେ ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ସହ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ୍ ଖେଳିବାକୁ ଏଠାରେ ଆସି ପହଞ୍ଚିଛି। ଏହି ସିରିଜ୍‌ରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କୋଲକାତାର ଇଡେନଗାର୍ଡେନ୍ସରେ ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ ଓ ଅହମ୍ମଦାବାଦ୍‌ରେ ୫ମ ତଥା ଶେଷ ଟି-୨୦ ସହ ଏହି ସିରିଜ୍ ଶେଷ ହେବ। ଆସନ୍ତାବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ୍‌ରେ ସର୍ବାଧିକ ୫ଟି ମ୍ୟାଚ୍ ରଖାଯାଇଛି। ବେଙ୍ଗାଲୁରୁରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ'କୁ ରେକର୍ଡ ୪୧୭ ରନ୍ ଚେଜ୍‌ରେ ହରାଇ ଏହି ଦଳ ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ଉଭୟ ଦଳର ଟେଷ୍ଟ ବିଶେଷଜ୍ଞ ଖେଳାଳିମାନେ ଖେଳିଛନ୍ତି। ଏହା ମଧ୍ୟରେ ଉଭୟ ଦଳ କୋଲକାତାର ଇଡେନ୍ ଗାର୍ଡେନ୍ସରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଥମଥର ମଙ୍ଗଳବାର ଅଭ୍ୟାସ ଆରମ୍ଭ କରିଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ। ତେମ୍ବା ବଭୂମାଙ୍କ ନେତୃତ୍ୱରେ ଦଳ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ ଜିତିଥିଲା। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲ ଓ ଟି-୨୦ ବିଶ୍ୱକପ୍‌ରେ ରନର୍ସ ଅପ୍ ହେବାର ସୌଭାଗ୍ୟ ଲାଭ କରିଛି ଭ୍ରମଣକାରୀ ଦଳ। ନିକଟରେ ପାକିସ୍ତାନ ସହ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରଖି ଭାରତୀୟ ଉପମହାଦେଶର ଟର୍ଣ୍ଣିଂ ପିଚ୍‌ରେ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଭାରତରେ ଟେଷ୍ଟ ଦଳର ଅଧିକାଂଶ ଖେଳାଳିଙ୍କୁ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବାର ସୁଯୋଗ ଦେଇଛି ଦକ୍ଷିଣ ଆଫ୍ରିକା। ଏପରିକି ତେମ୍ବା ବଭୂମା ଦ୍ୱିତୀୟ ଟେଷ୍ଟରେ ଖେଳିବା ସହ ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟକୁ ହାସଲ କରାଇବାରେ ସମର୍ଥ ହୋଇଥିଲେ। ଦଳରେ ୩ଜଣ ଭଲ ତଥା ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ସ୍ପିନ୍ ବୋଲିଂରେ ଦୁଇ ଭାରତୀୟ ବଂଶୋଭବ କେଶବ ମହାରାଜ ଓ ସେନୁରନ ମୁଥୁସ୍ୱାମୀଙ୍କ ସହ ସାଇମନ ହାର୍ମର ନିଶ୍ଚିତଭାବେ ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇବେ। ପେସ୍ ବୋଲିଂ ଓ ବ୍ୟାଟିଂରେ ଦଳ ଶକ୍ତିଶାଳୀ। କେବଳ ଭାରତରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ଏମାନଙ୍କ ପକ୍ଷେ ହେବ ବଡ଼ ଚ୍ୟାଲେଞ୍ଜ। ପାକିସ୍ତାନ ମାଟିରେ ଟେଷ୍ଟ ସିରିଜ୍ ଓ ଭାରତୀୟ ମାଟିରେ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ଖେଳି ଦକ୍ଷିଣ ଆଫ୍ରିକା କିଛି ପରିମାଣରେ ପ୍ରସ୍ତୁତ କରିନେଇଛି। ଏଣୁ ପୂର୍ବ ଭାରତରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ରେ ଲଢ଼େଇ ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ୍।

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତ ଉପରେ ଆଉ କେହି ବିଶ୍ୱାସ କରୁନାହାନ୍ତି। ଏହା ନିଃସନ୍ଦେହ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ହରାଇବା ଓ ଇଂଲଣ୍ଡରେ ଦମ୍‌ର ସହ ଖେଳିଥିବା ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେବ। କିନ୍ତୁ ଏଠାରେ ମନେ ରଖିବା ଉଚିତ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଆଉ ସେଭଳି ଶକ୍ତିନାହିଁ ଓ ଏହି ଦଳ ଆଇସିସି ର୍‌ୟାଙ୍କିଂରେ ୯ମ ସ୍ଥାନରେ ରହିଛି। ଇଂଲଣ୍ଡର ପିଚ୍ ଭାରତରେ ନାହିଁ। ଏଣୁ ଦକ୍ଷିଣ ଆଫ୍ରିକା ସିରିଜ୍ ନିଶ୍ଚିତପକ୍ଷେ ଭାରତ ଲାଗି ଏକ ଚ୍ୟାଲେଞ୍ଜ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

**ଭାରତ-ଦକ୍ଷିଣ ଆଫ୍ରିକା ଖେଳସୂଚୀ**

| କେବେ | ମ୍ୟାଚ୍ | ଭେନ୍ୟୁ |
|---|---|---|
| **ଟେଷ୍ଟ -୨** | | |
| ୧୪ରୁ ୧୮।୧୧ | ପ୍ରଥମଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟଟେଷ୍ଟ | ଗୁଆହାଟୀ |
| **ଦିନିକିଆ -୩** | | |
| **ତାରିଖ** | **ମ୍ୟାଚ୍** | **ଭେନ୍ୟୁ** |
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |
| **ଟି-୨୦ ମୁକାବିଲା- ୫** | | |
| **ତାରିଖ** | **ମ୍ୟାଚ୍** | **ଭେନ୍ୟୁ** |
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

**ଘୋଷିତ ଟେଷ୍ଟ ଦଳ**

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଦେବଦତ୍ତ ପାଡିକଲ, ଋଷଭ ପନ୍ତ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ (ଉଭୟେ ୱିକେଟରକ୍ଷକ/ ବ୍ୟାଟର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍, ମହମ୍ମଦ୍ ସିରାଜ, ନୀତୀଶ କୁମାର ରେଡ୍ଡୀ।

**ଦକ୍ଷିଣ ଆଫ୍ରିକା :** ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାକ୍ରାମ, ଟୋନି ଡି ଜୋର୍ଜି, ରିୟାନ ରିକେଟଲନ ଓ କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ଟ୍ରିଷ୍ଟାନ ଷ୍ଟବ୍‌ସ, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

## ଭିସା ପାଇବା ଲାଗି ଚୀନ ଦୂତାବାସର ସାହାଯ୍ୟ ମାଗିଲେ ନାଗଲ



ମେକ୍ସିକୋ ସିଟି, ୧୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍‌ରେ ଭାଗନେବା ପୂର୍ବରୁ ଚେଙ୍ଗଡୁରେ ଖେଳାଯିବ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ଭାଗନେବାକୁ ଭାରତର ନଂ-୧ ଟେନିସ ଖେଳାଳି ସୁମିତ ନାଗଲ ପଞ୍ଜୀକରଣ କରିଥିଲେ। ଚୀନ୍ ଯିବାକୁ ତାଙ୍କୁ ଭିସା ମିଳିଲାନି। କୌଣସି କାରଣ ନ ଦର୍ଶାଇ ଏହାକୁ ରଦ୍ଦ କରାଗଲା। ଭିସା ପାଇବାକୁ ସେ ଚୀନ୍ ଦୂତାବାସ୍‌ର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।

## ଐଶ୍ୱର୍ଯ୍ୟ ତୋମାରଙ୍କ ବିଶ୍ୱ ରେକର୍ଡ

କାଇରୋ, ୧୧।୧୧ (ସମିସ): ଭାରତର ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର ଆଜି ସୁଟିଂ ବିଶ୍ୱକପ୍‌ର ପୁରୁଷ ରାଇଫଲ-୩ ପୋଜିସନରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୱାଲିଫାଇଂରେ ସେ ଏହି ରେକର୍ଡ କରି ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଫାଇନାଲରେ ତାଙ୍କୁ ଦ୍ୱିତୀୟ ସ୍ଥାନରେ ରହିବାକୁ ପଡ଼ିଥିଲା ଓ ସେ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ।

## ଅଲିମ୍ପିକ୍ସରେ କେମିତି ଭାଗନେବେ ଟ୍ରାନ୍ସଜେଣ୍ଡର

ଲଣ୍ଡନ, ୧୧।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡର ଲୌରେଲ ହୁବାର୍ଡ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ଏହି ସଂସ୍କରଣ ସୁଦ୍ଧା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଟ୍ରାନ୍ସଜେଣ୍ଡରଙ୍କ ଲାଗି କୌଣସି ଯୋଗ୍ୟତାର ମାପକାଠି ନ ଥିଲା। କିନ୍ତୁ ମହିଳା ଆଥଲେଟଙ୍କୁ ସୁରକ୍ଷା ଦିଆଯିବ ବୋଲି ବର୍ତ୍ତମାନର ଅଲିମ୍ପିକ୍ କମିଟି ସଭାପତି କ୍ରିଷ୍ଟି କଭେଣ୍ଟ୍ରି ଘୋଷଣା କରିବା ପରେ ତୃତୀୟ ଲିଙ୍ଗ ବା ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଲାଗି ବିପଦ ସୃଷ୍ଟି ହୋଇଛି। ଏମାନଙ୍କୁ ଏକ ସ୍ୱତନ୍ତ୍ର କାଟାଗୋରୀରେ ରଖାଯିବ କିମ୍ବା ମହିଳାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ ତାହାର ସମାଧାନ ହୋଇପାରି ନାହିଁ। ପୂର୍ବରୁ କଭେଣ୍ଟ୍ରି ସମସ୍ତ କ୍ରୀଡ଼ା ମହାସଂଘକୁ ନିଜସ୍ୱ ଯୋଗ୍ୟତାର ମାପକାଠି ପ୍ରସ୍ତୁତ କରିବାକୁ କହିଥିଲେ। ଏବେ ସମସ୍ତେ ମହିଳା ଆଥ୍‌ଲେଟଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି କଭେଣ୍ଟ୍ରି ଘୋଷଣା କରିବା ପରେ ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଭବିଷ୍ୟତ କ'ଣ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ୨୦୨୬ ବିଶ୍ୱକପ୍ ପରେ ଅବସର ନେବି: ରୋନାଲ୍ଡୋ




ଦୁବାଇ,୧୧।୧୧ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ମୋର ଶେଷ ବିଶ୍ୱକପ୍ ଓ ଏହାର ବର୍ଷେ କିମ୍ବା ୨ ବର୍ଷ ପରେ ମୁଁ ପେସାଦାର ଫୁଟବଲରୁ ଅବସର ନେବି ବୋଲି ଘୋଷଣା କରିଛନ୍ତି ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ। ରୋନାଲ୍ଡୋଙ୍କ ବୟସ ଏବେ ୪୦ ଓ ଆସନ୍ତାବର୍ଷ ବିଶ୍ୱକପ୍ ବେଳକୁ ତାଙ୍କୁ ୪୧ ବର୍ଷ ହୋଇସାରିଥିବ। ଏହି ବିଶ୍ୱକପ୍ ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବ। ୨୦୨୨ରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଛାଡିବା ପରେ ରୋନାଲ୍ଡୋ ୨୦୨୩ରୁ ସାଉଦି ଆରବର ଅଲ ନାସର କ୍ଲବ୍ ପକ୍ଷରୁ ମୋଟା ପାଉଣାରେ ଖେଳୁଛନ୍ତି। କ୍ଲବ୍ ଓ ଅନ୍ତର୍ଜାତୀୟ ଫୁଟବଲରେ ରୋନାଲ୍ଡୋ ୯୫୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

### ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟ

## ଭାରତ ୧୦ ୱିକେଟରେ ବିଜୟୀ



ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଶ୍ରୀଲଙ୍କାକୁ ୧୦ ୱିକେଟରେ ପରାସ୍ତ କରି ଭାରତ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବରଖମ୍ବା ରୋଡରେ ଥିବା ମଡର୍ଣ୍ଣ ସ୍କୁଲ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମୁକାବିଲା ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୩.୩ ଓଭରରେ ମାତ୍ର ୪୧ ରନ୍ କରିଥିଲା। ଜବାବରେ ଭାରତ କୌଣସି ୱିକେଟ ନ ହରାଇ ମ୍ୟାଚ୍‌କୁ ୧୦ ୱିକେଟରେ ଜିତିନେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ଡ. ମହନ୍ତେଶ ଜି. କିଭାଦାସନାଭର, ସମ୍ପାଦକ ଶୈଳେନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନଭେମ୍ବର ୨୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା, ଅଷ୍ଟ୍ରେଲିଆ, ପାକିସ୍ତାନ ଓ ନେପାଳ ଟିମ୍ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପଏଣ୍ଟ ଭିତ୍ତିରେ ୪ଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୨୨ରେ ଦୁଇଟି ଯାକ ସେମିଫାଇନାଲ ଓ ୨୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ।



## ମା' ହେବେ ଜାବେଉର୍

ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ପୂର୍ବତନ ବିଶ୍ୱର ନଂ-୨ ଟେନିସ ଖେଳାଳି ତଥା ୩ଥରର ଗ୍ରାଣ୍ଡ ସ୍ଲାମ୍ ରନର୍ସଅପ୍ ଟ୍ୟୁନିସିଆର ଓନସ ଜାବେଉର ମା ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ନିଜେ ଘୋଷଣା କରିଛନ୍ତି ଓ ଆସନ୍ତା ଏପ୍ରିଲ ମାସରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ ବୋଲି କୁହାଯାଉଛି। ଏଥିଲାଗି ସେ ଟେନିସ ଖେଳରୁ କିଛି ଦିନ ଅବସର ନେବେ ଓ ପୁଣିଥରେ ରିଚାର୍ଜ ହୋଇ ଖେଳ ରିଷ୍ଟାର୍ଟ କରିବେ ବୋଲି ସାମାଜିକ ଗଣମାଧ୍ୟମ ସଂସ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଜାବେଉର ପୋଷ୍ଟ କରି ଜଣାଇଛନ୍ତି।

### ରଣଜୀ ଟ୍ରଫି

## ଓଡ଼ିଶାର ଆଉ ଏକ ଲଜ୍ଜାଜନକ ପରାଜୟ

### ବିଦର୍ଭଠାରୁ ୧୦୦ ରନ୍‌ରେ ହାରିଲା

କଟକ,୧୧।୧୧(ସମିସ):

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କଲାଣି। ପ୍ରଥମ ୪ଟି ମୁକାବିଲାରେ ଦଳ ୩ଟି ପରାଜୟର ସମ୍ମୁଖୀନ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଥିବା ଯୋଗୁଁ ଓଡ଼ିଶା ମାତ୍ର ୧ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି। ମଙ୍ଗଳବାର ଶେଷ ହୋଇଥିବା ୪ର୍ଥ ଲିଗ୍‌ରେ ଓଡ଼ିଶାକୁ ୧୦୦ରନରେ ବିଦର୍ଭ ପରାସ୍ତ କରିଛି। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଆଉ ୩ଟି ମ୍ୟାଚ୍ ଖେଳିବ। ତେବେ ତାମିଲନାଡୁ, ଝାଡଖଣ୍ଡ ଭଳି ଦଳକୁ ହରାଇ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବା କାଠିକର ପାଠ। ଏଣୁ ଓଡ଼ିଶା ଚଳିତ ସିଜନରେ ଅଭିଯାନ ଶେଷ କରିଛି ବୋଲି କୁହାଯାଇପାରେ।

ନାଗପୁରରେ ଖେଳାଯାଇଥିବା ଓଡ଼ିଶା ଏବଂ ବିଦର୍ଭ ବିପକ୍ଷ ମ୍ୟାଚ୍ ନାଟକୀୟ ଢଙ୍ଗରେ ଶେଷ ହୋଇଥିଲା। ଓଡ଼ିଶାର ବିଜୟ ଆଶା ରହିଥିବା ସତ୍ତ୍ୱେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଦଳ ପାଇଁ ବୋଝ ସାବ୍ୟସ୍ତ ହେଲାଣି। ୩୪୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବିନା ୱିକେଟରେ ୪୪ରନ ସଂଗ୍ରହ କରିଥିଲା। ଓପନର ସ୍ୱସ୍ତିକ ସାମଲ ୨୫ରନ ଏବଂ ଗୌରବ ଚୌଧୁରୀ ୧୭ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଚମତ୍କାର ଶୈଳୀରେ ରନ୍ ସଂଗ୍ରହ କରି ଓଡ଼ିଶାର ବିଜୟ ଲକ୍ଷ୍ୟକୁ ଛୁଇଁବାରେ ଲାଗିଥିଲେ। ତେବେ ୨୪ତମ ଓଭରର ଶେଷ ବଲରେ ବିଦର୍ଭକୁ ପ୍ରଥମ ସଫଳତା ମିଳିଥିଲା। ବାମହାତୀ ଅର୍ଥୋଡକ୍ସ ପାର୍ଥ ରେଖାଡେ ୪୮ ରନରେ ଗୌରବଙ୍କୁ ଏଲବିଡବ୍ଲ୍ୟୁ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ଏହି ୱିକେଟ ମ୍ୟାଚ୍‌ର ଦୃଶ୍ୟପଟ ବଦଳାଇ ଦେଇଥିଲା। ଦଳୀୟ ସ୍କୋର ୧୦୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶା କ୍ରମାଗତ ୱିକେଟ ହରାଇ ବିଦର୍ଭ ହାତକୁ ମ୍ୟାଚ୍ ଟେକି ଦେଇଥିଲା। ଅନ୍ୟତମ ଓପନର ସ୍ୱସ୍ତିକ ୬୫ରନରେ ରେଖାଡେଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ସନ୍ଦୀପ ପଟ୍ଟନାୟକ ୨୭ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ରନ, ସମ୍ବିତ ବରାଳ ୪ରନ, ରାଜେଶ ଧୂପର ୧ରନରେ ପ୍ୟାଭିଲିୟନ ବାହୁଡିଥିଲେ। ୬ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦାର ୪୬ରନର ପାଳି ଖେଳିଥିଲେ ସୁଦ୍ଧା ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ନଥିଲା। ନିମ୍ନକ୍ରମରେ ରାଜେଶ ମହାନ୍ତି ୬ରନ, ଜାମଳା ଭଞ୍ଜନ ମହାପାତ୍ର ୭ରନ, ବାଦଲ ବିଶ୍ୱାଳ ୫ରନ, ତାପସ ଦାସ ୨ରନ କରିଥିଲେ। ରେଖାଡେଙ୍କୁ ୮୦ରନ ବ୍ୟୟରେ ୫ଟି ଓ ପ୍ରଫୁଲ ହିଙ୍ଗେଙ୍କୁ ୩ଟି ୱିକେଟ ମିଳିଥିଲା। ୧୬ ତାରିଖରୁ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ୫ମ ଲିଗ୍ ମ୍ୟାଚ୍ ଖେଳିବ।

**ପ୍ରଥମ ୪ଟି ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ**

ପ୍ରଥମ ମ୍ୟାଚ୍ (ବାରବାଟୀ)
ବରୋଦାଠାରୁ ୭ ୱିକେଟରେ ପରାସ୍ତ

ଦ୍ୱିତୀୟ ମ୍ୟାଚ୍ (ଲକ୍ଷ୍ନୌ)
ମ୍ୟାଚ୍ ଡ୍ର, ୟୁପିଠାରୁ ପ୍ରଥମ ଇନିଂସ ପଛୁଆ

ତୃତୀୟ ମ୍ୟାଚ୍ (ବାରବାଟୀ)
ଆନ୍ଧ୍ରଠାରୁ ଇନିଂସ ଓ ୫୦ ରନ୍‌ରେ ପରାସ୍ତ

ଚତୁର୍ଥ ମ୍ୟାଚ୍ (ନାଗପୁର)
ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ

ପଞ୍ଚମ ମ୍ୟାଚ୍ (ଭୁବନେଶ୍ୱର)
ବନାମ ନାଗାଲାଣ୍ଡ(ପ୍ରଥମ ବିଜୟ ଆଶା)

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS